

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୦୫ ● ୧୪ ମଇ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-105 ● 14th May 2025, Wednesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ପଣ୍ଡ ହୋଇଗଲା ପାକ୍ ପ୍ରୋପାଗଣ୍ଡା

# ସଶସ୍ତ୍ରବାହିନୀର ଅଦମ୍ୟ ନିଷ୍ଠା ଓ ସମର୍ପଣ ଭାବକୁ ସାଲ୍ୟୁଟ୍



**ନୂଆଦିଲ୍ଲୀ, ୧୩/୦୫**

ପଞ୍ଜାବର ଆଦମପୁର ଏୟାରବେସ୍‌ରେ ମଙ୍ଗଳବାର ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପହଞ୍ଚି ସେଠାରେ ଯବାନଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ଯବାନଙ୍କ ସାହସକୁ ଆହୁରି ବଢାଇବା ସହ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ବୀର ଯବାନଙ୍କ ସହିତ କଥାବାର୍ତ୍ତା କରିଥିଲେ ପ୍ରଧାନମନ୍ତ୍ରୀ। ସେହିପରି ଯବାନମାନେ ମଧ ବର୍ତ୍ତମାନର ପରିସ୍ଥିତି ବିଷୟରେ ପ୍ରଧାନମନ୍ତ୍ରୀଙ୍କ କଥା ହୋଇଥିଲେ। ଆଦମପୁରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପହଞ୍ଚି ପାକିସ୍ତାନର ମିଥ୍ୟା ପ୍ରଚାରକୁ ସାମ୍ନାକୁ ଆଣିଛନ୍ତି। ପାକିସ୍ତାନ ମିଥ୍ୟା ଦାବି କରିଥିଲା ଯେ, ଭାରତୀୟ ସାମରିକ ଘାଟିଗୁଡ଼ିକୁ କ୍ଷତି ପହଞ୍ଚାଇଛି। ଏ ସମ୍ପର୍କରେ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଭାବରେ କହିଥିଲେ *(ପୃଷ୍ଠା ୭ରେ)*

### ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଳାପ ସୈନିକର ମନୋବଳକୁ ଦୃଢ଼ କରିବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩/୦୫**
**ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦମପୁର ଏୟାରବେସ୍ ପରିଦର୍ଶନ କେବଳ ଏକ ଔପଚାରିକତା ନୁହେଁ, ବରଂ ଆମ ବୀର ସୈନିକମାନଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ସମ୍ମାନର ପ୍ରତୀକ। ବୀର ଯୋଦ୍ଧାମାନଙ୍କ ସହିତ ତାଙ୍କର ବାର୍ତ୍ତାଳାପ, ରାଷ୍ଟ୍ରରକ୍ଷାରେ ନିୟୋଜିତ ପ୍ରତ୍ୟେକ ସୈନିକର ମନୋବଳକୁ ଦୃଢ଼ କରିବ ବୋଲି ସୋସିଆଲ ସାଇଟ୍ ଏକ୍ସରେ ଉଲ୍ଲେଖ କରିଛନ୍ତି ମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

## ମୟୂରଭଞ୍ଜରେ ୧୦ ହଜାର କୋଟିର ଶିଳ୍ପ ପ୍ରତିଷ୍ଠା ହେବ

# ୧୧ ମାସରେ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ସମର୍ଥ ହୋଇଛୁ



**ଭୁବନେଶ୍ୱର/ବିଶୋଇ ୧୩/୦୫**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମୟୂରଭଞ୍ଜର ବିଶୋଇ ଠାରେ ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଉର୍ଦ୍ଧ୍ୱଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ବିଶୋଇ ବ୍ଲକ ମୁଖ୍ୟାଳୟ ଠାରେ ଏକ +୨ ମହାବିଦ୍ୟାଳୟ ସ୍ଥାପନ କରିବା ପାଇଁ ଓ ବିଶୋଇ ସ୍ଥିତ ମିନି ଷ୍ଟାଡିୟମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ଏବଂ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାପାଇଁ ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ସୂଚନାଯୋଗ୍ୟ ଯେ ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଉର୍ଦ୍ଧ୍ୱଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ମଧ୍ୟରେ ୩୨୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୩୩ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ୯୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୫୨ ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଶୋଇ ମିନିଷ୍ଟାଡିୟମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୟୂରଭଞ୍ଜ ଜିଲ୍ଲାର ବିକାଶ ଯାତ୍ରାରେ ଏ ସବୁ ପ୍ରକଳ୍ପ ଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଲା। ଆଜି ଦିନଟି ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସମସ୍ତ ପ୍ରକଳ୍ପ ଗୁଡ଼ିକ ରାଇରଙ୍ଗପୁର, କୁସୁମି, ବିଜାତଳା, ବହଳଦା, ଜାମ୍‌ଦା, ତିରିଂ ଅଞ୍ଚଳରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଏହି ସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି କରଣ, ବ୍ୟାଙ୍କ ସୁବିଧା, ସ୍ୱାସ୍ଥ୍ୟକେନ୍ଦ୍ର, ସଡକ ନିର୍ମାଣ ପ୍ରକଳ୍ପ, ଆଦିବାସୀ ସଂସ୍କୃତି ଭବନ ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ, ଗତ ୧୧ ମାସରେ ଆମେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ସମର୍ଥ ହୋଇଛୁ। ଏହି ସ୍ୱଳ୍ପ ସମୟ ମଧ୍ୟରେ ଶ୍ରୀମନ୍ଦିରର ଚାରିଦ୍ୱାର *(ପୃଷ୍ଠା ୭ରେ)*

### ଓପିଏସ୍‌ସି ଓ ଓଏସ୍‌ଏସ୍‌ସିର ସଦସ୍ୟ ନିଯୁକ୍ତ

**ଭୁବନେଶ୍ୱର, ୧୩/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ମଙ୍ଗଳବାର ଓପିଏସସି ଓ ଓଏସଏସସିର ସଦସ୍ୟ ନିଯୁକ୍ତ କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ମିହିର ପ୍ରସାଦ ମିଶ୍ର ଓପିଏସସିର ସଦସ୍ୟ ନିଯୁକ୍ତ ହୋଇଛନ୍ତି। ଶ୍ରୀ ମିଶ୍ର ବର୍ତ୍ତମାନ ପୁରୀ ଏସସିଏସ୍ କଲେଜର ଅଧ୍ୟକ୍ଷ ଅଛନ୍ତି। ଆଇଏଏସ୍ ଅଧିକାରୀ ଉଦୟ ନାରାୟଣ ଦାସ ଓପିଏସସିର ସଦସ୍ୟ ନିଯୁକ୍ତ ହୋଇଛନ୍ତି। ଉଭୟଙ୍କୁ ୬ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ସେହିପରି ପ୍ରଫେସର ଶ୍ରୁତି ଦାସ ଓ ଅବସରପ୍ରାପ୍ତ ଆଇଏଏସ୍ ସୁଧାକର ବୁର୍ଗୀଙ୍କୁ ଓଏସଏସସିର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଉଭୟଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର।

### ଆଣ୍ଡାମାନ ଛୁଇଁଲା ମୌସୁମୀ ବାୟୁ

**ନୂଆଦିଲ୍ଲୀ, ୧୩/୫**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ଛୁଇଁଛି । ଆଣ୍ଡାମାନ ଛୁଇଁବା ପରେ ମଙ୍ଗଳବାର ଦକ୍ଷିଣ ବଙ୍ଗୋପସାଗର ଓ ଦକ୍ଷିଣ ଆଣ୍ଡାମାନରେ ଆଗକୁ ବଢିବ ମୌସୁମୀ ବାୟୁ। ଏହାପରେ ନିକୋବର ଦ୍ୱୀପ ଓ ଉତ୍ତର ଆଣ୍ଡାମାନର କିଛି ଅଞ୍ଚଳକୁ ଅଗ୍ରସର ହେବ। ଆଇଏମଡିର ସୂଚନାନୁସାରେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକୁ ମୌସୁମୀର ଅଗ୍ରଗତି ପାଇଁ ବାୟୁମଣ୍ଡଳ ଏବଂ ଅନ୍ୟାନ୍ୟ ପରିସ୍ଥିତି ଅତ୍ୟନ୍ତ ଅନୁକୂଳ ରହିଛି। ଫଳସ୍ୱରୂପ ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ ସହିତ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପର ଅନେକ ଅଂଶରେ ମଧ୍ୟମରୁ ପ୍ରବଳ ବର୍ଷା, ଝଡ଼ବର୍ଷା ଏବଂ ଝଡ଼ ପବନ ହେବାର ସମ୍ଭାବନା ରହିଛି।

## କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ଗ୍ରହଣୀୟ ନୁହେଁ

# ପିଓକେ ଭାରତର, ତୁରନ୍ତ ଖାଲିକରୁ ପାକିସ୍ତାନ



**ନୂଆଦିଲ୍ଲୀ ୧୩/୫**

ଜମ୍ମୁ-କଶ୍ମୀର ସହିତ ଜଡ଼ିତ ଯେକୌଣସି ପ୍ରସଙ୍ଗ ଦ୍ୱିପାକ୍ଷିକ। କାଶ୍ମୀରକୁ ନେଇ ମଧ୍ୟସ୍ଥତା କରାଯିବ ନାହିଁ। ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ପାକିସ୍ତାନ ଖାଲିକରୁ। କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତାକୁ ଭାରତ ଗ୍ରହଣ କରିବ ନାହିଁ। ଆମର ଏକ ଦୀର୍ଘକାଳୀନ ନୀତି ଅଛି। ସେହି ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ରଣଧୀର ଜୟସ୍ୱାଲ ପ୍ରକାଶ କରିଛନ୍ତି। ଜମ୍ମୁ-କଶ୍ମୀରରେ ଦ୍ୱିପାକ୍ଷିକ ପ୍ରସଙ୍ଗରେ ବୈଦେଶିକ ମନ୍ତ୍ରଣାଳୟର ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ କଶ୍ମୀର କେବଳ ଦ୍ୱିପାକ୍ଷିକ ପ୍ରସଙ୍ଗ। ପିଓକେ ଭାରତର, ତୁରନ୍ତ ଖାଲିକରୁ ପାକିସ୍ତାନ। ବାକି ଥିବା ବିଷୟ ହେଉଛି ପାକିସ୍ତାନ ଦ୍ୱାରା ଅବୈଧ ଭାବରେ ଅଧିକୃତ ଭାରତୀୟ ଅଞ୍ଚଳକୁ ମୁକ୍ତ କରିବା। ପାକିସ୍ତାନକୁ ଗୁଳିର ଜବାବ ଗୁଳିରେ ଦିଆଯିବ ବୋଲି ସେ କହିଛନ୍ତି।

ଶ୍ରୀ ଜୟସ୍ୱାଲ କହିଥିଲେ ଯେ, ମେ’ ୧୦ରେ ପାକିସ୍ତାନରୁ ଫୋନ *(ପୃଷ୍ଠା ୭ରେ)*

## ପ୍ରକାଶ ପାଇଲା ସିବିଏସ୍‌ଇ ପରୀକ୍ଷା ଫଳ

# ଦ୍ୱାଦଶରେ ୮୮.୩୯%, ଦଶମରେ ୯୩.୬୦% ପାସ୍‌ହାର, ପୁଅଙ୍କୁ ଟପିଲେ ଝିଅ

**ନୂଆଦିଲ୍ଲୀ, ୧୩/୦୫**

ମଙ୍ଗଳବାର ପ୍ରକାଶ ପାଇଛି ସିବିଏସ୍‌ଇ ପରୀକ୍ଷା ଫଳ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦ୍ୱାଦଶ ଓ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଦ୍ୱାଦଶରେ ପାସ୍ ହାର ୮୮.୩୯ ପ୍ରତିଶତ ରହିଛି । ଗତ ବର୍ଷ ତୁଳନାରେ ଏହା ୦.୧୪% ବୃଦ୍ଧି । ସେହିପରି ଏହି ପରୀକ୍ଷାରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ପ୍ରଦର୍ଶନ ଭଲ ରହିଛି । ଦେଶରେ ଛାତ୍ରୀଙ୍କ ପାସ୍‌ହାର ୯୧.୬୪% ରହିଥିବା ବେଳେ ଛାତ୍ରଙ୍କ ପାସ୍‌ହାର ୮୫.୭୦ ପ୍ରତିଶତ ରହିଛି । www.cbseresults.nic.inରେ ରେଜଲ୍ଟ ଉପଲବ୍ଧ ହୋଇଛି । ଡିଜି ଲକର ୱେବ୍‌ସାଇଟ୍‌ରେ ରେଜଲ୍ଟ ଦେଖିପାରିବେ ଛାତ୍ରଛାତ୍ରୀ । ଓଡ଼ିଶାରେ




ପାସହାର ୭୮.୭୪ ପ୍ରତିଶତ ରହିଛି । ୪୦ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୩୨ହଜାରରୁ ଅଧିକ ଛାତ୍ରଛାତ୍ରୀ ପାସ କରିଛନ୍ତି । ଭୁବନେଶ୍ୱର ଜୋନରେ ମୋଟ ୮୩.୬୪ପ୍ରତିଶତ ପାସ୍‌ହାର ରହିଥିବା ବେଳେ ସେଥିମଧ୍ୟରୁ ୬୬.୦୫ ପ୍ରତିଶତ ଛାତ୍ରୀ ରହିଛନ୍ତି ଏବଂ ୮୦.୬୬ ପ୍ରତିଶତ ଛାତ୍ର ପାସ କରିଛନ୍ତି। ଚଳିତ ବର୍ଷ ୧୬ଲକ୍ଷ ୩୩ହଜାର ୬୩୦ଜଣ *(ପୃଷ୍ଠା ୭ରେ)*

# ଋଣ ନେବାରେ ଦେଶର ତାମିଲନାଡୁ ସମେତ ୬ ରାଜ୍ୟ ସବୁଠାରୁ ଆଗରେ




**ନୂଆଦିଲ୍ଲୀ, ୧୩।୫**

ରାଜ୍ୟଗୁଡ଼ିକର ଋଣ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟଗୁଡ଼ିକର ଋଣ ବହୁତ ବୃଦ୍ଧି ପାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫ରେ ଲଗାତାର ପଞ୍ଚମ ବର୍ଷ ପାଇଁ ତାମିଲନାଡୁ ଭାରତୀୟ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ ଋଣ ପରିମାଣ ଗ୍ରହଣ କରିଛି। କେବଳ ଏପ୍ରିଲ ୨୦୨୪ରୁ ଫେବୃୟାରୀ ୨୦୨୫ ମଧ୍ୟରେ, ତାମିଲନାଡୁର ମୋଟ ଋଣ ୧,୦୧,୦୨୫ କୋଟି ଟଙ୍କା ଥିଲା। ରାଜ୍ୟଗୁଡ଼ିକ ସେମାନଙ୍କର ଖର୍ଚ୍ଚ ଆବଶ୍ୟକତା ପୂରଣ କରିବା ପାଇଁ ବଣ୍ଡ ଜାରି କରି ଏହି ଋଣଗୁଡ଼ିକ ସଂଗ୍ରହ କରନ୍ତି, ଯାହାକୁ ରାଜ୍ୟ ବିକାଶ ଋଣ କୁହାଯାଏ। ଯେତେବେଳେ ଏହି ପରିମାଣ ସଂଗ୍ରହ କରାଯାଏ, ଏହାକୁ ରାଜ୍ୟର ବିକାଶ ପାଇଁ ବ୍ୟବହାର କରାଯାଏ। ଆର୍ଥିକ ବର୍ଷ ୨୦୨୧ରୁ ଫେବୃୟାରୀ ୨୦୨୫ ପର୍ଯ୍ୟନ୍ତ, ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମାର୍କେଟ ବଣ୍ଡ ମାଧ୍ୟମରେ ୪୧.୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ତାମିଲନାଡୁ ସର୍ବାଧିକ ୪.୮ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛି, ଯାହା ମୋଟ ଋଣ ଅଂଶର ପ୍ରାୟ ୧୨ ପ୍ରତିଶତ। ଦ୍ୱିତୀୟ ସ୍ଥାନରେ ରହିଛି *(ପୃଷ୍ଠା ୭ରେ)*

# ସଚିବସ୍ତରୀୟ ବୈଠକରେ ନୂଆ ଯୋଜନାର କାର୍ଯ୍ୟକାରିତା ଓ ଖାଲି ପଦବୀ ପୂରଣ ନେଇ ଆଲୋଚନା



**ଭୁବନେଶ୍ୱର, ୧୩/୦୫**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ନୂତନ ଯୋଜନାର କାର୍ଯ୍ୟକାରିତା, ବିଭାଗମାନଙ୍କରେ ଖାଲିଥିବା ପଦବୀ ପୂରଣ, ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଧାରିତ ଅବସରକାଳୀନ ପ୍ରାପ୍ୟ ଓ ପେନସନ ପ୍ରଦାନ, ସଚିବମାନଙ୍କ ଜିଲ୍ଲାଗସ୍ତ ପର୍ଯ୍ୟବେକ୍ଷଣ ସହିତ ସଂପର୍କିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସର ଦାବି

**ଭୁବନେଶ୍ୱର, ୧୩/୦୫**
**ନ୍ୟୁଜ ବ୍ୟୁରୋ**

ପହେଲାଗାମ ଆକ୍ରମଣ, ଅପରେସନ ସିନ୍ଦୁର ଓ ଆମେରିକା ରାଷ୍ଟ୍ରପତି ଡୋନାଲ ଟ୍ରମ୍ପଙ୍କ ସିଜ ଫାୟାର ଘୋଷଣା ନେଇ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ କଂଗ୍ରେସ ବିଧାୟକ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ୍ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

**ବୃହସ୍ପତି ସଞ୍ଚାର-୨୦୨୫**
ପୃଷ୍ଠା-୩
ବିଦୁଷୀ ଦୀପ୍ତିରେଖା
(ପାଞ୍ଜି ଗଣକ)

### ଏକାଳ ପଖାଳ



ଗର୍ବ ଆମର ଶୌର୍ଯ୍ୟ ଆମର
ଆମ ପରାକ୍ରମୀ ସେନା
ଶତ୍ରୁ ଥରହର ହେବା ନିଶ୍ଚୟ
ରହିବାକୁ ତାକୁ ମନା
ଉଡାଏ ବିଜୟ ବାନା
ପଡୋଶୀ ସବୁ ସଂଯତରେ ରୁହ
ନହେଲେ ବାଜିବ ....ଅନ୍ନା !!

# ଓଡ଼ିଶା ଟପ୍ ପରଫର୍ମର : ଶିଳ୍ପ ଅଭିବୃଦ୍ଧିରେ ୧ ନମ୍ବର



**ଭୁବନେଶ୍ୱର, ୧୩/୦୫**
**ନ୍ୟୁଜ ବ୍ୟୁରୋ**

ଗତ ଦଶନ୍ଧିରେ ଅର୍ଥନୈତିକ ଅଭିବୃଦ୍ଧିରେ ଦେଶର ବିଭିନ୍ନ ରାଜ୍ୟ ଗୁଡ଼ିକ ମଧ୍ୟରେ ବଡ଼ ପାର୍ଥକ୍ୟ ରହିଛି । ଏଭଳି ସ୍ଥିତିରେ ଅର୍ଥନୀତିର ବିଭିନ୍ନ ମାନକକୁ ଦେଖିଲେ କର୍ଣ୍ଣାଟକ, ଓଡ଼ିଶା ଏବଂ ତେଲଙ୍ଗାନା ଭଳି ରାଜ୍ୟ ଗୁଡ଼ିକ ଟପ୍ ପରଫର୍ମର ଭାବେ ଉଭା ହୋଇଛନ୍ତି । ଗୁଜରାଟ ଏବଂ ଓଡ଼ିଶା ଶିଳ୍ପ ଭିତ୍ତିକ ଅଭିବୃଦ୍ଧି ଉପରେ ଏବେ ଫୋକସ କରିଛନ୍ତି । ଦଶନ୍ଧି ଧରି ଓଡ଼ିଶାର ଶିଳ୍ପ କ୍ଷେତ୍ର ବାର୍ଷିକ ୧୦% ହାରରେ ବଢ଼ିଛି । ଏ କ୍ଷେତ୍ରରେ ସବୁ ରାଜ୍ୟକୁ ପଛରେ ପକାଇ ଦେଇଥିବା ଇକ୍ରା ରିପୋର୍ଟରେ ପ୍ରକାଶ ପାଇଛି ।

ଆର୍ଥିକ ବର୍ଷ ୨୦୨୩-୨୪ରେ ରାଜ୍ୟ ଜିଡିପିରେ ଶିଳ୍ପର ଯୋଗଦାନ ୫୧% ଛୁଇଁଛି । ଏହା ମଧ ସାରା ଦେଶରେ ସର୍ବାଧିକ । ବିନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଯୋଗୁ ଏହା ହୋଇପାରିଛି । ସ୍ଥାୟୀ ମୂଲ୍ୟକୁ ଦେଖିଲେ ମୋଟ ରାଜ୍ୟ ମୂଲ୍ୟ ସଂଯୋଗ (ଜିଏସ୍‌ଭିଏ) ଅଭିବୃଦ୍ଧି ୭% । ଏ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଏହି ସମୟରେ ଜାତୀୟ ଅର୍ଥନୀତି ୫.୮% ହାରରେ ବଢ଼ିଛି । ଅର୍ଥାତ ଓଡ଼ିଶାର ପ୍ରଦର୍ଶନ ଜାତୀୟ *(ପୃଷ୍ଠା ୭ରେ)*

# ପୁଣି ହାତ ପତେଇବ ପାକିସ୍ତାନ : ୩ ଦିନ ଯୁଦ୍ଧରେ ୩୩ ହଜାର କୋଟି କ୍ଷତି

**ନୂଆଦିଲ୍ଲୀ ୧୩/୦୫**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏବେ ଯୁଦ୍ଧ ବିରତି ଘୋଷଣା ହୋଇଛି । ଉଭୟ ଦେଶ ମଧ୍ୟରେ ହୋଇଥିବା ଯୁଦ୍ଧରେ ପାକିସ୍ତାନକୁ ବଡ଼ ଧରଣର କ୍ଷତି ସହିବାକୁ ପଡ଼ିଛି । ୩ ଦିନରୁ ସାମାନ୍ୟ ଅଧିକ ଚାଲିଥିବା ଏହି ଯୁଦ୍ଧରେ ପାକିସ୍ତାନକୁ ୪ ବିଲିୟନ ଡଲାର (୩୩,୪୦୦ କୋଟି)ର କ୍ଷତି ସହିବାକୁ ପଡ଼ିଛି । ଏହି ରାଶି ଆଇଏମ୍‌ଏମ୍ ଠାରୁ ନିକଟରେ ମିଳିଥିବା ୨.୪ ବିଲିୟନ ଡଲାରର ଋଣ ଠାରୁ ଅଧିକ ରହିଛି । ଏଭଳି ସ୍ଥିତିରେ ପାକିସ୍ତାନ ପୁଣି ଥରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) କିମ୍ବା ବିଶ୍ୱର ଅନ୍ୟ ପ୍ରମୁଖ ଏଜେନ୍ସିଙ୍କ ସାମ୍ନାରେ ଅର୍ଥ ଲାଗି ହାତ ପତେଇବାକୁ ପଡ଼ିବ ବୋଲି ଆକଳନ କରାଯାଇଛି ।

ଗତ ମାସରେ ପହଲ୍‌ଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା । ଭାରତ ‘ଅପରେସନ ସିନ୍ଦୂର’ ଦ୍ୱାରା ପାକିସ୍ତାନ ଏବଂ ପିଓକେରେ ଥିବା ଆତଙ୍କବାଦୀ ଠିକଣା ଉପରେ ଟାର୍ଗେଟ କରିଥିଲା । ପାକିସ୍ତାନ ଏଥିରେ ଉତକ୍ଷିପ୍ତ ହୋଇ ଭାରତୀୟ ସେନା ଏବଂ ସୀମାରେ ଲାଗିଥିବା ଗ୍ରାମ ଗୁଡ଼ିକର ସାଧାରଣ ନାଗରିକଙ୍କୁ ଆକ୍ରମଣ କରିଥିଲା । ପାକିସ୍ତାନର ଏହି ଆକ୍ରମଣକୁ ଦୃଢ଼ ଜବାବ ଦେଇଥିଲା । ଭାରତର ଏୟାର ଡିଫେନ୍ସ *(ପୃଷ୍ଠା ୭ରେ)*







ଉପସ୍ଥାପନା - ବିଦୁଷୀ ଦୀପ୍ତିରେଖା (ପାଞ୍ଜି ଗଣକ)

# ବୃହସ୍ପତି ସଞ୍ଚାର-୨୦୨୫

"ସଫଳଂ ଜ୍ୟୋତିଷଶାସ୍ତ୍ରଂ-ଯାବତ୍ ଚନ୍ଦ୍ରାର୍କ ମେଦିନୀ" ଅର୍ଥାତ୍ ଜ୍ୟୋତିଷ ଶାସ୍ତ୍ରର ସାଫଲ୍ୟତା ଏ ପୃଥିବୀରେ ସୂର୍ଯ୍ୟ ଚନ୍ଦ୍ର ଥିବାଯାଏ ରହିଛି ଓ ରହିଥିବ । ସେହି ଶାସ୍ତ୍ରକୁ ଅନୁଶୀଳନ କରି ଗ୍ରହ ନକ୍ଷତ୍ରର ଚଳନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥାଏ । ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସହିତ ମଣିଷର ସୁଖ ଦୁଃଖ ଭଲ ମନ୍ଦ ବର୍ଣ୍ଣନା କରାଯାଏ । ସେ କ୍ରମରେ ଗୋଟିଏ ବର୍ଷ ମଧ୍ୟରେ ବୃହସ୍ପତି ଥରଟିଏ ଚଳନ କରିଥାନ୍ତି । ପରନ୍ତୁ ଏ ବର୍ଷ ମଧ୍ୟରେ ଦେବଗୁରୁ ୨ ଥର ଏବଂ ଉତ୍କଳୀୟ ବର୍ଷ ଅନୁଯାୟୀ ୩ ଥର ଚଳନ କରିବେ । ଏତଦ୍ ବ୍ୟତୀତ ମୀନ ଶନି ସାଂପ୍ରତିକ ପରିସ୍ଥିତିରେ ମଧ୍ୟ ଭୋଗ ହେଉଅଛନ୍ତି । ତେଣୁ ପୃଥିବୀରେ ତାର ଭୟଙ୍କର ପରିଣାମ ପ୍ରତିଫଳିତ ହେବାର ଅନୁମେୟ ।

ଗତ ୨୦୨୪ ମଇ ମାସରେ ବୃହସ୍ପତି ମେଷ ରାଶିରୁ ବୃଷ ରାଶିକୁ ଚଳନ କରିଥିଲେ । ଚନ୍ଦ୍ରମାସ ଅନୁଯାୟୀ ଠିକ୍ ତେର ମାସ ପରେ ମଇ ୧୪ ତାରିଖ ରାତ୍ରରେ ଦେବଗୁରୁ ବୃହସ୍ପତି ବୃଷ ରାଶି ତ୍ୟାଗ କରି ମିଥୁନ ରାଶିରେ ପ୍ରବେଶ କରିବେ । ପରବର୍ତ୍ତୀ ପର୍ଯ୍ୟାୟରେ ଅକ୍ଟୋବର ମାସରେ ଅର୍ଥାତ୍ ତା୧୮।୧୦।୨୦୨୫ ସନ୍ଧ୍ୟା ପରେ କର୍କଟ ରାଶିକୁ ଚଳନ କରିବେ । ପୁନଶ୍ଚ ତା୫।୧୨।୨୦୨୫ ଠିକ୍ ସନ୍ଧ୍ୟା ସମୟରେ ମିଥୁନ ରାଶିକୁ ବକ୍ର ଚଳନ କରିବେ । ପ୍ରତି ତେର ମାସରେ ଥରୁଟିଏ ଚଳନ କରୁଥିବା ବୃହସ୍ପତି ଚଳିତ ବର୍ଷ ଆଗପଛ ହୋଇ ୩ ଥର ଚଳନ କରିବାର ଅଛି । ବୃହସ୍ପତି ଚଳନର ଫଳାଫଳ ସମ୍ପର୍କରେ ଜ୍ୟୋତିଷ ଶାସ୍ତ୍ରରେ ପ୍ରମାଣ ଅଛି -

ଜୀବେ ଦ୍ୱିତୀୟେ ଧନ ଧାନ୍ୟ ଭୋଗୀ
ସୁତାର୍ଥ ଲାଭ ନବ ପଞ୍ଚକେଷୁ,
ଯା' ମିତ୍ର ସଂସ୍ଥେ ବିପୁଳା ଚ ଲକ୍ଷ୍ମୀ
ଚୈକାଦଶେ ସର୍ବ ଶୁଭଂ ଦଦାତି ॥

ଦ୍ୱିତୀୟ, ନବମ, ପଞ୍ଚମ ଓ ଏକାଦଶ ଭାବରେ ବୃହସ୍ପତି ଯେଉଁ ରାଶିରେ ରହିବେ ସେ ରାଶି ଜାତ ବ୍ୟକ୍ତିମାନଙ୍କ ମଙ୍ଗଳ ସାଧିତ ହେବ । ଏହାଛଡ଼ା ଚଳନ ସମୟରେ ଯେଉଁ ରାଶିଙ୍କର ଚନ୍ଦ୍ର ଶୁଭ ସେମାନେ ମଧ୍ୟ ଶୁଭ ଫଳ ଲାଭ କରିବେ । ସେହିପରି ଅକ୍ଟୋବର ୧୮ ତାରିଖରେ ବୃହସ୍ପତି କର୍କଟକୁ ଯିବା ପରେ ମିଥୁନ, କନ୍ୟା, ବିଛା, ମକର ଓ ମୀନ ରାଶିର ବ୍ୟକ୍ତିମାନେ ଶୁଭଫଳ ପ୍ରାପ୍ତ ହେବେ । ତା'ଛଡ଼ା ଅନ୍ୟାନ୍ୟ ରାଶିମାନଙ୍କର ଅଶୁଭ ଫଳ ମିଳିବାର ପ୍ରମାଣ । ନିମ୍ନମତେ ସଂକ୍ଷିପ୍ତରେ ବୃହସ୍ପତି ଚଳନର ଫଳାଫଳ ଦ୍ୱାଦଶ ରାଶିର ବର୍ଣ୍ଣିତ ।



**ମେଷ:** ଆପଣ ଏ ଚଳନରେ ତୃତୀୟ ଓ ଚତୁର୍ଥ ଭାବରେ ବୃହସ୍ପତି ଭୋଗ ହେବେ । ଫଳରେ କର୍ମ କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଦୁଶ୍ଚିନ୍ତା ଓ ବୃଥା କଳହର ସମ୍ଭାବନା । ଦ୍ରବ୍ୟ ନଷ୍ଟ ଆଶଙ୍କା । ପାରିବାରିକ ଜଞ୍ଜାଳ ବୃଦ୍ଧି ହେବ । ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ଋଣ ଭାର ବୃଦ୍ଧି ପାଇବ ।



**ବୃଷ:** ଆପଣଙ୍କର ଆରମ୍ଭରୁ ଦ୍ୱିତୀୟ ବୃହସ୍ପତି ଭୋଗ ହେଲେ ମଧ୍ୟ ଅକ୍ଟୋବର ୧୮ରୁ ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ସାମୟିକ ଭାବରେ ତୃତୀୟ ହେବେ । ପାରିବାରିକ ଶାନ୍ତି ବଜାୟ ରହିବା ସହିତ ରୋଜଗାରରେ ଅଭିବୃଦ୍ଧି ହେବ । ତୃତୀୟ ବୃହସ୍ପତିରେ ବନ୍ଧୁ ମତାନ୍ତର ଯୋଗ । କର୍ମକ୍ଷେତ୍ରରେ ସହକର୍ମୀମାନେ କପଟତା ଆଚରଣ କରିବେ । ଦୂର ଯାତ୍ରାରେ ଆନନ୍ଦ ପ୍ରାପ୍ତି ।



**ମିଥୁନ:** ଚଳନ ଆରମ୍ଭରୁ ଆପଣଙ୍କର ଜନ୍ମ ଅକ୍ଟୋବରରୁ ଅଳ୍ପ କେତେ ଦିନ ପାଇଁ ଦ୍ୱିତୀୟ ବୃହସ୍ପତି ହେବେ । କର୍ମକ୍ଷେତ୍ରରେ ସ୍ଥାନ ଚ୍ୟୁତି ତଥା ମାନସିକ ଅଶାନ୍ତି ସୃଷ୍ଟି । ମନରେ ଅହଂକାର ଜାତ ହେବ । ବହୁ ସମୟରେ ଅଧୈର୍ଯ୍ୟ ହୋଇପଡ଼ିବେ । ଅଯଥା ଭ୍ରମଣର ଆଶଙ୍କା । ଅକ୍ଟୋବର ୧୮ ତାରିଖ ଠାରୁ ଡିସେମ୍ବର ୧୨ ତାରିଖ ମଧ୍ୟରେ ଆୟ ବୃଦ୍ଧି । ସାମାଜିକ ସମ୍ମାନ ପ୍ରାପ୍ତି ।



**କର୍କଟ:** ଏ ଚଳନରେ ଆପଣଙ୍କର ଦ୍ୱାଦଶ ଓ ଜନ୍ମ ବୃହସ୍ପତି ଭୋଗ ହେବେ । ଅଯଥା ଯୁକ୍ତିତର୍କ ହେବ । ଅର୍ଥାଭାବ ଦେଖାଦେବ । ଶତ୍ରୁମାନେ ପ୍ରତିହିଂସା ପରାୟଣ ହେବେ । କର୍ମକ୍ଷେତ୍ରରେ ଅଶାନ୍ତି ବୃଦ୍ଧି ପାଇବ । ପରିବାରରେ ରୋଗ ଶୋକ ଦେଖାଦେଇପାରେ । ଭ୍ରାତୃ ଦ୍ୱନ୍ଦ୍ୱର ଆଶଙ୍କା । ବହୁ ସମୟରେ ଅନ୍ୟମନସ୍କ ରହିବେ । ଗୁରୁଜନେ କ୍ରୋଧିତ ହେବେ ।



**ସିଂହ:** ଏ ଚଳନରେ ଏକାଦଶ ବୃହସ୍ପତି ଭୋଗ ହେଲେ ମଧ୍ୟ ବର୍ଷ ଶେଷରେ ଅଳ୍ପ ସମୟ ପାଇଁ ଦ୍ୱାଦଶ ହେବେ । ତଥାପି କର୍ମକ୍ଷେତ୍ରରେ ଉତ୍ସାହ ବୃଦ୍ଧି ପାଇବ । ବିଭିନ୍ନ ସୂତ୍ରରୁ ଅର୍ଥ ଆଗମ ହେବ । ଜମିବାଡ଼ି କ୍ରୟ ବା ନୂତନ ଗୃହ ପ୍ରବେଶର ସୁଯୋଗ ଆସିବ । ବନ୍ଧୁ ସହଯୋଗ ପାଇଲେ ମଧ୍ୟ ବନ୍ଧୁ ମତାନ୍ତର ଯୋଗ ରହୁଛି । ପରିବାରରେ ବହୁ ସମୟରେ ଯୁକ୍ତିତର୍କ ବା କଳହ ଆଶଙ୍କା ।



**କନ୍ୟା:** ଆପଣଙ୍କର ଏ ଚଳନରେ ଦଶମ ବୃହସ୍ପତି ଭୋଗ । ତେଣୁ ବହୁ ସମୟରେ ନିଜର ଔଦ୍ଧତ୍ୟ ପ୍ରକାଶ ପାଇବ । ହିତ ଅହିତ ଜ୍ଞାନର ଅଭାବ ପରିଲକ୍ଷିତ ହେବ । ଜମିଜମା ନିମନ୍ତେ ଦ୍ୱନ୍ଦ୍ୱ ବଢ଼ିବାର ଆଶା । ପରିବାରରେ ମାଙ୍ଗଳିକ କାର୍ଯ୍ୟରେ ବାଧା ସୃଷ୍ଟି । କର୍ମକ୍ଷେତ୍ରରେ ଅପମାନିତ ହେବାର ସମ୍ଭାବନା । ତଥାପି ନବମ ବୃହସ୍ପତି ଅକ୍ଟୋବର ମଧ୍ୟ ଭାଗରୁ ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ସୁଯୋଗ ଆଣିଦେବ ।



**ତୁଳା:** ଏ ଚଳନରେ ବକ୍ରୀ ଅବସ୍ଥାକୁ ଛାଡ଼ିଲେ ନବମ ବୃହସ୍ପତି ପ୍ରାୟତଃ ଦଶ ମାସ ଭୋଗ ହେବେ । ଫଳରେ ସାମାଜିକ ପ୍ରତିଷ୍ଠା ବଢ଼ିବ । ସନ୍ତାନ ସନ୍ତତିଙ୍କ ମାଧ୍ୟମରେ ଉନ୍ନତି ସାଧିତ ହେବ । କର୍ମକ୍ଷେତ୍ରରେ ନିଜର ଆଧିପତ୍ୟ ବଢ଼ିବ । ଯାନବାହାନ ବା ଜମିଜମା କ୍ରୟ କରିପାରନ୍ତି । କୌଣସି ଶୁଭ କର୍ମ କରି ଆନନ୍ଦିତ ହେବେ । ରାଜସମ୍ମାନ ଯୋଗ ।



**ବିଛା:** ଆପଣଙ୍କର ଗୋଚରରେ ଅଷ୍ଟମ ବୃହସ୍ପତି ଭୋଗ ହେବେ । ଫଳରେ ବହୁ ସମୟରେ ପାରିବାରିକ ଅଶାନ୍ତି ଲାଗି ରହିବା ସହିତ କର୍ମକ୍ଷେତ୍ରରେ ବ୍ୟସ୍ତତା ଅନୁଭବ କରିବେ । ଭଲ କଥାକୁ ମନ୍ଦ ବୋଲି ଭାବିବେ । ଆୟ ବ୍ୟୟ ସମାନ ରହିବ । ସାମୟିକ ସ୍ୱାସ୍ଥ୍ୟହାନିର ସୂଚନା । ବୃହସ୍ପତିଙ୍କ ବକ୍ରୀକାଳରେ କେତେକ ସୁଫଳ ଲାଭ କରିବାର ଆଶା ।



**ଧନୁ:** ସପ୍ତମ ବୃହସ୍ପତି ଏ ଚଳନରେ ଭୋଗ ହେବେ । ପରିବାରରେ ଶାନ୍ତି ବିରାଜମାନ କରିବ । କର୍ମକ୍ଷେତ୍ରରେ ସହଯୋଗ ଲାଭ କରିବେ । ସନ୍ତାନ ସନ୍ତତିଙ୍କ ପାଇଁ ନିଜକୁ ଗୌରବାନ୍ୱିତ ମନେ କରିପାରନ୍ତି । ପୁରାତନ ଅର୍ଥ ଲାଭର ସୁଯୋଗ ଆସିବ । ଶୁଭ କର୍ମ ପାଇଁ ତତ୍ପର ହେବେ । ଅକ୍ଟୋବର ମଧ୍ୟ ଭାଗରୁ ଶାରୀରିକ ପୀଡ଼ାରେ ପଡ଼ିପାରନ୍ତି ।



**ମକର:** ଏ ଚଳନରେ ଆପଣଙ୍କର ଷଷ୍ଠ ବୃହସ୍ପତି ଭୋଗ ହେବେ । ଫଳରେ ପରିବାରରେ ଅଶାନ୍ତି ଦେଖାଦେବ । କର୍ମକ୍ଷେତ୍ରରେ ଜଞ୍ଜାଳ ବୃଦ୍ଧି ପାଇବ । ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି । ଦୁଶ୍ଚିନ୍ତା ତଥା କଳହର ସମ୍ମୁଖୀନ ହେବାକୁ ପଡ଼ିବ । ରୋଜଗାର ପୂର୍ବପରି ସ୍ଥିର ରହିବ । ପଡ଼ୋଶୀଙ୍କ ରୋଷର ଶୀକାର ହେବେ । ସାମୁହିକ ବିବାଦରେ ପଡ଼ିପାରନ୍ତି ।



**କୁମ୍ଭ:** ପଞ୍ଚମ ବୃହସ୍ପତି ଆପଣଙ୍କୁ ସମସ୍ତ ପ୍ରକାର ଶୁଭଫଳ ପ୍ରଦାୟକ ହେବେ । କର୍ମକ୍ଷେତ୍ରରେ ଉତ୍ସାହିତ ହେବା ସଙ୍ଗେ ସଙ୍ଗେ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ପ୍ରଶଂସା ଭାଜନ ହେବେ । ପଦୋନ୍ନତିର ସମ୍ଭାବନା । ଆର୍ଥିକ ଦୃଷ୍ଟିରେ ଉନ୍ନତି । ବନ୍ଧୁ ସହଯୋଗ ଲାଭ ହେବ । କୌଣସି ଶୁଭ କାର୍ଯ୍ୟ କରିବେ ବା କରାଇବେ । ଆକସ୍ମିକ ସୁତାର୍ଥ ଲାଭର ଆଶା ।



**ମୀନ:** ଆପଣଙ୍କର ଏ ଚଳନରେ ଚତୁର୍ଥ ବୃହସ୍ପତି ଭୋଗ ହେବେ । ଫଳରେ କାର୍ଯ୍ୟ କ୍ଷେତ୍ରରେ ବିବିଧ ସମସ୍ୟା ମାନ ମୁଣ୍ଡ ଟେକିବ । ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କ ପାଖରେ ନିନ୍ଦିତ ହେବେ । ପାରିବାରିକ ଜୀବନରେ ଅସନ୍ତୋଷ ବୃଦ୍ଧି । ବହୁ ସମୟରେ ନିଜକୁ ଅପମାନିତ ବୋଧ କରିବେ । ଅକ୍ଟୋବର ମଧ୍ୟ ଭାଗରୁ ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ସାମାଜିକ ପ୍ରତିଷ୍ଠା ଓ ରୋଜଗାର ବୃଦ୍ଧି ହେବ ।

## ଚୋରା ମୋବାଇଲ୍ ଦ୍ୱାରା ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମୋବାଇଲ ଚୋରି କିମ୍ବା ହଜିଯିବା ପରେ ଆକାଉଣ୍ଟରୁ ଟଙ୍କା ଗାଏବ ମାମଲା ବଢ଼ିବାରେ ଲାଗିଛି । ଚୋରି ମୋବାଇଲରୁ ୟୁପିଆଇ ଜରିଆରେ ଲୁଟେରା ଲକ୍ଷଲକ୍ଷ ଟଙ୍କା ହଡ଼ପ କରିନେଉଛନ୍ତି । ଏଭଳି ମାମଲା ବର୍ତ୍ତମାନ । ସାଇବର ଥାନାରେ ବଢ଼ିବାରେ ଲାଗିଛି । ଗୋଟିଏ ଦିନରେ ୪ଟି ମୋବାଇଲ ଚୋରି ହେବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା ବେଳେ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଦର୍ଶାଯାଇଛି । ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଫାର୍ମାସିଷ୍ଟ ଭାବେ କାମ କରୁଥିବା ଦୀପ୍ତିରଂଜନ ସାହୁଙ୍କ ମୋବାଇଲ୍ ଚୋରି ହୋଇଯାଇଛି । ସେହି ମୋବାଇଲ୍‌ରୁ ୟୁପିଆଇରେ ୧ ଲକ୍ଷ ୪୦ ହଜାର ଟଙ୍କା ଲୁଟ୍ ହୋଇଥିବା ଜଣାପଡ଼ିବା ପରେ ସେ ଏବେ ସାଇବର୍ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି । ସେ ଅଭିଯୋଗ କରିଛନ୍ତି ଗତ ୮ ତାରିଖ ଦିନ ସେ ବସ୍‌ରେ ଯାତ୍ରା କରୁଥିବା ବେଳେ ଓଏମ୍ ନିକଟରେ ମୋବାଇଲ ଚୋରି ହୋଇଥିଲା । ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ସିମ୍ ବ୍ଲକ୍ କରିବାକୁ ଭୁଲିଯାଇଥିଲେ । ତେବେ ପରବର୍ତ୍ତୀ ସମୟରେ କାରବାର ବିବରଣୀ ଯାଞ୍ଚ କରିବା ସମୟରେ ତାଙ୍କ ଦୁଇଟି ଆକାଉଣ୍ଟରୁ ୬୪ ହଜାର ଓ ୭୪ ହଜାର ଟଙ୍କା ଗାଏବ୍ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ଦୀପ୍ତିଙ୍କ ଭଳି ଭୁବନେଶ୍ୱର ଆଖପାଖରେ ରହୁଥିବା ଅନ୍ୟ ତିନି ଜଣଙ୍କର ମଧ୍ୟ ସେହି ସମାନ ଅଭିଯୋଗ । ମୋବାଇଲ ହଜିବା ପରେ ଆକାଉଣ୍ଟରୁ ଟଙ୍କା ହଡ଼ପ ହୋଇଯାଇଥିବା ଜଣାପଡ଼ିଛି । ତେବେ ଏହି ଅଭିଯୋଗ ଉପରେ ସାଇବର ଥାନା ପକ୍ଷରୁ କୁହାଯାଇଛି ଯେ, ମୋବାଇଲ ଚୋରି କିମ୍ବା ହଜିବା ପରେ ଏହାକୁ ଆଦୌ ହାଲ୍‌କା ଭାବେ ନିଅନ୍ତୁ ନାହିଁ । ଅଧିକାଂଶ କ୍ଷେତ୍ରରେ ଲୁଟେରା ଚୋରି ହୋଇଥିବା ମୋବାଇଲ୍‌ରୁ ସିମ୍ କାଢ଼ି ଅନ୍ୟ ଏକ ଚୋରି ମୋବାଇଲ୍‌ରେ ପକାଇଥାଏ । ମୋବାଇଲ ନମ୍ବର ସହ ଅଧିକାଂଶ ପେମେଣ୍ଟ ଗେଟ୍‌ୱେ ଲିଙ୍କ୍ ରହିଥାଏ । ତେଣୁ ଚୋରି ହୋଇଥିବା ସିମ୍‌ରେ ଗୁଗଲ୍‌କୁ ଯାଇ ସମସ୍ତ ପେମେଣ୍ଟ ଗେଟ୍‌ୱେ ଡାଉନ୍‌ଲୋଡ କରିଥାଏ । ପେମେଣ୍ଟ ଗେଟ୍‌ୱେ ଲିଙ୍କ ହୋଇଯିବା ପରେ ଟଙ୍କା ୩ ହଡପ କରିବା ପାଇଁ ପଥ ପରିଷ୍କାର ହୋଇଥାଏ । ଫରଗେଟ୍ ପାସ୍‌ୱାର୍ଡ ମାରି ଲୁଟେରା ନୂଆ ପିନ୍ ଜେନେରେଟ୍ କରିବା ସହ ଟଙ୍କା ହଡପ କରିବା ସହଜ ହୋଇଥାଏ । ତେଣୁ ମୋବାଇଲ୍ ଚୋରି ହେବା କିମ୍ବା ହଜିବା ପରେ ତୁରନ୍ତ ସିମ୍ ବ୍ଲକ୍ କରିବାକୁ ସାଇବର ଥାନା ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଯୁବକଙ୍କୁ ହାଣି ହତ୍ୟା କଲେ ଅଜ୍ଞାତ ଦୁର୍ବୃତ୍ତ

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧୀନ ଚିଚିଆ ଗ୍ରାମର ମୁଣ୍ଡପଡ଼ାରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହାଣି ହତ୍ୟା କରାଯାଇଛି । ମୃତକ ହେଲେ, ଚିଚିଆ ଗ୍ରାମର ମକରଧ୍ୱଜ ନାଏକ (୩୩) । ସେ ଘର ବାହାରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ହାଣି ପକାଇଥିଲା । ଏ ସଂପର୍କରେ ତାଙ୍କ ବାପା ଯୁଧେଷ୍ଟି ନାଏକ ଦଶପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୋଲିସ୍ ୫ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ପ୍ରବଳ ଗରମ ହେବାରୁ ବିଳମ୍ବିତ ରାତିରେ ମକରଧ୍ୱଜ ଘର ବାହାରେ ଶୋଇଥିଲେ । ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କୁ ଦାଣ୍ଡପିଣ୍ଡାରୁ ଘୋଷାଡ଼ି ଘୋଷାଡ଼ି ନେଇ ହାଣି ହତ୍ୟା କରିବା ପରେ ସନତ ମୁଣ୍ଡ ନାମକ ଗାଁର ଜଣେ ବ୍ୟକ୍ତିଙ୍କ ଘର ଦ୍ୱାର ମୁହଁରେ ପକାଇ ଚାଲିଯାଇଛି । ସକାଳୁ ଗାଁ ଲୋକେ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ଦଶପୁର ଫାଣ୍ଡିକୁ ଖବର ଦେଇଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଚିଚିଆ ଗ୍ରାମର ଭରକା ଅଘରିଆ, ମୁନା ହଂସ, ସୁଧାଂଶୁ ହଂସ ମିଶି ପିଟି ପିଟି ତାଙ୍କୁ ହତ୍ୟା କରିଥିବା ଏତଲାରେ ଉଲ୍ଲେଖ ରହିଛି । ଖବରପାଇ ଦଶପୁର ଫାଣ୍ଡି ପୋଲିସ ପହଞ୍ଚି ଶବ ଜବତ ପୂର୍ବକ ବ୍ୟବଚ୍ଛେଦ ଲାଗି ପଠାଇଥିଲା । ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରିଛି । ଧର୍ମଗଡ଼ ଭାରପ୍ରାପ୍ତ ଏସ୍‌ଡିପିଓ ମୁକ୍ତି କୁଲୁ, ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତିପ୍ରକାଶ ତାଣ୍ଡି, ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ପହଞ୍ଚି ତଦନ୍ତ କରିଛନ୍ତି ।

## ଜାଲ୍ ସାର୍ଟିଫିକେଟ୍‌ରେ ଶିକ୍ଷକତା:କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଜାଲ୍ ସାର୍ଟିଫିକେଟ୍‌ରେ ଶିକ୍ଷାକତା କରୁଥିବା ନେଇ ୪୪୧ ଜଣଙ୍କ ନାଁରେ ଅଭିଯୋଗ ହୋଇଛି । ସେଥିରୁ ଜୁଲାଇ ୨୦୨୪ ସୁଦ୍ଧା ଅର୍ଥାତ୍ ୧୦ ବର୍ଷରେ ମାତ୍ର ୧୦୭ ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଆହୁରି ୩୩୪ ଜଣଙ୍କ ପ୍ରମାଣପତ୍ର ଯାଞ୍ଚ ଅପେକ୍ଷାରେ ରହିଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଗୋଟିଏ ପଟେ ନକଲି ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ଶିଥିଳ ପଡ଼ିଥିବା ବେଳେ ଅନ୍ୟପଟେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହାକୁ ନେଇ କଠୋର ଆଭିମୁଖ୍ୟ ଦେଖାଇଛି । ଗତ ୫ ତାରିଖରେ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି କରି ନକଲି ପ୍ରମାଣପତ୍ରରେ ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କୁହାଯାଇଛି । ନିର୍ଦ୍ଦେଶାଳୟର ଚିଠି ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ମତ ମିଳିପାରିନି । ୨୦୧୫ ନଭେମ୍ବରରୁ ଜାଲ୍ ପ୍ରମାଣପତ୍ରଧାରୀ ଶିକ୍ଷକ ପ୍ରସଙ୍ଗ ସାମ୍ନାକୁ ଆସିଥିଲା । ଚାରି ବର୍ଷ ପର୍ଯ୍ୟନ୍ତ ଏହି ଅଭିଯୋଗ ଉପରେ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଧୀମା ଚାଲିଥିଲା । ତଦନ୍ତ ଶିଥିଳ ଯୋଗୁ ନକଲି ଶିକ୍ଷକଙ୍କ ଭରସାରେ ନିର୍ଦ୍ଦିଷ୍ଟ କିଛି ସ୍କୁଲର ଭାଗ୍ୟ ଝୁଲୁଛି । ଏହି ଶିକ୍ଷକମାନଙ୍କ ହାତରେ ଗଢ଼ା ହେଉଛି ସ୍କୁଲ ପିଲାଙ୍କ ଭବିଷ୍ୟତ । ଗଣଶିକ୍ଷା ବିଭାଗର ଧୀମା ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଏହିଭଳି ଶିକ୍ଷକଙ୍କୁ ବେଶ୍ ସୁହାଉଛି ବୋଲି ଅଭିଯୋଗ ହେଉଛି । ୨୦୧୯ରୁ ନକଲି ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ୍‌କୁ କଡ଼ାକଡ଼ି କରାଯାଇଥିଲା । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଜିଲ୍ଲାର ଗୋଷ୍ଠୀ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପାଞ୍ଚରୁ ଛଅ ଥର ଚିଠି କରିଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟା ଆଗେଇପାରୁନଥିଲା । ଶେଷରେ ବିଭାଗ କଡ଼ା ଆଭିମୁଖ୍ୟ ଆପଣାଇଥିଲା । ସମ୍ପୃକ୍ତ ଅଧିକାରୀଙ୍କ ଦରମା ବନ୍ଦ ନେଇ ବିଭାଗ ଚେତାବନୀ ଦେବା ପରେ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା । ଫଳରେ ୨୨ ବ୍ଲକ୍ ବିଶିଷ୍ଟ ଗଞ୍ଜାମ ଜିଲ୍ଲାର ୪୪୧ଜଣ ଶିକ୍ଷକଙ୍କ ପ୍ରମାଣପତ୍ର ନକଲି ଥିବା ସାମ୍ନାକୁ ଆସିଥିଲା । ଯେଉଁଥିରେ ଆସିକା ଗୋଷ୍ଠୀ ଶିକ୍ଷା ଅଞ୍ଚଳରେ ୩୦, ବେଗୁନିଆପଡ଼ାରେ ୪୯, ବେଲଗୁଣ୍ଠାରେ ୧୯, ବୁଗୁଡ଼ାରେ ୫, ଛତ୍ରପୁରରେ ୨୩, ଧରାକୋଟରେ ୨୩, ଗଞ୍ଜାମରେ ୬, ହିଞ୍ଜିଳିକାଟୁରେ ୨୬, ଜଗନ୍ନାଥପ୍ରସାଦରେ ଜଣେ, କବିସୂର୍ଯ୍ୟନଗରରେ ସର୍ବାଧିକ ୯୦, ଖଲ୍ଲିକୋଟରେ ୨୪, କୁକୁଡ଼ାଖଣ୍ଡିରେ ୨୧, ପାତ୍ରପୁରରେ ୧୨, ପୋଲସରାରେ ୩୦, ପୁରୁଷୋତମପୁରରେ ୬, ରଙ୍ଗେଇଲୁଣ୍ଡାରେ ୨୨, ଶେରଗଡ଼ରେ ୨୨ ଓ ସୋରଡ଼ାରେ ୨୮ ଜଣଙ୍କୁ ମିଶାଇ ମୋଟ୍ ୪୪୧ ଜଣଙ୍କ ବିରୋଧରେ ନକଲି ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ଅଭିଯୋଗ ହୋଇଥିଲା । ଏହି ରିପୋର୍ଟ ଉପରେ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆରମ୍ଭ କରିଥିଲା । ୧୦ ଜୁଲାଇ ୨୦୨୪ ସୁଦ୍ଧା ଜିଲ୍ଲାର ୧୦୭ ନକଲି ଶିକ୍ଷକଙ୍କ ବିରୋଧରେ ସମ୍ପୃକ୍ତ ଗୋଷ୍ଠୀ ଶିକ୍ଷାଧିକାରୀମାନେ ଥାନାରେ ଏତଲା ଦେଇଛନ୍ତି । ଆହୁରି ୩୩୪ ଜଣଙ୍କ ପ୍ରମାଣପତ୍ର ଯାଞ୍ଚସ୍ତରରେ ରହିଛି । ଏହି ପ୍ରମାଣପତ୍ରଗୁଡ଼ିକ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଆଗ୍ରା, ଛତିଶଗଡ଼, ଜାମ୍ପୁର ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଯାଞ୍ଚ୍ ପାଇଁ ପଠାଯାଇଥିବା ଜିଲ୍ଲା ଶିକ୍ଷା ବିଭାଗ କରୁଛି । ବିଭିନ୍ନ ସମୟରେ ଯାଞ୍ଚ ରିପୋର୍ଟ ଜିଲ୍ଲା ଶିକ୍ଷା ବିଭାଗର ହସ୍ତଗତ ହେଉଛି ଏବଂ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ କୁହାଯାଇଛି । ମାତ୍ର ଗତ ୫ ତାରିଖରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଏ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି କରିଛନ୍ତି । ନକଲି ପ୍ରମାଣପତ୍ରରେ ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିର୍ଦ୍ଦେଶ ଦେଇଛନ୍ତି ।

## ଆଧାର ସଂଲଗ୍ନ ମୋବାଇଲ ବିନା ମିଳୁନି ଅଣ୍ଡା, ଛତୁଆ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ପୁଷ୍ଟିହୀନତା ଦୂର ଏବଂ ମାତୃ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ଗର୍ଭବତୀ ଏବଂ ଶିଶୁଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦିଆଯାଉଛି । ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ ଗରିବ ଗର୍ଭବତୀ ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣରେ ଆଧାର କାର୍ଡ ସଂଲଗ୍ନ ମୋବାଇଲ ନମ୍ବର କଣ୍ଟା ସାଜିଛି । କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ନିୟମଗିରି ପାହାଡ଼ର ପାରସାଲି ପଞ୍ଚାୟତରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ମହିଳାଙ୍କ ନିକଟରେ ମୋବାଇଲ ନଥିବାରୁ ସେମାନେ ପୋଷଣ ଖାଦ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଅଙ୍ଗନୱାଡି କେନ୍ଦ୍ରରୁ ଅଣ୍ଡା ଓ ଛତୁଆ ପାଇବାକୁ ହେଲେ ଆଧାର କାର୍ଡ ଓ ମୋବାଇଲ ନମ୍ବର ବାଧ୍ୟତାମୂଳକ ହୋଇଛି । କିନ୍ତୁ ଏଠାକାର ଅଧିକାଂଶ ମହିଳାଙ୍କ ନିକଟରେ ମୋବାଇଲ ନଥିବାରୁ ସେମାନେ ଏହି ଯୋଜନାର ଲାଭ ପାଇପାରୁନଥିବା କହିଛନ୍ତି । ଆମ ପାଖରେ ତ ଖାଇବାକୁ ଟଙ୍କା ନାହିଁ, ମୋବାଇଲ କିଣିବାକୁ ଟଙ୍କା କେଉଁଠୁ ଆଣିବୁ ବୋଲି ଜଣେ ଡଙ୍ଗରିଆ କନ୍ଧ ମହିଳା ମେଣ୍ଡାଣି ଜାକାକା କହିଛନ୍ତି ।



## ୧୨୦ କେଜି ଗଞ୍ଜେଇ ଜବତ:ଜଣେ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣୀ ପୋଲିସ ପକ୍ଷରୁ ବାଦୀକଟା-ମନକାମନା ରାସ୍ତାରୁ ୧୨୦ କେଜି ଗଞ୍ଜେଇ ଜବତ୍ ମାମଲାର ଅଭିଯୁକ୍ତ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବାଉଁଶୁଣୀ ପୋଲିସର ଏକ ଟିମ୍ ବାଦୀକଟା-ମନକାମନା ରାସ୍ତାରେ ଚଢଉ କରିଥିଲା । ସେଠାରୁ ୧୨୦ କେଜି ଗଞ୍ଜେଇ ସହ ଖଜାପଦର ଗ୍ରାମର ଉମେଶ ଅମାତଙ୍କୁ ଗିରଫ କରିଥିଲା । ଏ ସଂପର୍କରେ ବାଉଁଶୁଣୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

| | | |
|---|---|---|
| ୩ ୨ରି | ଲରବୁ | ଶୁକ୍ରରାହୁ୧୨ ୧୧ |
| ୪ମଃ | ୧୭ / ୮ | ୧୦ |
| ୫ ୬କେ | ୭ | ୯ ୮ଚ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୪।୫।୨୦୨୫, ବୈଶାଖ ଦ୩୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୧୨।୦୩** **ଚନ୍ଦ୍ରୋଦୟ- ରାଘ ୭।୫୨।୦୬**

**ଦ୍ୱିତୀୟା-** ରାଘ ୨।୩୦ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ଦିଘ ୧୧।୪୭ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ରାଘ ୨।୩୦ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୦ ଗତେ ଘ ୮।୨୯ ମଧ୍ୟେ । ଦିଘ ୧୫୨ ଗତେ ଘ ୫।୧୯ ମଧ୍ୟେ । **ପର୍ବୋତ୍ସବ-** ମାସାନ୍ତ ।



**ମେଷ:** ପାରିବାରିକ ଜୀବନରେ ସୁଖି ହେବେ । ଆୟ କମ୍ ହେବ । କର୍ମକ୍ଷେତ୍ରରେ ସୁବିଧାଜନକ ପ୍ରାପ୍ୟ ମିଳିବନାହିଁ । ସର୍ବଦା ମନ ବିଚଳିତ ରହିବ । ଅସ୍ଥିର ହେବେ । ବୃଥା ଭ୍ରମଣ ଯୋଗ ।



**ବୃଷ:** ଦୂରଯାତ୍ରାରୁ ସଫଳତା ପାଇବେ । ବିଳାସ ବ୍ୟସନରେ ସମୟ କଟାଇବେ । ଆୟ ଭଲ ହେବ । ପରିବାରରେ ଦ୍ୱନ୍ଦ୍ୱ ଓ ଅଶାନ୍ତିର ଆଶଙ୍କା । ମହିଳାମାନେ କର୍ମପ୍ରିୟା ପରୋପକାରୀ ହେବେ ।



**ମିଥୁନ:** ଆଜି ଆପଣଙ୍କୁ ଶୁଭଫଳ ମିଳିବ । ଦେହ ଭଲ ରହିବ । କାର୍ଯ୍ୟରେ ସଫଳତା ଯୋଗ । ରୋଜଗାର ମଧ୍ୟମ ଧରଣର ହେବ । ଶତ୍ରୁ ହାନି ହେବେ । ଘରେ ଆନନ୍ଦ ଉତ୍ସାହ ଲାଗି ରହିବ । ମନରେ ଆନନ୍ଦ ଆସିବ ।



**କର୍କଟ:** ଆୟ କ୍ରମେ ହ୍ରାସ ପାଇବା ସହିତ ବ୍ୟୟ ବଢ଼ି ଚାଲିବ । ଚାକିରୀରେ ସୁଖି ହେବେ । ବନ୍ଧୁ ସହଯୋଗ ଲାଭ ହେବ । ଦେହ ଓ ମନ ସୁସ୍ଥ ରହିବ । ବ୍ୟବସାୟରେ ଶୁଭଫଳ ମିଳିବ । ପାରିବାରିକ ଜୀବନ ସୁଖମୟ ହେବ ।



**ସିଂହ:** ଅଶାନ୍ତି ଓ ବିରକ୍ତିରେ ସମୟ ବିତିବ । ଆୟ ବ୍ୟୟ ସମାନ ରହିବ । କର୍ମକ୍ଷେତ୍ରରେ ମତାନ୍ତର ଓ କଳହ ଯୋଗ । ପାରିବାରିକ ଜୀବନରେ ଆନନ୍ଦ ମିଳିବ । ମହିଳାମାନେ ସନ୍ତାନବତ୍ସଳା ହେବେ । ମନ ଅସ୍ଥିର ରହିବ ।



**କନ୍ୟା:** କର୍ମକ୍ଷେତ୍ରରେ ଠିକ୍ ଭାବରେ କାର୍ଯ୍ୟ କରି ଚାଲିବେ । ସମ୍ମାନ ମିଳିବ । ସାହାଯ୍ୟ ସହଯୋଗ ଲାଭ ହେବ । ଆୟ ବ୍ୟୟ ସମାନ ରହିବ । ପାରିବାରିକ ସମସ୍ୟା ନିମନ୍ତେ ବ୍ୟସ୍ତ ବିବ୍ରତ ହେବେ ।



**ତୁଳା:** କର୍ମକ୍ଷେତ୍ରରେ ଜୟଲାଭ କରିବେ । ଆଶା ବଳବତ୍ତର ରହିବ । ଦେହ ଓ ମନରେ ଶାନ୍ତି ବିରାଜମାନ କରିବ । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ରୋଜଗାର ବଢ଼ିବ । ଭ୍ରମଣ ଯୋଗ ରହୁଅଛି ।



**ବିଛା:** ଆଜି ଦିନଟି ଅତି ଆନନ୍ଦରେ କଟିବ । ବିଭିନ୍ନ ସୂତ୍ରରୁ ସୁଖ ଓ ସମ୍ମାନ ଲାଭ । ମନ ପ୍ରଫୁଲ୍ଲ ରହିବ । ବନ୍ଧୁ ଦର୍ଶନ ଯୋଗ ରହୁଛି । ଆୟ ମଧ୍ୟମ । ପାରିବାରିକ କ୍ଷେତ୍ରରେ ଜଞ୍ଜାଳ ବଢ଼ିବ ।



**ଧନୁ:** ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହେବ । ଆୟରେ ପ୍ରଗତି ହେବା ସଙ୍ଗେ ସଙ୍ଗେ ଉତ୍ସାହିତ ହେବେ । ମନ ସ୍ଥିର ରହିବ । ପାରିବାରିକ ଶାନ୍ତି ବିରାଜମାନ କରିବ । ବନ୍ଧୁ ମିଳନର ସମ୍ଭାବନା । ମାନସିକ ଶାନ୍ତି ଲାଭ ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ଅସହଯୋଗ ଦେଖାଦେବ । ଏଣୁ କାର୍ଯ୍ୟ ହାନି ଅଶଙ୍କା । ମନରେ ବିରକ୍ତି ଆସିବ । ରୋଜଗାର ମଧ୍ୟମ ଧରଣର ହେବ । କର୍ମ କ୍ଳାନ୍ତି ଅନୁଭବ ସତ୍ତ୍ୱେ ଘର କାମ ପାଇଁ ବାଧ୍ୟ ହେବେ ।



**କୁମ୍ଭ:** ଅନେକ ସମୟରେ କାର୍ଯ୍ୟ ବ୍ୟସ୍ତ ରହିବେ । ସାଫଲ୍ୟତା ପ୍ରାପ୍ତି ହେବ । ସୁସମ୍ବାଦ ମିଳିବ । ଦୂରଯାତ୍ରା କରି ଦ୍ରବ୍ୟ ଲାଭର ଆଶା । ଆୟ ପୂର୍ବ ପରି ସମାନ ରହିବ । ଗୃହେ ଶାନ୍ତି ଲାଭ ହେବ ।



**ମୀନ:** ସମାଜ ସେବାରେ ମନ ବଳାଇବେ । ପରୋପକାର କରି ପ୍ରଶଂସିତ ହେବେ । ମନ ପ୍ରସନ୍ନ ରହିବ । ରୋଜଗାରରେ ଅଗ୍ରଗତି ହେବ । ପାରିବାରିକ ଅଶାନ୍ତି ବଢ଼ିବାର ସୂଚନା । କର୍ମକ୍ଷେତ୍ରରେ ସଫଳତା ଲାଭ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୫।୫।୨୦୨୫, ଜ୍ୟୈଷ୍ଠ ଦ୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୧୧।୩୯** **ଚନ୍ଦ୍ରୋଦୟ- ରାଘ ୮।୪୭।୧୩**

**ତୃତୀୟା-** ରାଘ ୪।୦୩ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର-** ଦିଘ ୨।୦୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୨।୦୭ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଦିଘ ୨।୦୭ ଗତେ ତୁଳା ଓ କମ୍ଭ ରାଶି । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୪।୦୩ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୫ ଗତେ ଘ ୬।୦୭ ମଧ୍ୟେ । ଦିଘ ୯।୩୪ ଗତେ ଦିଘ ୧୧।୧୭ ମଧ୍ୟେ । **ପର୍ବୋତ୍ସବ-** ବୃଷ ସଂକ୍ରାନ୍ତି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଚଳିତ ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହେବ

୨୦୨୫ ଶେଷ ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହେବ । ଜାପାନକୁ ଅତିକ୍ରମ କରି ଭାରତ ଏହି ଉପଲବ୍ଧି ହାସଲ କରିବ ବୋଲି ଇମ୍ଫର ଓ୍ୱାର୍ଲଡ ଇକୋନୋମିକ୍ ଆଉଟ୍‌ଲୁକ୍ ଏପ୍ରିଲ୍ ୨୦୨୫ ସଂସ୍କରଣ କୁହାଯାଇଛି । ୨୦୨୫ ପାଇଁ ଭାରତର ନୋମିନାଲ୍ ଜିଡିପି ୪,୧୮୭.୦୧୭ ବିଲିୟନ ଡଲାର ହେବ ବୋଲି ଅନୁମାନ କରାଯାଉଛି । ଯାହା ଜାପାନର ସମ୍ଭାବ୍ୟ ଜିଡିପି ୪,୧୮୬.୪୩୧ ବିଲିୟନ ଡଲାରଠାରୁ ସାମାନ୍ୟ ଅଧିକ ହେବ ବୋଲି ଆକଳନ କରାଯାଇଛି ।

୨୦୨୪ ପର୍ଯ୍ୟନ୍ତ ଭାରତ ବିଶ୍ୱର ୫ମ ବୃହତ ଅର୍ଥନୀତି ଥିଲା, କିନ୍ତୁ ଚଳିତ ବର୍ଷ ଏହା ଚତୁର୍ଥ ବୃହତ ଅର୍ଥବ୍ୟବସ୍ଥା ହେବ ବୋଲି ଆଶା କରାଯାଉଛି । ଇମ୍ଫ ପୂର୍ବାନୁମାନ ଅନୁଯାୟୀ ଆଗାମୀ ବର୍ଷଗୁଡ଼ିକରେ, ଜର୍ମାନୀକୁ ପଛରେ ପକାଇ ଭାରତ ତୃତୀୟ ବୃହତ ଅର୍ଥନୀତି ହେବାର ସମ୍ଭାବନା ମଧ୍ୟ ରହିଛି । ୨୦୨୮ ସୁଦ୍ଧା ଭାରତର ଜିଡିପି ୫,୫୮୪.୪୭୬ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି । ଯାହା ଜର୍ମାନୀର ୫,୨୫୧.୯୨୮ ବିଲିୟନ ଡଲାରକୁ ଟପିବ । ୨୦୨୭ ମସିହାରେ ଭାରତ ୫,୦୬୯.୪୭ ବିଲିୟନ ଡଲାର ଜିଡିପି ସହିତ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ ।

ରିପୋର୍ଟ ଅନୁସାରେ ୨୦୨୫ରେ ବି ଆମେରିକା ଓ ଚାଇନା ବିଶ୍ୱର ପ୍ରଥମ ଦୁଇ ଅର୍ଥବ୍ୟବସ୍ଥା ହୋଇ ରହିବେ। କେବଳ ଚଳିତ ବର୍ଷ ନୁହେଁ, ବରଂ ଦଶନ୍ଧି ଶେଷ ଯାଏ ସେମାନେ ନିଜ ସ୍ଥାନ ବଜାୟ ରଖିବେ । ଆଇଏମଏଫର ଓ୍ୱାର୍ଲଡ ଇକୋନୋମିକ୍ ଆଉଟ୍‌ଲୁକ୍‌ରେ ଚେତାବନୀ ଦେଇଛି ଯେ ଗତ ୮୦ ବର୍ଷ ଧରି ଅଧିକାଂଶ ଦେଶ ଯେଉଁ ବିଶ୍ୱ ଅର୍ଥନୈତିକ ବ୍ୟବସ୍ଥା କାମ କରୁଛନ୍ତି, ତାହା ପୁନଃନିର୍ମାଣ ହେଉଛି । ଯାହା ବିଶ୍ୱକୁ ଏକ ନୂତନ ଯୁଗରେ ପ୍ରବେଶ କରାଉଛି । ଇମ୍ଫ ନିଜ ରିପୋର୍ଟରେ ୨୦୨୫ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନକୁ ୬.୨%ରେ ରଖିଛି । ଯାହା ଜାନୁଆରୀ ଆଉଟ୍‌ଲୁକ୍ ରିପୋର୍ଟରେ ପ୍ରକାଶିତ ୬.୫%ର ପୂର୍ବ ଆକଳନଠାରୁ ୦.୩ ପ୍ରତିଶତ କମ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି ଯୋଗୁଁ ସୃଷ୍ଟି ହୋଇଥିବା ଅନିଶ୍ଚିତତା ଅଭିବୃଦ୍ଧି ଆକଳନ ହ୍ରାସର ପ୍ରମୁଖ କାରଣ।



ଶ୍ରୀମଦ୍ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

ଚତୁର୍ଥ ଅଧ୍ୟାୟ
(କଳା କଳେବର କହ୍ନାଇ-ବୃତ୍ତେ)

ଚତୁର୍ଥରେ ଜ୍ଞାନଯୋଗକୁ ହରି କହନ୍ତି ଫେଇ
ବୁଝ ସବ୍ୟସାଚୀ ଏହାକୁ ଭ୍ରମେ ନୋହିବୁ ବାଇ ।୧।

ପୂରୁବେ ସୂର୍ଯ୍ୟଙ୍କ ଆଗରେ କରିଥିଲି ପ୍ରକାଶ
ସେ ତାହାଙ୍କ ପୁତ୍ର ମନୁଙ୍କୁ ଦେଲେଟି ଉପଦେଶ ।୨।

କ୍ରମେ ରାଜଋଷି ମାନବ ମଧ୍ୟେ ବ୍ୟାପିଣ ଥିଲା
ଏବେ କାଳର ପ୍ରଭାବରେ ତାହା ଧ୍ୱଂସ ହୋଇଲା ।୩।

ପାପାଚାରୀ ଲୋକେ ଦୁର୍ବଳମନା ହୋଇଲେ ଯହୁଁ
ଅନାରେ ଏହା ଆଚାର କେହି ନ କଲେ ତହୁଁ ।୪।

ତୁ ମୋହର ପ୍ରିୟ ଭକତ ତେଣୁ କହୁଛି ଶୁଣ
ଏ ଗୁପତ ଜ୍ଞାନ-ଗତିକୁ କର ଅନୁସରଣ ।୫।

ଅର୍ଜ୍ଜୁନ ପୁଚ୍ଛନ୍ତି ଶ୍ରୀପତି ସ୍ମୃତି ଜାଗେ ମୋହର
ଭାସ୍କର ତୁମ୍ଭର ଆଗହୁଁ ଜନ୍ମିଥିଲେ ନିକର ।୬।

ଆପଣ କିପରି ତାହାଙ୍କୁ ଜ୍ଞାନ କହିଲେ ପୁଣି
ଏହି କଥାରେ ମୋ ସନ୍ଦେହ ହୁଏ, କହୁଛି ଜାଣି ।୭।

ଦର ଦର ହସ ପ୍ରସନ୍ନ ଚିତ୍ତେ ଶ୍ୟାମସୁନ୍ଦର
ବୋଇଲେ ହେ ସଖା, ଶ୍ରବଣେ ଶୁଣ ଯଥାର୍ଥ ଗିର ।୮।

ମୁଁ ଜାଣେ ତୋହର ମୋହର କେତେ ଜନ୍ମ ଗଲାଣି
ଜ୍ଞାନଶକ୍ତି ଲୋପ ହେବାରୁ ତୁମ୍ଭେ ପାରୁନା ଜାଣି ।୯।
(କ୍ରମଶଃ)

# କାହାକୁଲୋ କେବେ ସେହି ଦେଇଛି ଧରା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସେତେବେଳକୁ ବାବା ପୁରା ଗମ୍ଭୀର ଭାବରେ ମୋ କଥାଗୁଡ଼ାକ ଶୁଣିଯାଉଥାନ୍ତି। ତାଙ୍କର ହସୁଥିବା ମୁହଁଟି ଅବଶ୍ୟ ସେତେବେଳକୁ ମଳିନ ପଡ଼ିଯାଇଥିଲା। ମୋ ଭାଷଣ ସରିଗଲା। ଘଣ୍ଟାକୁ ଚାହିଁ ଦେଖିଲି ମାତ୍ର ୩୨ମିନିଟ୍ ସମୟ ନେଇଛି। ମୋ କହିବାରେ କାହାରି କିଛି ପ୍ରଶ୍ନ ଅଛି କି ବୋଲି ଶେଷରେ ସମ୍ମୁଖରେ ବସିଥିବା ଶୋତୃ ମଣ୍ଡଳୀକୁ ପଚାରିଲି। ସେତେବେଳକୁ ପ୍ରଶ୍ନ ପଚାରୁଥିବା ବଗୁଲିଆ ଟୋକାଦଳ କୁଆଡ଼େ ପଳେଇଗଲେଣି। ଆଉ ଯେଉଁମାନେ ଥିଲେ ସେମାନେ ନିରୁତ୍ତର। କେବଳ ପରସ୍ପର ମୁହଁକୁ ଚାହୁଁଥିଲେ। କାହାଠାରୁ କିଛି ପ୍ରଶ୍ନ ଆସିଲା ନାହିଁ। ପାଖରେ ଠିଆ ହୋଇଥିବା ଦୁଇଟା ଶାଳକଙ୍କୁ ମୋତେ ନେଇ ବସାଇବାକୁ କହି ଧିରେ ଧିରେ ମଞ୍ଚ ତଳକୁ ଆଗେଇଗଲି। ମୋର ଜଣେ ଶାଳକ ମୋ କାନରେ ଚୁପ୍‌ରେ କହିଲା ବାବା ଟିକିଏ ତୁମକୁ ଦେଖା କରିବାକୁ ଚାହୁଁଛନ୍ତି। ମୁଁ ଉତ୍ତର ଦେଲି ପରେ। ଅନ୍ୟ କେତେଜଣଙ୍କ କହିବା ପରେ ସଭା ଭଙ୍ଗ ହେଲା। ଖବର ପଠାଇଦେଲି ଯେ ବାବାଙ୍କ ରହଣି ସ୍ଥାନରେ ଆସନ୍ତାକାଲି ପ୍ରାତଃ ୮ଘଟିକାରେ ମୋର ଭେଟ ହେବା ନିମନ୍ତେ। ଯେଉଁ ଆଡ଼ମ୍ବରରେ ବାବା ଆସିଥିଲେ ସେହିପରି ଜୟ ଜୟକାର ଧ୍ୱନୀରେ ସଭା ମଞ୍ଚରୁ ତାଙ୍କର ମେଲାଣି ପର୍ବ ଆରମ୍ଭ ହୋଇଗଲା।

ବାବାଙ୍କୁ ଦେଖିବା ପରଠାରୁ ତାଙ୍କ ମୁହଁଟା ମୋତେ ଚିହ୍ନା ଜଣାପଡୁଥିଲା। ମଞ୍ଚ ଉପରକୁ ଯିବା ଭିତରେ ତାଙ୍କ ମଥା ଉପରେ ଥିବା ଗୋଟାଏ କଳା ଜାଇ ଓ ତା ପାଖର କଟାଦାଗଟା ବି ମୋ ସନ୍ଦେହକୁ ଆହୁରି ମଜବୁତ କରିଦେଇଥିଲା। କଥାଟା ହେଲା ମୋ ଜାଣିବାରେ ବାବା ଥିଲେ ପୁରା ଓଡ଼ିଆ ବ୍ରାହ୍ମଣ। ତାଙ୍କ ନିଜ ଜନ୍ମସ୍ଥାନ ଥିଲା ଭୁବନେଶ୍ୱର ନିକଟରେ ଥିବା ଏକ କ୍ଷୁଦ୍ର ଗ୍ରାମରେ। ପ୍ରଥମରୁ ମୋର ଥିଲେ ସେ ଜଣେ ଉତ୍ତମ ବନ୍ଧୁ ତଥା ସମବୟସ୍କ। ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ବି.ଏ. ପାସ୍ କରି ଚାକିରି ଉଦ୍ଦେଶ୍ୟରେ ଭୁବନେଶ୍ୱର ଆସି ମୋ ରହୁଥିବା ମେସ୍‌ରେ କିଛିଦିନ ରହିଥିଲେ। ଶ୍ରୀଗୀତଗୋବିନ୍ଦ ଆବୃତ୍ତି ସହ ନୃତ୍ୟ କରିବାରେ ସେ ଥିଲେ ଧୂରୀଣ। ପ୍ରତ୍ୟେକ ଦିନର ସନ୍ଧ୍ୟା ଓ ସକାଳେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଆଗରେ ସେ ଶ୍ରୀଗୀତଗୋବିନ୍ଦ ବୋଲି ନୃତ୍ୟ କରୁଥିଲେ। ବୋଲିଲା ବେଳେ ତାଙ୍କ ଆଖି ଦୁଇଟିରୁ ଅଶ୍ରୁ ବି ଗଡ଼ି ଆସୁଥିଲା। ଆମ ମେସ୍‌ରେ କିଛିଦିନ ରହିବାପରେ ହଠାତ୍ ଦିନେ ସେ ଉଭେଇଗଲେ। କୁଆଡ଼କୁ ଗଲେ ତାହା ବି ଜଣାଇଲେ ନାହିଁ। ଘରୁ ତାଙ୍କର ନନା (ବାପା) ଓ ଭାଇମାନେ ଆସି ତାଙ୍କୁ ବହୁ ସ୍ଥାନରେ ଖୋଜିଲେ। ସେମାନେ ବି ତାଙ୍କ ପାଇଁ ବିବାହ ଯୋଗାଡ଼ରେ ଥିଲେ। ଘରର ବଡ଼ପୁଅ ହୋଇଥିବାରୁ ତାଙ୍କ ଉପରେ ପରିବାର ନିର୍ଭର କରୁଥିଲା। ସେ ଯିବାପରେ ବାପା, ମା ଓ ଅନ୍ୟ ଭାଇମାନେ ଅତି ଦୁଃଖରେ କୌଣସି ମତେ ସମୟ କଟାଉଥିଲେ। ସମ୍ପତ୍ତି ବୋଇଲେ ପରିବାରର ଥିଲା ୩ଏକର ଚାଷଜମି। ଏହିପରି ପ୍ରାୟ ପନ୍ଦରବର୍ଷ ବିତିଯିବା ପରେ ବି ତାଙ୍କର ଆଉ ଦେଖା ମିଳି ନଥିଲା। ତାଙ୍କର ପ୍ରକୃତ ନାମ ଥିଲା ବିରୂପାକ୍ଷ ଓ ବିରୂପା ନାମରେ ସେ ପରିଚିତ ଥିଲେ। ଯଥା ସମୟରେ ମୁଁ ତାଙ୍କ ରହିବା ସ୍ଥାନରେ ପରଦିନ ସକାଳ ୮ଘଟିକା ସମୟରେ ପହଞ୍ଚିଲି। ଭୁବନେଶ୍ୱର ନୂଆପଲ୍ଲୀର ଜଣେ ଆଇ.ଏ.ଏସ୍‌ଙ୍କ ଘରେ ତାଙ୍କର ସାମୟିକ ରହଣୀର ବ୍ୟବସ୍ଥା ହୋଇଥିଲା। ସେଠାକୁ ମୋ ଆସିବାର ଶୁଣି ସେ ଘରର ଗେଟ୍ ପର୍ଯ୍ୟନ୍ତ ଚାଲି ଆସିଲେ। ସାଙ୍ଗରେ ଥିଲେ ପ୍ରାୟ ୪୦ବର୍ଷର ଜଣେ ସୁଶ୍ରୀ ବଙ୍ଗପ୍ରୌଢ଼ା। ମୋତେ କୁଣ୍ଢାଇ ପକାଇ ସେ ରହୁଥିବା କୋଠରୀକୁ ନେଇଗଲେ। ଅପ୍ରତ୍ୟାଶିତ ଭାବରେ ମୋ ମୁହଁରୁ ବାହାରି ପଡ଼ିଲା "ବିରୂପା କିରେ?" ଏତିକିରେ ଦେଖିଲି ତାଙ୍କ ଆଖିରୁ ଧାର ଧାର ଲୁହ ବହି ଯାଉଥିଲା। ଉତ୍ତର ଦେଲେ "ହଁ ଭାଇନା! ମୁଁ ତୁମର ସେହି ବିରୂପା।" ଉଭୟ ହତବାକ୍ ହୋଇ କିଛି ସମୟ ପରସ୍ପରକୁ ଚାହିଁ ରହିଲୁ। ପ୍ରକୃତିସ୍ଥ ହେବାପରେ ମୁଁ ତା ବିଷୟରେ ଜାଣିବାକୁ ଚାହିଁଲି। ସେ କହିଲା ଯେ ଭୁବନେଶ୍ୱରରେ ରହି ଚାକିରିର କୌଣସି ଆଶା ନ ଦେଖି ଆପଣମାନଙ୍କ ଅଜାଣତରେ ହଠାତ୍ କୋଲକତା ଚାଲିଆସିଲି। ବ୍ୟାଗ୍‌ରେ କେବଳ ଥିଲା ହଳେ ଲୁଗା ଓ କମିଜ ସହ ଗାମୁଛା, ଶ୍ରୀଗୀତଗୋବିନ୍ଦ ବହି ଓ ଶ୍ରୀଜଗନ୍ନାଥଙ୍କର କାଠ ତିଆରି ଗୋଟିଏ ଛୋଟ ବିଗ୍ରହ। ହୁଗୁଳି ନଦୀକୂଳରେ ଥିବା ଗୋଟାଏ ଛୋଟ କାଳୀ ମନ୍ଦିର ପାଖରେ ବସିରହି କେବଳ ପାଣିଧାରକୁ ଚାହିଁ ରହିଥିଲି। ଏଣେ ଭୋକରେ ପେଟ ଜଳୁଥିଲା। ପାଣି ପିଇ ଭୋକକୁ ମାରୁଥିଲି। ଆଉ ନିଜର ଦାୟିତ୍ୱ ଶ୍ରୀଜଗନ୍ନାଥଙ୍କ ଉପରେ ଛାଡ଼ି ଦେଇଥିଲି। କଷ୍ଟ ଲାଗିଲେ ଶ୍ରୀଗୀତଗୋବିନ୍ଦରୁ କେତେପଦ ମନକୁ ମନ ବୋଲି ଦେଉଥିଲି। ତୁମେ ଜାଣ ମୁଁ ଲଳିତ ସ୍ୱରରେ ଭଲ ଶ୍ରୀଗୀତଗୋବିନ୍ଦ ବୋଲି ଜାଣେ। ସେହି ଦିନର ସନ୍ଧ୍ୟାରେ କାଳୀଙ୍କ ମନ୍ଦିରରେ ଆଳତି ଆରମ୍ଭ ହେଲା। ସେତିକିବେଳେ ମୁଁ ସେଠାରେ ଶ୍ରୀଗୀତଗୋବିନ୍ଦର "ଶ୍ରୀତକମଳାକୁଚମଣ୍ଡଳ" ଜଣାଣଟି ବୋଲିବା ଆରମ୍ଭ କରିଦେଲି। ମୋ ଗାଉଥିବା ଶ୍ରୀଗୀତଗୋବିନ୍ଦର ସ୍ୱର ଶୁଣି ମନ୍ଦିରର ଭକ୍ତମାନେ ସ୍ତବ୍ଧ ହୋଇଗଲେ। ସେମାନେ ଠାକୁରାଣୀଙ୍କ ଆଳତୀ ଦେଖିବେ କଣ ମୋରି ଆଡ଼କୁ ସମସ୍ତେ ଚାହିଁ ରହିଲେ। ସେହି ଜଣାଣ ସରିଲା ପରେ ପୁଣି ସେମାନଙ୍କଠାରୁ ଦାବି ହେଲା ଆହୁରି ବୋଲିବାକୁ। ଏହିପରି ତିନିଗୋଟି ଗୀତ ଶ୍ରୀଗୀତଗୋବିନ୍ଦରୁ ଗାଇଲି। ଭିଡ଼ ଭିତରୁ ହଠାତ୍ ଜଣେ ବୃଦ୍ଧା ମୋର ପରିଚୟ ପଚାରି ତାଙ୍କ ଘରକୁ ମୋତେ ଡାକିନେଲେ। ସେ ଥିଲେ ଜଣେ ବିଧବା ବ୍ରାହ୍ମଣୀ। ନାମ ଥିଲା ସୌରିନ୍ଦ୍ରୀ ବନ୍ଦୋପାଧ୍ୟାୟ। ବୟସ ପ୍ରାୟ ୬୦ ଉପରେ। ଦେଖିବାକୁ ଥିଲା ସୁନ୍ଦର ସ୍ୱାସ୍ଥ୍ୟର ଚେହେରା। ତାଙ୍କର ଥିଲେ ଏକମାତ୍ର କନ୍ୟା। ନାଁ ଥିଲା ଅଳକା। କୋଲକତା ବିଶ୍ୱବିଦ୍ୟାଳୟରେ ସେ ଥିଲେ ଦର୍ଶନ ବିଭାଗର ଛାତ୍ରୀ। ତାଙ୍କର ସଙ୍ଗୀତ ପ୍ରତି ଥିଲା ଅହେତୁକ ଆକର୍ଷଣ। ବୃଦ୍ଧା ଝିଅକୁ ଗୀତ ଓ ନୃତ୍ୟ ଶିଖାଇବା ପାଇଁ ମୋତେ ଅନୁରୋଧ କଲେ। କିଛି ଯେତେବେଳେ ନାହିଁ ଏପରି ଅପ୍ରତ୍ୟାଶିତ ଆଗ୍ରହ ମୋତେ ଦେବ ନିର୍ଦ୍ଦେଶ ସଦୃଶ ଥିଲା। ମୁଁ ବଙ୍ଗଳା ବି କିଛିଟା ଜାଣିଥିଲି। ତେଣୁ ଭାଷା ମୋତେ ବିଶେଷ ବାଧକ ହେଲାନାହିଁ। ଝିଅଟିକୁ ନୃତ୍ୟ ଓ ଗୀତ ଶିଖାଇବା ବ୍ୟତୀତ ମୋର ପ୍ରାୟତଃ ଆଉ କିଛି କାମ ନଥିଲା। ତଥାପି ସେଠାରେ ରହି ସଂସ୍କୃତରେ ଏମ୍.ଏ ପରୀକ୍ଷା ଦେଇ କୋଲକତା ବିଶ୍ୱ ବିଦ୍ୟାଳୟରୁ କୃତୀତ୍ୱର ସହ ପାସ୍ ବି କରିଗଲି। କ୍ରମଶଃ ବୃଦ୍ଧାଙ୍କ ଘରେ ମୁଁ ହେଲି ମୁରବୀ। ତାଙ୍କର ମଫସଲରେ ଥିବା ଜମିର ଆୟ ସହ ଘରଭଡ଼ା ଇତ୍ୟାଦି ମୁଁ ହିଁ ଆଦାୟ କରୁଥିଲି। ସେହି ଝିଅଟି ବି ଦର୍ଶନଶାସ୍ତ୍ରରେ ଏମ୍.ଏ. ପାସ୍ କରିଗଲେ। ଏକତ୍ର ରହିବାରୁ ଆମ ଦୁହିଁଙ୍କର ପ୍ରେମ କ୍ରମଶଃ ବଢ଼ିବାରେ ଲାଗିଲା ଓ ବୃଦ୍ଧାଙ୍କ ସମ୍ମତିରେ ସେହି କାଳୀଙ୍କ ମନ୍ଦିରରେ ବିବାହ ବି ହୋଇଗଲା। ପାଖରେ ବସିଥିବା ସୁଶ୍ରୀ ବଙ୍ଗପ୍ରୌଢ଼ାଙ୍କୁ ଦେଖାଇ ନିଜର ସ୍ତ୍ରୀ ବୋଲି ତାଙ୍କୁ ପରିଚୟ କରାଇଦେଲେ। ସେ ବି ମୋତେ ପାଦଛୁଇଁ ପ୍ରଣାମ କଲେ। ବୃଦ୍ଧାଙ୍କର ନବଦ୍ୱୀପରେ ବହୁ ଭୂସମ୍ପତ୍ତି ଥିଲା। ସେଠାରେ ମଧ୍ୟ ତାଙ୍କର ରାଧାକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କର ମନ୍ଦିର ଆଗରୁ ଗଢ଼ାଥିଲା। ଆମେ ଦୁହେଁ ସେଠାରେ ରହିଲୁ ଓ ବୃଦ୍ଧା ରହିଲେ କୋଲକତାରେ। ଉଭୟେ ସଂସ୍କୃତ ଓ ଦର୍ଶନଶାସ୍ତ୍ର ଜାଣିଥିବାରୁ ଧର୍ମ ସମ୍ପର୍କୀୟ ଯୁକ୍ତିରେ ଆମ ଦୁହିଁଙ୍କର ପତିଆରା ସେତେବେଳର ସମାଜରେ ବେଶ୍ ଜମି ଥିଲା। ଭୂସମ୍ପତ୍ତି ଓ କୋଲକତାରୁ ମିଳୁଥିବା ଘରଭଡ଼ା ଆୟରୁ ଆମ୍ଭେମାନେ ବେଶ୍ ଭଲରେ ଚଳିଯାଉଥିଲୁ। ବିଭିନ୍ନ ସଭା ସମିତିକୁ ବକ୍ତୃତା ଦେବା ନିମନ୍ତେ ଆମ୍ଭ ଦୁଇଜଣଙ୍କୁ ବିଶେଷ ଡକରା ବି ଆସୁଥିଲା। ଅଳକା ବି ଆମର ନବଦ୍ୱୀପରେ ଥିବା ମଠରେ ନୃତ୍ୟ ଓ ସଙ୍ଗୀତ ଶିକ୍ଷା ଦେବାର ଅନୁଷ୍ଠାନଟିଏ ଗଢ଼ିଥିଲେ। କ୍ରମଶଃ ତାହା ବଢ଼ି ଭଲ ଶିକ୍ଷାନୁଷ୍ଠାନଟିଏ ହେବାସହ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହୋଇଗଲା। ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ଥିଲା ପ୍ରାୟ ତିନିଶହ। ଶ୍ରୀଗୀତଗୋବିନ୍ଦ ବୋଲି ଆମେ ଦୁହେଁ ସନ୍ଧ୍ୟାରେ ମନ୍ଦିରରେ ନୃତ୍ୟ କରୁଥିବାବେଳେ କେହି ଜଣେ ଅଳ୍ପ ବୟସର ପିଲା ବାହାରୁ ଆସି ସାମନାରେ ଥିବା ପାହାଚ ଉପର ଚଟାଣରେ ବସିରହି ବଂଶୀ ବଜାଏ ଓ ଏଇଟା ବି ତାହାର ସବୁଦିନିଆ କଥା ହୋଇଗଲା। ନୃତ୍ୟ ଗୀତ ସରିଲା ପରେ ସେ ଚାଲିଯାଏ। ଅନ୍ୟ କିଛି ଗୀତ ବୋଲିଲେ ସେ ବଂଶୀ ନ ବଜାଇ କୁଆଡ଼େ ଉଭାନ ହୋଇଯାଉଥାଏ। ବହୁଥର ତାକୁ ଆମ ପିଲାମାନଙ୍କ ମେଳରେ ବସି ବଂଶୀ ବଜାଇବାକୁ ଆମେ ଦୁହେଁ ଯେତେ ଅନୁରୋଧ କଲେ ବି ସେ କେବଳ ହସି ଦେଇ ସେହି ନିର୍ଦ୍ଦିଷ୍ଟ ଜାଗାରେ ବସି ରୁହେ। ଏପରି କି ଠାକୁରଙ୍କ ପାଖରେ ହୋଇଥିବା ଭୋଗ ଯାଚିଲେ ବି ତାହା ଗ୍ରହଣ କରେନାହିଁ। ଭୁବନେଶ୍ୱରରୁ ଜଣେ ଭକ୍ତ ନବଦ୍ୱୀପ ଆସିଥିବା ଅବସରରେ ଆମର ବକ୍ତୃତା ଶୁଣି ଏଠାକୁ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ ଓ ତାଙ୍କରି ଅନୁରୋଧ କ୍ରମେ ଆମ୍ଭେମାନେ ଏଠାକୁ ଆସିଛୁ। ବହୁଦିନ ପରେ ଶ୍ରୀଜଗନ୍ନାଥଙ୍କର ଦର୍ଶନ କଥା ମନେ ପଡ଼ିଲା। ମୋ ସହ ସ୍ତ୍ରୀ ଅଳକା ଆଉ ଛୋଟ ଝିଅ ଡୋନା, ବିଦ୍ୟାଳୟର ନୃତ୍ୟ ଶିକ୍ଷା କରୁଥିବା କେତେକ ଝିଅ ବି ଆମ ସହିତ ଆସିଛନ୍ତି। ପ୍ରଥମେ ଏଠାରେ ପହଞ୍ଚି ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଫେରିଆସିଛୁ। ଯେଉଁ ପିଲାଟି ବଂଶୀ ବଜାଉଥିଲା ସେ ବି ଆସିଛି। ତାଙ୍କୁ ଡାକି ତୁମର ପରିଚୟ କରାଇ ଦେଉଛି। ମାତ୍ର ଯେତେ ଖୋଜିଲେ ବି ସେ ପିଲାଟି ଆଉ ସେଠାରେ ଦେଖାଗଲା ନାହିଁ। ସେ ପୁଣି କହିଲେ ଏହିଭଳି କଷ୍ଟରେ ଏଠାରୁ ଯାଇ ବଞ୍ଚିବା ପାଇଁ ଜୀବନଟାକୁ ସଙ୍ଘର୍ଷରେ ଲଗାଇ ଦେଇଥିଲି। ମୋର ଯେଉଁ ପରିବର୍ତ୍ତନ ଦେଖୁଛ ତାହା କେବଳ ସେହି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ତାଙ୍କ ଶ୍ରୀଗୀତଗୋବିନ୍ଦ ଯୋଗୁ ହୋଇପାରିଛି। ଘରକଥା ଆଉ ଭାବିବାକୁ ମନେ ନଥିଲା। ନନା (ବାପା), ବୋଉ, ଭାଇମାନଙ୍କ କଥା ମନେ ରଖିନାହିଁ। ତୁମକୁ ବି ଭୁଲିଯାଇଛି। କେବଳ ତୁମର ସେହି ସ୍ୱର୍ଦ୍ଧିତ ଚେହେରା ସହ କଥା କହିବାର ଠାଣି ଓ ମୁହଁକୁ ଦେଖି କିଛିଟା ମନେପଡ଼ିଲା। ମୁଁ ବି ତାଙ୍କୁ କହିଲି ଯେ ତୁମର ମୁଣ୍ଡ କଳାଯାଇ ଓ ତଳେ ପଡ଼ି ମୁଣ୍ଡଫଟାର ଦାଗ ଦେଖି ତୁମ କଥା ବି ମୋର କିଛିଟା ମନକୁ ଆସିଲା। ତୁମେ ଶ୍ରୀଗୀତଗୋବିନ୍ଦ ବା କୃଷ୍ଣତତ୍ତ୍ୱ ଛାଡ଼ି ଏପରି ବକ୍ତୃତା ପାଇଁ କାହିଁକି ରାଜି ହେଉଥିଲ? ମୁଁ ଏପରି କଷ୍ଟ ବିଷୟ କହିବା ପାଇଁ ଆଦୌ ଚାହୁଁ ନଥିଲେ ବି ନିମନ୍ତ୍ରଣ କରିଥିବା ଉଦ୍ୟୋକ୍ତାମାନେ ମୋତେ ଏହା କହିବାକୁ ବାଧ୍ୟ କରିଥିଲେ। ଯେତେବେଳେ ଆମେ ଦୁଇଜଣ ସଂସ୍କୃତ ଓ ଦର୍ଶନଶାସ୍ତ୍ର ଜାଣିଛୁ ସେଥିପାଇଁ ଆମର ଟିକିଏ ସାହସ ହୋଇଥିଲା। ପୁଣି ପ୍ରଥମରୁ ଆମର ପ୍ରତି ସଭାରେ ଶ୍ରୀଗୀତଗୋବିନ୍ଦ ବୋଲି ନୃତ୍ୟ କରିବାର ପରମ୍ପରା ରହି ଆସିଥିଲା। ଆଜି ଏଠାରେ ତାହା ହୋଇପାରିଲା ନାହିଁ। ଉଦ୍ୟୋକ୍ତମାନେ ବି ସେପରି କୌଣସି ବ୍ୟବସ୍ଥା କରିନଥିଲେ। ସଭା ଆରମ୍ଭରୁ ସେ ବଂଶୀବାଦକ ପିଲାଟିକୁ ଆମେ ଆଉ ଦେଖୁନାହୁଁ। ଏବେ ତୁମ ଆଗରେ ଖୋଜିଲେ ବି କୁଆଡ଼େ ରହିଛି ତାହାର ଖବର ନାହିଁ। ମାତ୍ର ଆମ ସହିତ ସେ ନବଦ୍ୱୀପରୁ ନିଶ୍ଚିତ ଆସିଥିଲା। ମୁଁ ଉତ୍ତର ଦେଲି ଆରେ ପ୍ରାୟ ୧୪ବର୍ଷର ଶ୍ୟାମଳ ରଙ୍ଗର ପିଲାଟାଏ ବଂଶୀ ଧରି ମୋ ପାଖ ଚୌକିରେ ବସିଥିବାର ଗତକାଲି ସେହି ଉତ୍ସବରେ ମୁଁ ଦେଖିଛି। ମୁଁ ମଞ୍ଚ ଉପରକୁ ଉଠିଲାବେଳେ ସେ ବି ଉଠିବାକୁ ମୋତେ ବହୁ ସାହାଯ୍ୟ କରିଥିଲା। ଫୁଙ୍ଗୁଳା ଦେହରେ ଗୋଟାଏ ହଳଦିଆ ରଙ୍ଗର ଲୁଗା ପିନ୍ଧିବା ସହ ସେହି ରଙ୍ଗର ଉତ୍ତରୀୟଟାଏ ତାହା ଦେହରେ ଗୁଡ଼େଇ ହୋଇଥିଲା। ମୋ ପାଖରେ ବସି ସେ ଗୁଡ଼ାଏ କଣ ବଜର ବଜର ଗପ କରୁଥିବାର ମୁଁ ଶୁଣିଛି। ମାତ୍ର ଚିହ୍ନି ନଥିବାରୁ ତା ଆଡ଼କୁ ନଜର ଦେଲିନାହିଁ। ତାର ବେଶଭୂଷା ଦେଖି ଭାବିନେଲି ଯେ ତୁମ ସହ ଆସିଥିବା ପିଲାଦଳ ଭିତରୁ କେହି ଜଣେ ନାଟୁଆ ହୋଇଥିବ। ତା ପରେ ସେ କୁଆଡ଼େଗଲା ମୋର ଆଉ ତାହା ଉପରେ ନଜର ନାହିଁ। ଏତିକି ଶୁଣିବା କ୍ଷଣି ବିରୂପାକ୍ଷ ଓ ଅଳକାଙ୍କ ଦୁଇ ଆଖିରୁ ଧାର ଧାର ଲୁହ ବୋହିଗଲା। ଦୁଇ ହାତ ଯୋଡ଼ି ସେମାନେ କେବଳ ଚାହିଁ ରହିଥିଲେ ଉପରକୁ। "ହେ ଭାଇନା! ସେ ଆଉ ଆସିବ ନାହିଁ। ଚିହ୍ନା ପଡ଼ିଗଲା ପରା? ବହୁ ବର୍ଷ ଧରି ଆସୁଥିଲା ଓ ଯାଉଥିଲା। ଆମେ ତାକୁ ଚିହ୍ନିପାରୁ ନଥିଲୁ। ପାଖରେ ବସି ତୁମେ ବି ଚିହ୍ନିପାରିଲ ନାହିଁ। ମୋର ମାନ ରଖିବା ପାଇଁ ଆଜି ମାନ ଉଦ୍ଧାରଣ ରୂପରେ ତୁମକୁ ଏଠାକୁ ଡକାଇ ଆଣିଲା ସେ। ଆମ ପ୍ରତି ସେତିକି କରୁଣା ତାହାର ଥିଲା। ମୁଁ ବି ସେମାନଙ୍କ କଥାରେ ଭାବବିହ୍ୱଳ ହୋଇପଡ଼ିଲି। ମୋ ସାଥିରେ ଥିବା ମଜବୁତିଆ ଶଳା ଦୁଇଟା ବି ଏପରି କଥା ଶୁଣି ହତବାକ୍ ହୋଇପଡ଼ିଲେ। ସେମାନେ ବି ସେହି ପିଲାଟା ମୋ ପାଖରେ ବସିଥିବାର ଦେଖିଥିଲେ। ଆଖିରୁ ସେମାନଙ୍କର ବି ଲୁହ ଜକେଇଗଲା। ବିରୁପାକ୍ଷ ଓ ଅଳକା ସମସ୍ୱରରେ କହିଉଠିଲେ "ହେ ପ୍ରଭୁ! କ୍ଷମାକରନ୍ତୁ, ଆପଣ ପରା କ୍ଷମାସାଗର। ଆସନ୍ତୁ, ପୁଣି ଗୀତଗୋବିନ୍ଦ ଗାଇ ନୃତ୍ୟ କରିବା। ଆଉ ତୁମେ ବଂଶୀ ବଜାଇବ।" କିନ୍ତୁ ଆମ କେତେଜଣଙ୍କ ବ୍ୟତୀତ ସେଠାରେ ଆଉ କେହି ନଥିଲେ। କଥାଟା କେବଳ କୋଠରୀ ଭିତରେ ପ୍ରତିଧ୍ୱନିତ ହୋଇଗଲା। ପରେ ଶୁଣିବାକୁ ମିଳିଲା ସେଦିନ ରାତ୍ରୀର ଶେଷ ପ୍ରହରରେ ସ୍ୱପ୍ନରେ ଭାସିଆସି ସେହି ବଂଶୀଧାରୀ ବାଳକଟି କହିଥିଲେ "ପରମ୍ପରା ଭାଙ୍ଗି ପ୍ରଥମେ ଶ୍ରୀଗୀତଗୋବିନ୍ଦ ବୋଲିଲୁ ନାହିଁ। ପୁଣି ମୋର ଅପ୍ରକଟ ଲୀଳା ଅର୍ଥାତ୍ ମୃତ୍ୟୁ ପର ଜୀବନକୁ ସାଧାରଣ ସଭାରେ ବଖାଣିବାକୁ କିଭଳି ସାହସ କରିଥିଲୁ? ସେଥିପାଇଁ ବ୍ୟତିକ୍ରମ ଘଟିଗଲା। ସେପରି ହୋଇଥିଲେ ବି ମୁଁ ତୋତେ ସମ୍ମାନ ଦିଆଇଲି। ମୁଁ ସବୁ ସହିଯିବିରେ ଅହଂକାରକୁ ନୁହେଁ।" ସେମାନଙ୍କର ସେହି ସ୍ୱପ୍ନର କଥା ପରଦିନ ମୋତେ ଜଣାଇଲେ ବି ଉଦ୍ୟୋକ୍ତାମାନଙ୍କ ମଧ୍ୟରୁ ଜଣେ ସେପରି ସ୍ୱପ୍ନକୁ ସେହି ରାତ୍ରୀରେ ଉପଲବ୍ଧ କରିଥିବାର ଶୁଣିଲି। ଆଖିରୁ କେବଳ ଲୁହ ଝରାଇବା ବ୍ୟତୀତ ମୋର ଆଉ କିଛି କହିବାର ନଥିଲା। ଦୁଇ ହାତ ଯୋଡ଼ି ଘରେ ପୂଜା ପାଉଥିବା ଚକାନୟନଙ୍କ ଫଟୋକୁ ଚାହିଁ ରହିଲି। ଅନୁଭବ କଲି ସେହି ଭୁବନମୋହନ ରଙ୍ଗାଧରରେ ସତେ ଅବା ହସ ଉଚ୍ଛୁଳି ପଡୁଥିଲା। ସେତେବେଳେ ଶ୍ରୀଗୀତଗୋବିନ୍ଦରୁ କଥାଟିଏ ମୋ ଭାବନାରେ ଆସିଗଲା। ବିରହିଣୀ ଶ୍ରୀରାଧା କୁଞ୍ଜରେ ମାଧବଙ୍କ ଅପେକ୍ଷାରେ ବସିଥାନ୍ତି। ଏଣେ ରାତ୍ରୀ ସରିଆସୁଛି। ପାହାନ୍ତି ପକ୍ଷୀର କଳରାବ ପ୍ରଭାତ ହେବାର ସଙ୍କେତ ଦେଇଚାଲିଛି। ବୃନ୍ଦାବନ ଆକାଶରେ ଧିରେଧିରେ ପାହାନ୍ତି ଚନ୍ଦ୍ର ବୁଡ଼ିଯାଉଛି। ବ୍ୟଥିତା ଶ୍ରୀମତୀଙ୍କୁ ଏକାକିନି ଦେଖି ସଖୀ ଲଳିତା ତାଙ୍କୁ ହେଜାଇ କହିଛନ୍ତି– "ଧରାମଣ୍ଡନାରେ! କାହାକୁଲୋ କେବେ ସେହି ଦେଇଛି ଧରା।"।

# ସବୁଠାରୁ ବଡ଼ କାମ



ସଲିଳା ତ୍ରିପାଠୀ
ହନୁମାନଗାଦୀ, ବୋଲଗଡ଼
ମୋ - ୮୭୬୩୭୮୮୬୧୪

ଦିନ ଥିଲା ସାଂସାରିକ ଜୀବନଯାପନ କରିବା ପାଇଁ ମଣିଷକୁ ଅନେକ ପରିଶ୍ରମ କରିବାକୁ ପଡୁଥିଲା । ପରିବାର ପ୍ରତିପୋଷଣ ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ସବୁ ବର୍ଗର ଲୋକମାନେ ଦିନ ସାରା କଠିନ ଶ୍ରମ ଦାନ କରୁଥିଲେ । କାରଣ ରାତ୍ରି ମାନେ ତ ଅନ୍ଧାର ଆଉ ଅନ୍ଧାରରେ ଅବା କେଉଁ କାମ ସମ୍ଭବ । ମନୁଷ୍ୟ ନିଜର ବୁଦ୍ଧି ଓ ନୂତନ କୌଶଳ ପାଇଁ ଅସମ୍ଭବକୁ ସମ୍ଭବ କରିପାରୁଛି । ସ୍ୱୟଂ ଈଶ୍ୱର ବି ହୁଏତ ପଛରେ ପଡିଯିବେ । ମନୁଷ୍ୟର ଅନେକ ଧର୍ମ ରହିଛି । ଧର୍ମ ଶବ୍ଦର ଅର୍ଥଟି ଏଠି କେବଳ କର୍ତ୍ତବ୍ୟ ଓ କର୍ମକୁ ବୁଝାଉଅଛି । ପ୍ରତ୍ୟେକ ବ୍ୟକ୍ତି ପ୍ରଥମେ ତା' ନିଜର ଏବଂ ସଙ୍ଗେ ସଙ୍ଗେ ନିଜ ପରିବାରର ବା ପରିବେଶର ଜାଗ୍ରତ ପ୍ରହରୀ ସାଜିଥାଏ । ତେଣୁ ନିଜ ସହିତ ସେମାନଙ୍କର ଭଲମନ୍ଦ ଓ ସୁଖଦୁଃଖରେ ଭାଗିଦାର ହୋଇଥାଏ ।

ମନେ କରନ୍ତୁ ନିଜ ପିତାମାତା, ସ୍ୱାମୀ ବା ସ୍ତ୍ରୀ ଓ ପିଲାମାନେ, ସାଇପଡିଶା, ବନ୍ଧୁବାନ୍ଧବ ଅଥବା କୌଣସି ସୂତ୍ରରେ ସଂପର୍କୀୟ ମାନଙ୍କର ହାନିଲାଭ ଓ ସୁରକ୍ଷାର ଦାୟିତ୍ୱଟିକୁ ସ୍ୱତପ୍ରବୃତଃ ଭାବେ ନେବାପାଇଁ ତା'ର କୁଣ୍ଠା ନହେବା ସ୍ୱାଭାବିକ । ତେବେ ସ୍ଥଳବିଶେଷରେ ସେ ଏହି ପରିଧିରୁ କାହାକୁ ଅଗ୍ରାଧିକାର ଦେଇଥାଏ ତାହା ପ୍ରତ୍ୟେକ ମଣିଷର ନିଜସ୍ୱ ବିଚାରବୁଦ୍ଧି ଉପରେ ନିର୍ଭର କରିଥାଏ । ସେଥିପାଇଁ ସମସ୍ତେ ତ ଆଉ ସାମୂହିକ ସ୍ୱାର୍ଥର ସ୍ୱପ୍ନ ଦେଖିବାକୁ ଭଲ ପାଇନଥାନ୍ତି । ତେଣୁ ନିଜର ସମୟ, ପ୍ରେମ, ଅର୍ଥ, ତ୍ୟାଗ ଇତ୍ୟାଦିକୁ ମହତ ଉଦ୍ଦେଶ୍ୟରେ ଲଗାଇବାର ଚତୁର୍ଯ୍ୟକୁ ବୁଝିବାର ଶକ୍ତି ସମସ୍ତଙ୍କ ପାଖରେ ନ ଥାଏ ।

ସବୁଠାରୁ ଛୋଟ ସମୂହ ରୂପେ ପରିବାର ବିଦ୍ୟମାନ । ଭାରତବର୍ଷରେ ଅନେକ ସମୟ ଧରି ଯୌଥ ପରିବାରର ସଂଗଠନଟି ପ୍ରଚଳନ ହେଉଥିଲା । ଅନେକ ସକରାତ୍ମକ ବୈଶିଷ୍ଟ ଥାଇ ମଧ୍ୟ ହାଣ୍ଡିଏ ଅମୃତରେ ଟୋପାଏ ବିଷ ପରି ସେ ସଂଗଠନର ଧ୍ୱଂସାବଶେଷକୁ ଆଜି ଆଉ ଦେଖିବାକୁ ମିଳୁନାହିଁ । ଯଦି କେଉଁଠି କାଁ ଭାଁ ଥାଏ ତେବେ ସେମାନେ ଗିନିଜ୍ କିମ୍ବା ଲିମ୍କା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବାର ଆଶାରେ ଅନାଇ ବସିଥିବେ । ଅଥଚ ଏହା ହିଁ ଆମର ମୂଳ ପରମ୍ପରା ଥିଲା । ସମୟ ପ୍ରତ୍ୟେକଟି ସତ୍ତାରେ ପରିବର୍ତ୍ତନ ଆଣିଲା ପରି ଏଥିରେ ଭିନ୍ନତା ଆଣିଛି ସେଥିରେ କିଛି ଭାବିବାର ନାହିଁ । ଆଉ ଏହି ପରିବର୍ତ୍ତନ ମନୁଷ୍ୟର ସଂଗଠିତ ମାନସିକତାରେ ଯେଉଁ ଆଲୋଡନ ଆଣିଛି ଯାହା ପରିବାର କହିଲେ ସଦସ୍ୟଙ୍କର ପରିମାଣକୁ ଏକବାରେ କମେଇ ଦେଇଛି । ଯେଉଁଠି ସାନ ସାନ ପିଲାମାନେ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପାଖରେ ଆଶ୍ରିତ ହେଉଥିଲେ ସେମାନେ ଏବେ ସ୍ମାର୍ଟଫୋନ୍ ପାଖରେ ପଣବନ୍ଦୀ । ସମବୟସ୍କ ଯୁବକ ଯୁବତୀ ଭାଇ ଭଉଣୀ ରୂପେ ଗୋଟିଏ ଖଞ୍ଜାରେ ନୈତିକତା ଆଧାରରେ ଶୃଙ୍ଖଳିତ ଭାବେ ଜୀବନଯାପନ କରୁଥିଲେ ସେମାନେ ଏବେ ଦିଗହରା ଆଉ ପଥହରା । ଘରର ମହିଳାମାନେ ଚରିକାନ୍ଥ ଭିତରେ ଥାଇ ପରସ୍ପରର ମୁଣ୍ଡ ବାନ୍ଧିବା ଠାରୁ ଆରମ୍ଭ କରି ତାସ୍ ଖେଳ, କବିତା ଲେଖା, ପରସ୍ପର ଦୁଃଖରେ ସମଦୁଃଖୀ ହୋଇ ଘରକରଣାର ନୂତନ ଆବିଷ୍କାର,ମଜା ମଜଲିସ୍‌ରେ ସମୟ କାଟୁଥିଲା ବେଳେ ଏବେ ଦିନରାତି ଟିଭି ସିରିଏଲ ନ ହେଲେ ମୋବାଇଲ ପାଗଳ ସାଜୁଛନ୍ତି । ବୁଢ଼ାବୁଢ଼ୀମାନେ ନିଜକୁ ସୁରକ୍ଷା ବଳୟରେ ପାଇ ନାତି ନାତୁଣୀଙ୍କୁ ଗଳ୍ପ ମାଧ୍ୟମରେ ନୈତିକ ଶିକ୍ଷା ଦେବା ବଦଳରେ ଜନ୍ମିତ ସନ୍ତାନମାନଙ୍କୁ ଉପଯୁକ୍ତ ରୋଜଗାର ପାଇଁ ଦେଶାନ୍ତରୀ କରି ନିଜେ ସ୍ୱାଧୀନ ଭାବେ ଅସହାୟ ହୋଇ ଭିଟାମାଟିରେ କାଳାତିପାତ କରୁଛନ୍ତି ।

ଏହି ଦୁର୍ଦ୍ଦିନରେ ସ୍ୱାଧୀନତାର ଅର୍ଥ ହୋଇଛି ଉଶୃଙ୍ଖଳତା । ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସ୍ୱାଧୀନ । କାହାରି ମନରେ କାହାରି ପାଇଁ ଦରଦ ନାହିଁ କି ଭାବନା ନାହିଁ । କେବଳ ପାଖରେ ପଇସା ଥିଲେ ସବୁକିଛି ସମ୍ଭବ । ପରସ୍ପରକୁ ଦୋଷାରୋପ କରି ଦିନ କାଟିଦେବା ଛଡା ଆଉ କରିବାକୁ କିଛି କାମ ଯେ ନାହିଁ । ଥରେ ଜଣେ ମା' ତାଙ୍କ ଝିଅକୁ କହିଲେ 'କି କାମ କରୁଛ ଯେ ଏତେ କଷ୍ଟ ହଉଛି' ଆମ ବେଳର କାମ ତମେ ଜାଣିନ, ତୁମର ନା ଜମିବାଡି ଅଛି ଗାଇଗୁହାଳ ଅଛି ନା ଗୁରୁ ଗୁରୁଜନଙ୍କର ସେବା ଅଛି । ଖାଲି ତମର ପିଲା ପଛରେ ଦିନରାତି ଏକାକାର କରିଦେଉଛ । ସିଏ ପୁଣି ଛଅଟା ନୁହଁ କି ନଅଟା ନୁହେଁ ମାତ୍ର ଗୋଟିଏ । ଏବେ ଝିଅ କାହିଁକି ପଛଘୁଞ୍ଚା ଦେବେ ସିଏ କହିଲେ ତମେ ନା ଗାଡି ଚଲେଇ ଶିଖିଥିଲ, ନା ବଜାର ସଉଦା କରୁଥିଲ, ପିଲାମାନଙ୍କର ପାଠପଢ଼ାର ସମସ୍ତ ଦାୟିତ୍ୱ ନେଉଥିଲ ନା ଶରୀର ଅସୁସ୍ଥ ହେଲେ ଡାକ୍ତରଖାନାକୁ ନେଇକି ଯାଇ ପାରୁଥିଲ । ଆମେ ମଧ୍ୟ ରୋଷେଇ କରୁଛୁ, ଘରକାମ କରୁଛୁ କିନ୍ତୁ କିଛି କାମ ଆମ ପାଇଁ ମେସିନ୍ କରୁଛି ତା'ଛଡ଼ା ଆମେ ରାତିରେ ଦିନଭଳି ଅନେକ କାମ କରିପାରୁଛୁ । କାରଣ ତମ ବେଳର ପରିଶ୍ରମ ଏବେ କରିବା ଅସମ୍ଭବ ଓ ସମ୍ଭବତଃ ବୋକାମୀ ।ତା'ଠାରୁ ବଡ କାମ ହେଉଛି ସେଇ ଗୋଟିଏ ପିଲାକୁ ମଣିଷ ପରି ମଣିଷ କରିବୁ । ତା'ରି ଭିତରେ ଆମେ ସମଗ୍ର ଦୁନିଆକୁ ଦେଖିବୁ । ଏବେ ତ ସେମାନଙ୍କୁ ସ୍ମାର୍ଟଫୋନ୍ କବଳରୁ ମୁକ୍ତ କରିବାକୁ ଆମକୁ ଯୁଦ୍ଧ କରିବାକୁ ପଡୁଛି । ଅଥଚ ତୁମେମାନେ ତ ଆମକୁ ଚୁଲିମୁଣ୍ଡରେ ହିଁ ପ୍ରାଥମିକ ଶିକ୍ଷା ପ୍ରଦାନ କରି ଦେଉଥିଲ । ଆଉ ଜମିବାଡିରୁ ଆମେ ପାଇବୁ କ'ଣ? ସେଥିରୁ କ'ଣ ଆମ ପେଟ ପୁରିବ ନା ସମ୍ମାନ ବଞ୍ଚିବ । ଆଉ ଗୁରୁଜନଙ୍କ ସେବାର ସଂଜ୍ଞା ବଦଳିଛି । ମନରେ ଇଚ୍ଛାଶକ୍ତି ଓ ଆଗ୍ରହ ଥିଲେ ସେବା ହୁଏ କାରଣ ସେବା ପରମ୍ପରାର ଦାସ ନୁହେଁ ବରଂ ଜନ୍ମଗତ ସଂସ୍କାର ।

ତମେ ବି ଗୃହିଣୀ ଥିଲ ଆମେ ବି ଗୃହିଣୀ ଅଛୁ । ଫରକଟା ସମୟ କରିଛି ଆମେ କରିନୁ । ବରଂ ଆମେ ଯଦି ଯୁଗ ସାଥିରେ ତାଳ ଦେଇ ନଚାଲିବୁ ତେବେ ଆମେ ପଛୁଆ ହୋଇଯିବୁ । ଦେଶର ଦ୍ରୁତ ଜନସଂଖ୍ୟା ବୃଦ୍ଧିରେ ଆମେ ଯଦି ଦୁଇଟିରୁ ଅଧିକା ପିଲା ଜନ୍ମ କରିବୁ ତେବେ ଆମେ ସମଗ୍ର ଦେଶର ଅପକାର କରିବୁ । କିନ୍ତୁ ଆମେ ତୁମମାନଙ୍କୁ ଅସ୍ୱୀକାର କରୁନାହୁଁ । ତୁମମାନଙ୍କ ପରି ଧୈର୍ଯ୍ୟ, ସହନଶୀଳତା ଏବଂ ଅପ୍ରାପ୍ତିରେ ପ୍ରାପ୍ତିର ସୁଖ ପାଉଥିବା ପରି ହୃଦୟ ଏବେ ମିଳିବା କଷ୍ଟକର ନୁହେଁ କଠିନ ମଧ୍ୟ । କିନ୍ତୁ ଆମେ ଯେ ଚାହିଁଲେ ବି ପଛକୁ ଫେରି ପାରିବୁନି । ତେଣୁ ଆମେ ତୁମର ସୁଗୁଣକୁ ଶିଖିବାକୁ ଚାହିଁବୁ ଏବଂ ତୁମେ ମଧ୍ୟ ଆମକୁ ଗ୍ରହଣ କରିନେବ । ଆମ ପାଖରେ ଓ ମୁଣ୍ଡ ଉପରେ ବରଗଛର ଛାଇ ପରି ସୁଶୀତଳ ଛାୟା ପ୍ରଦାନ କରିବ । ତେବେ ଯାଇ ସୁସଂହତି ଓ ନୂତନ ଯୁଗର ନୂତନ ବାର୍ତ୍ତାରେ ସମଗ୍ର ସମାଜ କମ୍ପିତ ହେବ ।

ତେବେ ପରିବର୍ତ୍ତନର ଆଲୋକିତ ଅଂଶକୁ ନ ଦେଖିପାରି ମନୁଷ୍ୟ ବିଭ୍ରମ ହୋଇଥାଏ । ନିଜକୁ ମହାନ୍ ଆସନରେ ଦେଖିବାର ଇଚ୍ଛାଟି ମନୁଷ୍ୟକୁ ଅନ୍ୟ ପାଖରେ ଛୋଟ କରିଦିଏ । ଯଦିଓ ସେ ବୟସରେ ଓ ମାନ୍ୟରେ ବଡ଼ ହୋଇଥାଇପାରେ । ସ୍ୱତପବୃତଃ ଭାବେ ଆସିଥିବା ସଂସ୍କାର ଝରଣାର କୁଳୁକୁଳୁ ନାଦ ଭଳି ବୋହିଆସେ ଯାହା ପବିତ୍ର ଓ ପରିଷ୍କାର ହୋଇଥାଏ । ମାତ୍ର ନିଜକୁ ସଂସ୍କାରୀ ଓ ଧର୍ମପରାୟଣ ଦେଖେଇବା ପାଇଁ କରାଯାଉଥିବା କାର୍ଯ୍ୟଗୁଡିକ ଅଭ୍ୟାସ ଅଟେ । ଅଭ୍ୟାସଟି ସର୍ବାଦା ସିଦ୍ଧି ହେବ ତା'ର କିଛି ମାନେ ନଥାଏ । ବର୍ତ୍ତମାନ ପିଲାଠାରୁ ବୁଢ଼ାଯାଏ ଏଇ ଅଭ୍ୟାସ ଗୁଡ଼ିକୁ ବିଜ୍ଞାପନ ପରି କରିବା ପାଇଁ ଲାଳାୟିତ । କାରଣ ଏଇଟା ହିଁ ହେଉଛି ସବୁଠାରୁ ବଡ଼କାମ । ବାସ୍ତବିକ ନିଜକୁ ଭଲ ଦେଖେଇବା ପାଇଁ କରୁଥିବା କାର୍ଯ୍ୟ ବଡ଼ ନା ନୀରବରେ ଭଲକାମ କରିବା ବଡ଼ ଠିକ୍ ସେହିପରି ସହନଶୀଳତା ବଡ଼ ନା ଭଲପାଇବା ବଡ଼ !

ଆମେ ଯଦି ଆଲୁଅକୁ ବନ୍ଦ କରି ଲଣ୍ଠନ ଜାଳିବୁ ଫୋନ୍ ନ କରି ଚିଠି ଦେବୁ ଓ ଦୂର ଦୂରାନ୍ତକୁ ପାଦରେ ଚାଲି ଚାଲି ଯିବୁ ତୁମେ କ'ଣ ଖୁସି ହେବ ?ଅବଶ୍ୟ ନିଜକୁ ଫିଟ୍ ରଖିବା ପାଇଁ ଆମେ ବ୍ୟାୟାମ କରିବା ଆବଶ୍ୟକ ଯାହା ଆମ ଶରୀରକୁ ସୁସ୍ଥ ରଖିବ । ତେଣୁ ସବୁକାମ ମେସିନ୍‌କୁ ନ ଦେଇ ନିଜ ଶରୀରର ସୁସ୍ଥତା ନିମିତ୍ତ କିଛି କାର୍ଯ୍ୟ କରିବା ନିତାନ୍ତ ଜରୁରୀ ଏବଂ ଜୀବନକୁ କେବଳ ଉପଭୋଗ ନ ଭାବି ତା'ର ବାସ୍ତବତାକୁ ହୃଦୟଙ୍ଗମ କରି ନିଜର ପରପୀଢ଼ିକୁ ମଧ୍ୟ ସୁଶିକ୍ଷା ଦେବା ଆବଶ୍ୟକ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ମଇ ୨୦୨୫ ବୁଧବାର



# କେମିକାଲ ଆମ୍ବ ଖାଉଥିଲେ ହୋଇପାରେ କର୍କଟ ରୋଗ

ଗ୍ରୀଷ୍ମଋତୁ ସହ ବର୍ତ୍ତମାନ ଆମ୍ବ ସିଜିନ୍। ଅନେକ ଲୋକ ଆମ୍ବ ଖାଇବାକୁ ବହୁତ ଭଲ ପାଆନ୍ତି ତ ଆଉ କେହି ନୁହେଁ କିନ୍ତୁ ଆପଣ ଜାଣନ୍ତି କି ଆମ୍ବରେ କିଛି ଏଭଳି ରସାୟନିକ ପଦାର୍ଥ ବ୍ୟବହାର ହେଉଥିବାରୁ କୃତ୍ରିମ ଉପାୟରେ ପ୍ରସ୍ତୁତ ହେଉଥିବା ଆମ୍ବ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ । ହେଲେ କିଛି ଏଭଳି ଉପାୟରେ ଆମ୍ବକୁ ପାଚିବାକୁ ଦିଆଯାଉଛି ଯାହାକୁ ଖାଇବା ଦ୍ୱାରା ଆପଣ କର୍କଟ ରୋଗର ଶିକାର ହୋଇପାରନ୍ତି । ଆମ୍ବ କିଣିବା ବେଳେ ନିଶ୍ଚିତ ଭାବେ ପରଖି ନିଅନ୍ତୁ ଯେ ଭାରତୀୟ ଖାଦ୍ୟ ସୁରକ୍ଷା ମାନକ ଆୟୋଗ ଦ୍ୱାରା ସ୍ଥିର ହୋଇଥିବା ମାନ ଅନୁଯାୟୀ ଆମ୍ବ ପ୍ରାକୃତିକ ଭାବରେ ପାଚିବାକୁ ଦିଆଯାଇଛି କି ନାହିଁ । ଧ୍ୟାନ ଦିଅନ୍ତୁ ଯଦି ଆପଣ ରସଯୁକ୍ତ କିଛି ଆମ୍ବ ବଜାରରୁ କ୍ରୟ କରି ଖାଉଛନ୍ତି ତେବେ ସେଥିରେ କିଛି କ୍ୟାଲସିୟମ କାର୍ବାଇଡ ଭଳି ରାସାୟନିକ ପଦାର୍ଥ ଦ୍ୱାରା ପାଚିବାକୁ ଦିଆଯାଇଥାଏ । ଏହାକୁ ଖାଇବା ସ୍ୱାସ୍ଥ୍ୟପ୍ରତି ହାନିକାରକ ହୋଇପାରେ । ଆମ୍ବକୁ ପଚାଇବାରେ ଏଭଳି କରିବାକୁ ଏଫଏସଏସଏଆଇ କଡା ନିଷେଧ କରିଛି । ଏହି ରାସାୟନିକ ପଦାର୍ଥ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ରୋଗକୁ ଡାକି ଆଣିପାରେ । ଯଦି ପ୍ରାକୃତିକ ଉପାୟରେ ପାଚିଲା ଆମ୍ବ ଖାଉଛନ୍ତି ତେବେ ଏହା ସ୍ୱାସ୍ଥ୍ୟପ୍ରତି



ଭଲ । ଏଫଏସଏସଏଆଇର ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରାକୃତିକ ଉପାୟରେ ପାଚିଥିବା ଆମ୍ବ ବଜାରରେ ବିକ୍ରି ହେବା ଜରୁରୀ । ଯଦି କିଛି ଭୁଲ ଉପାୟରେ ଆମ୍ବକୁ ପଚାଇ ବିକ୍ରି କରୁଛନ୍ତି ତେବେ ଏହାକୁ ଖାଇବାଠାରୁ ଦୂରେଇ ରୁହନ୍ତୁ । ଫଳକୁ ଶୀଘ୍ର ପାଚିବା ପାଇଁ ଆଜିକାଲି କ୍ୟାଲସିୟମ କାର୍ବାଇଡ ବ୍ୟବହାର କରାଯାଉଛି । ହେଲେ ଏହା ଶରୀର ପାଇଁ ବିପଜ୍ଜନକ ଏବଂ ଏହା କରିବା ବେଆଇନ । କାରଣ ଏହା ଫଳକୁ ବିଷାକ୍ତ କରିଥାଏ ଏବଂ ଲୋକମାନେ ସେହି ଫଳ ଖାଇବା ପରେ ଫୁସଫୁସ କର୍କଟ ଭଳି ଗୁରୁତର ରୋଗର ଶିକାର ହୋଇପାରନ୍ତି । କ୍ୟାଲସିୟମ କାର୍ବାଇଡ ବ୍ୟବହୃତ ଫଳ ଖାଇବା ଦ୍ୱାରା କାଶ ହେବା, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ଛାତି ଯନ୍ତ୍ରଣା ହୋଇପାରେ । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେଲେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ ମୃତ୍ୟୁ ମଧ୍ୟ ହୋଇପାରେ।

# ଅଂଶୁଘାତରେ ସୁସ୍ଥ ତ୍ୱଚା ପାଇଁ ହେଲଥ ଟିପ୍ସ



ଖରାଦିନ ହେଉ କି ଶୀତଦିନ ଚର୍ମ ରୋଗ ସମସ୍ତଙ୍କ ପାଇଁ ଏକ ସାଧାରଣ ରୋଗର ସମସ୍ୟା ଭାବେ ଉଭା ହୋଇଛି । ତେବେ କାହିଁକି ହୋଇଥାଏ ଚର୍ମ ରୋଗ, ଯଦି ଆପଣ ଏହି ରୋଗର ଶିକାର ହୋଇଛନ୍ତି ତେବେ କ'ଣ ଖାଇବେ କ'ଣ ନାହିଁ ଏବଂ କ'ଣ ଏହାର ପ୍ରତିକାର ଚାଲନ୍ତୁ ଜାଣିବା । ବର୍ତ୍ତମାନ ସମୟରେ ସମସ୍ତେ ହେଲଦି ଓ ଫିଟ ରହିବାକୁ ଚାହୁଁଛନ୍ତି। ସେଥିପାଇଁ ଯୋଗ ଓ ବ୍ୟାୟମ କରିବା ଏବଂ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ । ଖରା ଓ ତାତି ବଢୁଥିବାରୁ ଚର୍ମ କଳା ପଡିବା ବ୍ରଣ ହେବା ଇତ୍ୟାଦି ସମସ୍ୟା ଦେଖାଯାଇଥାଏ । ଛୋଟ ପିଲାଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖାଯାଉଛି । କାରଣ ସେମାନଙ୍କର ହଜମ ପ୍ରକ୍ରିୟା ବିଗିଡିବାରେ ଲାଗିଛି । ତ୍ୱଚା ଶୁଷ୍କ ହୋଇଗଲେ ସେଥିରେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ । ଆମର ଜୀବନଶୈଳୀ ପ୍ରଭାବ ତ୍ୱଚା ଉପରେ ପଡିଥାଏ । ଖାଇବା, ପିଇବା ଏବଂ ଶୋଇବାରେ ଅନିୟମିତତା ଯୋଗୁ ପ୍ରାୟ ସବୁ ବର୍ଗର ଲୋକେ ଚର୍ମ ଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ତେବେ ବ୍ରଣ ନହେବା ପାଇଁ ଆମେ କିପରି ଖାଦ୍ୟ ଖାଇବା ଜରୁରୀ ତାହା ଜାଣିବା ନିହାତି ଆବଶ୍ୟକ । ପାଉଡର ଖାଦ୍ୟ ଖାଇବାଠୁ ଦୂରେଇ ରୁହନ୍ତୁ ଯେପରିକି ବେସନ, ଚାଉଳ ଚୂନା ପିଠା, ଅଟା ଓ ମଇଦା ତିଆରି ଖାଦ୍ୟଠୁ ଦୂରେଇ ରୁହନ୍ତୁ । ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । ଉଷୁନା ଭାତ, ମୁଗ ଡାଲି, ସବୁଜ ପରିବା, ପୋଟଳ, ଜହ୍ନି, ପାଳଙ୍ଗ, ସଜନା ଛୁଇଁ, ଶାଗ, କଲରା, ମେଥି ଏସବୁ ଶାନ୍ତି କରିବା ପରିବା। ଏସବୁ ଖାଇବା ଦ୍ୱାରା ଆପଣ ସୁସ୍ଥ ରହିବା ସହ ତ୍ୱଚା ମଧ୍ୟ ସୁସ୍ଥ ରହିବ । ଆମିଷ, ରାଗ, ଖଟା ଓ ତୈଳ ଜାତୀୟ ଖାଦ୍ୟ ଖାଆନ୍ତୁନାହିଁ । ଏହା ପିତ ବଢାଇବା ଖାଦ୍ୟ ହୋଇଥିବାରୁ ଏସବୁ ଖାଇଲେ ତ୍ୱଚା ଉପରେ ଖରାପ ପ୍ରଭାବ ପଡିବା ସହ ବ୍ରଣ ହେବାର କାରଣ ପାଲଟିଥାଏ । କିଛି ଜଣଙ୍କ ବ୍ରଣ ହେବା ପରେ ମୁହଁରେ କଳାଦାଗ ପଡିଥାଏ । ଏହାକୁ କମାଇବା ପାଇଁ ରାତିରେ ଜାଇଫଳ ବାଟି ଓ କଞ୍ଚା କ୍ଷୀର ଲଗାନ୍ତୁ । ଟାଣ ଖରାରେ ବାହାରକୁ ବାହାରନ୍ତୁ ନାହିଁ । ଝାଞ୍ଜିପବନ ମୁହଁରେ ବଜାନ୍ତୁ ନାହିଁ । ଯଦି ଖରାରେ କେଉଁଠିକୁ ଯାଉଛନ୍ତି ତେବେ ପୁରା ହେଲମେଟ ପିନ୍ଧନ୍ତୁ। ଅତ୍ୟଧିକ ଖରାରେ ବାହାରକୁ ବାହାରିଲେ ସନ ସ୍କିନ ଲୋସନ ଲଗାଇଥାଉ । ଯଦି ଆପଣଙ୍କର ଅଏଲି ସ୍କିନ ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ସନ ସ୍କିନ ଲୋସନ ଲଗାନ୍ତୁ।

# ପ୍ରକ୍ରିୟାକୃତ ଖାଦ୍ୟ ମସ୍ତିଷ୍କ ପାଇଁ କ୍ଷତିକାରକ

ଜେଏଏମ୍ଏ ନ୍ୟୁରୋଲୋଜି ଅନୁଯାୟୀ ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ଏହି ରିସର୍ଚ୍ଚରେ ଉଭୟ ପୁରୁଷ ଏବଂ ମହିଳାଙ୍କ ଉପରେ ଅନୁସନ୍ଧାନ ହୋଇଥିଲା, ଯେଉଁଥିରେ ସମାନ ଫଳାଫଳ ଦେଖିବାକୁ ମିଳିଥିଲା ପ୍ରକ୍ରିୟାକୃତ ଖାଦ୍ୟ ବିଷୟରେ କହିବାକୁ ଗଲେ ଏଥିରେ ପିଜା, ବରଗର, ପ୍ରସ୍ତୁତ ଖାଦ୍ୟ ଖାଇବା ଯେପରିକି ଫ୍ରିଜ ଭୋଜନ, ତରକାରୀ ଇତ୍ୟାଦି ସାମିଲ। ଆଜିର ସମୟରେ, ଲୋକମାନେ କେବଳ ଏପରି ଖାଦ୍ୟ ଖାଇବାକୁ ସକ୍ଷମ ଅଟନ୍ତି, ଯାହା ଶୀଘ୍ର ପ୍ରସ୍ତୁତ ହୋଇପାରିବ।

ସମୟର ଅଭାବ ହେତୁ, ଲୋକଙ୍କୁ ତାଜା ଖାଦ୍ୟ ପ୍ରସ୍ତୁତ ଏବଂ ଖାଇବାକୁ ମଧ୍ୟ ସମୟ ନାହିଁ । କିନ୍ତୁ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ। ଏହି ସତ୍ୟକୁ ଆଲୋକିତ କରିବା ପାଇଁ ଗବେଷଣା କରାଯାଇଥିଲା ପ୍ରତ୍ୟେକ କୋଣରେ ଖୋଲିଥିବା ଆଉଟଲେଟ ଗୁଡିକରେ ତୁମେ ଯାହା ଅର୍ଡର କର, ତୁମର ମୋଟ କ୍ୟାଲୋରୀ ୫୦୦ରୁ ଅଧିକ ହେବ। ଏହି ବିଷୟ ଉପରେ ସୂଚନା ଦେଇଛନ୍ତି ଲକ୍ଷ୍ମୀ କେୟାର ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସ, ଏମଡି ଚିକିତ୍ସକ ଡକ୍ଟର ସୀମା ଯାଦବ। **ପ୍ରକ୍ରିୟାକୃତ ଖାଦ୍ୟ କଣ ?** : ପ୍ରକ୍ରିୟାକୃତ ଖାଦ୍ୟ ବିଷୟରେ କହିବାକୁ ଗଲେ ଏଥିରେ ଚିପ୍ସ, ସ୍ନାକ୍ସ, କୋଲ୍ଡ ପାନୀୟ, ଫ୍ରିଜ ପିଜା କିମ୍ବା ଫ୍ରିଜ ଖାଦ୍ୟ ଇତ୍ୟାଦି ସାମିଲ। ଏହା ବ୍ୟତୀତ ଚକୋଲେଟ୍, କାଣ୍ଡି, ଆଇସ୍କ୍ରିମ୍, ହଟଡଗ୍, ଚିକେନ ନାଗେଟ ମଧ୍ୟ ପ୍ରକ୍ରିୟାକୃତ ଖାଦ୍ୟରେ ଆସେ। ଅଲଟ୍ରାପ୍ରୋସେସିଡ ଖାଦ୍ୟରେ କ୍ୟାଲୋରୀ ଅଧିକ, ଯାହା ମେଦବହୁଳତା, ହୃଦ ରୋଗ, ମଧୁମେହ ଇତ୍ୟାଦି ରୋଗର ଆଶଙ୍କା ବଢ଼ିଥାଏ। **ପ୍ରକ୍ରିୟାକୃତ ଖାଦ୍ୟ ମସ୍ତିଷ୍କକୁ ଦୁର୍ବଳ କରିଥାଏ :** ଏହି ଅନୁସନ୍ଧାନରେ, ଯେଉଁମାନେ ପ୍ରକ୍ରିୟାକୃତ ଖାଦ୍ୟ ଖାଉଥିଲେ, ସେମାନଙ୍କର ଚିନ୍ତା କରିବାର ଏବଂ ବୁଝିବାର କ୍ଷମତା ଅଧିକ ହ୍ରାସ ପାଇଥିବାର ଦେଖାଯାଇଥିଲା। ଅନୁସନ୍ଧାନରେ ଏହା ମଧ୍ୟ କୁହାଯାଇଛି ଯେ ଯେଉଁମାନେ ଦୈନିକ କ୍ୟାଲୋରୀରେ ୨୦ ପ୍ରତିଶତରୁ ଅଧିକ ପ୍ରକ୍ରିୟାକୃତ ଖାଦ୍ୟ ଖାଆନ୍ତି, ସେମାନେ ଗୁରୁତର ରୋଗର ଶିକାର ହୋଇପାରନ୍ତି। ଅନୁସନ୍ଧାନରେ କୁହାଯାଇଛି ଯେ ପ୍ରକ୍ରିୟାକୃତ ଖାଦ୍ୟ ଆମ ମସ୍ତିଷ୍କ ପାଇଁ କ୍ଷତିକାରକ। ଅଧ୍ୟୟନ ଅନୁଯାୟୀ, ଆମର ନିଷ୍ପତ୍ତି ନେବା କ୍ଷମତା ଉପରେ ଏହାର ସିଧାସଳଖ ପ୍ରଭାବ ପଡିଥାଏ। ପ୍ରକ୍ରିୟାକୃତ ଖାଦ୍ୟ ଖାଦ୍ୟର ଗୁଣବତ୍ତା ମଧ୍ୟ ହ୍ରାସ କରେ। ଏହି କାରଣରୁ, ଆମ ଶରୀର ଖାଇବା ପରେ ମଧ୍ୟ ପୁଷ୍ଟିକର ଖାଦ୍ୟ ପାଇ ନଥାଏ। ଅନୁସନ୍ଧାନରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଉତ୍ତମ ଗୁଣାତ୍ମକ ଖାଦ୍ୟ ସହିତ ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ମଧ୍ୟ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ ଏବଂ ଖାଦ୍ୟରେ ପୁଷ୍ଟିକର ଖାଦ୍ୟ ମଧ୍ୟ କମିଯାଏ। ଏହି ଅଧ୍ୟୟନ ପାଇଁ ଦଶ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା, ଯାହା ଉପରେ ଗତ ୧୦ ବର୍ଷ ଧରି ଅନୁସନ୍ଧାନ କରାଯାଉଥିଲା। ଏହି ଲୋକଙ୍କ ବୟସ ୫୧ ବା ତାଠାରୁ କମ ଥିଲା। ମନର ଦକ୍ଷତା ପରୀକ୍ଷା କରିବାକୁ ଡାକ୍ତରମାନେ ଶବ୍ଦ ଚିହ୍ନିବା, ମୌକ ପରୀକ୍ଷା, ଶବ୍ଦ ପ୍ରତ୍ୟାହାର ପରୀକ୍ଷା ନେଇଥିଲେ। ସାନ ଡିଏଗୋରେ ୨୦୨୨ ଆଲଜାଇମର ଆସୋସିଏସନ ଆନ୍ତର୍ଜାତୀୟ ସମ୍ମିଳନୀରେ ଏହି ଅଧ୍ୟୟନ ଉପସ୍ଥାପିତ ହୋଇଥିଲା। ଅଧ୍ୟୟନରେ ଆହୁରି ମଧ୍ୟ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ୪୮ ପ୍ରତିଶତ କ୍ୟାଲୋରୀ, ବ୍ରିଟିଶ ନାଗରିକଙ୍କ ଦ୍ୱାରା ୫୬.୮ ପ୍ରତିଶତ କ୍ୟାଲୋରୀ ଏବଂ କାନାଡିୟମାନଙ୍କ ଦ୍ୱାରା ଖାଉଥିବା ୪୮ ପ୍ରତିଶତ କ୍ୟାଲୋରୀ ପ୍ରକ୍ରିୟାକୃତ ଖାଦ୍ୟରୁ ଆସିଥାଏ। ତେଣୁ ଏହାକୁ ଖାଇବା ଠାରୁ ଦୂରେଇ ରହିବାକୁ ଡାକ୍ତର ପରାମର୍ଶ ଦେଇଥିଲେ।

# ରସୁଣ ଖାଇଲେ ଆଉ ରହିବନି ଘୁଙ୍ଘୁଡି ସମସ୍ୟା



ଅନେକ ଲୋକେ ଶୋଇବା ସମୟରେ ଖୁବ୍ ଜୋରରେ ଘୁଙ୍ଘୁଡି ମାରିଥାଆନ୍ତି। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ କିଛି ଘରୋଇ ଉପାୟ ପ୍ରତି ଧ୍ୟାନ ଦିଅନ୍ତୁ.. ପୁଦିନା ପତ୍ରର ତେଲକୁ ଉଷୁମ ପାଣିରେ ପକାଇ ଗାର ଗେଲ୍ (ଗଳଗଳ)କରନ୍ତୁ। ଏହାକୁ ନିୟମିତ କରିବା ଦ୍ୱାରା ଘୁଙ୍ଘୁଡି ସମସ୍ୟା କମ୍ ହୋଇଥାଏ। ପୁଦିନାପତ୍ରର ଚା' ତିଆରି କରି ମଧ୍ୟ ପିଇପାରିବେ। ଏହା ମଧ୍ୟ ଲାଭଦାୟକ। ଏକ ଗ୍ଲାସ ପାଣିରେ ଅଳ୍ପ କିଛି ଡାଲଚିନି ଗୁଣ୍ଡ ମିଶାନ୍ତୁ। ଏହାକୁ ପିଅନ୍ତୁ। ଏହା ମଧ୍ୟ ଘୁଙ୍ଘୁଡି ସମସ୍ୟାକୁ ଦୂର କରିଥାଏ। ରାତିରେ ଶୋଇବା ପୂର୍ବରୁ ଗୋଟିଏ ରସୁଣ ଖାଇ ଅଳ୍ପ ଉଷୁମ ପାଣି ପିଅନ୍ତୁ।

# ମାଛ ଏବଂ ଚିକେନ୍ ନଗେଟସରେ ଅଧିକ କ୍ୟାଲୋରୀ ରହିଥାଏ



ଉଭୟ ଚିକେନ ଓ ମାଛରେ କମ୍ ପରିମାଣରେ ଫ୍ୟାଟ ଓ କ୍ୟାଲୋରି ରହିଥାଏ । ଏହା ପ୍ରୋଟିନ୍ ର ଭଲ ଉତ୍ସ ମଧ୍ୟ । ଏଥିରୁ ଭିଟାମିନ, ଆଇରନ ଓ ଓମେଗା-୩ ଫ୍ୟାଟ୍ ସହିତ ଅନେକ ପୋଷଣ ମଧ୍ୟ ମିଳିଥାଏ । ତେବେ ମାଛ ଏବଂ ଚିକେନ୍ ମଧ୍ୟରୁ କେଉଁଥିରେ ଅଧିକ ପରିମାଣର ପ୍ରୋଟିନ୍ ଥାଏ ସେ ନେଇ ସବୁବେଳେ ଲୋକ ଦ୍ୱନ୍ଦରେ ପଡିଥାନ୍ତି । ଅଧିକାଂଶ ଲୋକ ଜାଣନ୍ତି ଯେ ମାଛ ଏବଂ ଚିକେନ୍ ମଧ୍ୟରେ ବହୁତ ପାର୍ଥକ୍ୟ ଅଛି । ଏହି ଦୁଇଟିର ଗଠନ, ସ୍ୱାଦ ଏବଂ ରନ୍ଧନ ପ୍ରଣାଳୀରେ ସର୍ବଦା ପାର୍ଥକ୍ୟ ରହିଥାଏ । ଉଭୟ ମାଛ ଓ ଚିକେନରେ ପ୍ରଚୁର ପରିମାଣର ପ୍ରୋଟିନ୍ ଥାଏ । କିନ୍ତୁ କେବେ କେବେ ମନକୁ ପ୍ରଶ୍ନ ଆସେ ଶରୀର ପାଇଁ କେଉଁଟା ସବୁଠୁ ଭଲ କେଉଁଥିରେ ଅଧିକ ପ୍ରୋଟିନ ଥାଏ ଇତ୍ୟାଦି । ତେବେ ଆସନ୍ତୁ ଜାଣିବା ସେ ବିଷୟରେ...

ମାଛ ଏବଂ ଚିକେନ୍ ମଧ୍ୟରେ ବହୁତ ପାର୍ଥକ୍ୟ ଅଛି । ମାଛ ନଦୀ, ସମୁଦ୍ରରୁ ଆସିଥାଏ ଏବଂ କୁକୁଡ଼ାମାନେ ସ୍ଥଳଭାଗରେ ବଢିଥାନ୍ତି । ପ୍ରଥମ ପାର୍ଥକ୍ୟ ହେଉଛି ସ୍ୱାଦ ଏବଂ ଗଠନ । ମାଛ ଚିକେନ୍ ଅପେକ୍ଷା ନରମ ଅଟେ । ଏହାର ମାଂସପେଶୀରେ ତନ୍ତୁ ଅଛି । ମାଛ ଖାଇବାବେଳେ, ସାଧାରଣତଃ କଣ୍ଟାର ଶିକାର ହେବାକୁ ପଡିଥାଏ । ଚିକେନ୍ ର ସ୍ୱାଦ ଟିକେ ଭିନ୍ନ ଅଟେ । ଚିକେନକୁ ସିଜଲିଙ୍ଗ, ସସ୍ କିମ୍ବା ମାରିନେଡ କରିକି ଖାଇଲେ ତାହାର ସ୍ୱାଦରେ ଟିକେ ଭଲ ଲାଗିଥାଏ । ଅନ୍ୟପକ୍ଷରେ, ମାଛର ସ୍ୱାଦ ଆପଣ ଖାଉଥିବା ମାଛର ପ୍ରକାର ଉପରେ ନିର୍ଭର କରେ । ଏହି ମାଛ ମିଠା ହୋଇପାରେ କିମ୍ବା ଲୁଣି ଅଥବା ତେଲିଆ ହୋଇଥାଇପାରେ।

ସେଲମନ ଏବଂ ଟୁନା ମାଛରେ କ୍ୟାଲୋରୀ ବହୁତ ଅଧିକ ପରିମାଣରେ ଥାଏ । ଏହାକୁ ଭାଜି ଖାଇବା ଦ୍ୱାରା ଶରୀରରେ ଚର୍ବି ବଢିଥାଏ । ଭଜା ମାଛ ଏବଂ ଚିକେନ୍ ନଗେଟସରେ ଅଧିକ କ୍ୟାଲୋରୀ ରହିଥାଏ । ଯଦି ଆପଣ ମାଂସାହାରୀ ତେବେ ଆପଣଙ୍କ ଖାଦ୍ୟରେ ମାଛ କିମ୍ବା ଚିକେନ୍ ଅନ୍ତର୍ଭୁକ୍ତ କଲେ ଅନେକ ସ୍ୱାସ୍ଥ୍ୟଗତ ଫାଇଦା ମିଳିଥାଏ, ଯାହା ଏକ ସନ୍ତୁଳିତ ଖାଦ୍ୟ ପାଇଁ ଆବଶ୍ୟକ । ମାଛ ଖାଇବା ଦ୍ୱାରା ଆପଣଙ୍କୁ ପ୍ରୋଟିନ୍ ମିଳିବା ସହିତ ଅନେକ ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ମିଳିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲାଭ ହେଉଛି ଓମେଗା -୩ ଫ୍ୟାଟି ଏସିଡ୍, ଯାହା ଆମ ଶରୀର ପ୍ରାକୃତିକ ଭାବରେ ଉତ୍ପାଦନ କରିପାରିବ ନାହିଁ । ଏହା ଶରୀରରେ ପ୍ରଦାହ ଏବଂ ଚାପ ସ୍ତରକୁ ହ୍ରାସ କରିଥାଏ । ଯାହା ହୃଦରୋଗ ସହିତ ଅନେକ ରୋଗର ମୂଳ କାରଣ । ଅଧିକ ଫ୍ୟାଟ ଥିବା ମାଛ ଆପଣଙ୍କ ଟ୍ରାଇଗ୍ଲାଇସରାଇଡକୁ ନିୟନ୍ତ୍ରଣରେ ରଖେ ଏବଂ ଭିଟାମିନ୍ ଡ ସ୍ତରକୁ ମଧ୍ୟ ବଢାଇଥାଏ ।

# ଅନେକ ଲାଭ ମିଳିଥାଏ କଳା ଗୁଡ଼ ଖାଇବା ଦ୍ୱାରା

ବାସ୍ତବରେ, କଳା ଗୁଡ଼ ଏକ ପାରମ୍ପାରିକ ଭାବରେ ତିଆରି ଗୁଡ଼ ଅଟେ। ଯାହା କି ଆଖୁ ରସ କିମ୍ବା ଖଜୁରୀ ରସରୁ ତିଆରି ହୋଇଥାଏ। ଏହି ଅବଧି ମଧ୍ୟରେ ଏହାକୁ ବିଶୋଧିତ କରାଯାଇପାରିବ ନାହିଁ। କିମ୍ବା ପ୍ରକ୍ରିୟାକରଣ କରିହେବ ନାହିଁ । ତା'ପରେ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖାଯାଏ। ଏହା ଯେତେ ପୁରୁଣା ହୁଏ, ଏହାର ରଙ୍ଗ ଗାଢ଼ ହୋଇଯାଏ। ଏଥିରେ ପୁଷ୍ଟିକର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଥାଏ। ଯେପରିକି ଲୌହ ସାମଗ୍ରୀ ପରି, ପୋଟାସିୟମ ଏବଂ ଏହାର ଡାଇୟୁରେଟିକ ଗୁଣ ବୃଦ୍ଧି ପାଏ। ତା'ପରେ ଏହାକୁ ଖାଇବା ଦ୍ୱାରା କିଛି ରୋଗ ଠାରୁ ଦୁରେଇ ରଖିବାରେ ସାହାଯ୍ୟ କରେ।

**ଶୁଖିଲା କାଶ :**

ଶୁଖିଲା କାଶ ହେଉଥିଲେ କଳା ଗୁଡ଼ ଖାଇବା ଦ୍ୱାରା ଅନେକ ଲାଭ ମିଳିଥାଏ। ବାସ୍ତବରେ, ଏହା ସର୍ବପ୍ରଥମେ ଫୁସଫୁସର ଫୁଲାକୁ ହ୍ରାସ କରିଥାଏ ଏବଂ ତା'ପରେ ଗଳାରେ ହେଉଥିବା ଗତଗତକୁ ମୁକ୍ତି ଦେଇଥାଏ। ଏହା ବ୍ୟତୀତ, ଏହା ଏକ ପ୍ରକାର ଉଷ୍ମତା ସୃଷ୍ଟି କରେ ଯାହା ଦ୍ୱାରା ବାରମ୍ବାର ହେଉଥିବା ଶୁଖିଲା କାଶରୁ ଆପଣ ଆରାମ ପାଇଁ ପାରିବେ ।

**କଳା ଗୁଡ଼ରେ ଲୁହା ଭରପୂର ଥାଏ**

କଳା ଗୁଡ଼ରେ ଲୁହା ଭରପୂର ହୋଇ ରହିଥାଏ। ଯେଉଁମାନେ ରକ୍ତହୀନତା ରୋଗରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ପାଇଁ ଏହି ଗୁଡ଼ ବହୁତ ଉପକାରୀ ଅଟେ। ଏହା ଶରୀରରେ ରକ୍ତ ଅଭାବକୁ ଦୂର କରିଥାଏ ଏବଂ ପରେ ରକ୍ତହୀନତାର ଲକ୍ଷଣକୁ ହ୍ରାସ କରିଥାଏ। କେଶ ଝଡ଼ିବା କିମ୍ବା ଦୁର୍ବଳତା ଭଳି ରୋଗ ମଧ୍ୟ ନିବାରଣ କରେ। ତେଣୁ, ମହିଳାମାନେ ବିଶେଷ ଭାବରେ ଏହି ଗୁଡ଼କୁ ଖାଇବା ଉଚିତ।

କଳା ଗୁଡ଼ ହେଉଛି ଏକ ପ୍ରତିରୋଧକ ଶକ୍ତି ।

କଳା ଗୁଡ଼ ପ୍ରତିରୋଧକ ଶକ୍ତିରେ ପରିପୂର୍ଣ୍ଣ ଅଟେ ଏବଂ ଶରୀରକୁ ଋତୁକାଳୀନ ସଂକ୍ରାମକ ରୋଗରୁ ରକ୍ଷା କରିଥାଏ। ଏହି ଗୁଡ଼ର ବିଶେଷ କଥା ହେଉଛି, ଏହା ଆଣ୍ଟି-ବ୍ୟାକ୍ଟେରିଆଲ ହେବା ସହିତ ଏହା ଆଣ୍ଟି-ଇନଫ୍ଲାମେଟୋରୀ ଗୁଣରେ ମଧ୍ୟ ପରିପୂର୍ଣ୍ଣ ଅଟେ। ଏହା ଆପଣଙ୍କ ଫୁସଫୁସର ଫୁଲା ପଣକୁ ଅଟକାଇ ଥାଏ ଏବଂ ଆପଣଙ୍କୁ ସଂକ୍ରମଣରୁ ରକ୍ଷା କରିଥାଏ। ପରିବର୍ତ୍ତିତ ପାଗରେ ଥଣ୍ଡା ଏବଂ କାଶ ହେବାର ଆଶଙ୍କା କମ କରିଥାଏ ।

**ହାଡ ପାଇଁ କଳା ଗୁଡ଼ ଉପକାରୀ**

ଶରୀରରେ ଥିବା ହାଡ଼ ସୁସ୍ଥ ରହିବା ପାଇଁ ଆପଣ କଳା ଗୁଡ଼ ଖାଇପାରିବେ। କାରଣ ଏଥିରେ ଉତ୍ତମ ପରିମାଣର ପୋଟାସିୟମ ରହିଥାଏ ଯାହା ହାଡର ଘନତାକୁ ବଢ଼ାଇଥାଏ ଏବଂ ସେମାନଙ୍କୁ ଶକ୍ତିଶାଳୀ କରିଥାଏ, ଯାହା କି ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ହାଡ ସମ୍ବନ୍ଧୀୟ ରୋଗରୁ ରକ୍ଷା କରିଥାଏ। ତେଣୁ, ଏହି ସମସ୍ତ କାରଣ ପାଇଁ କଳା ଗୁଡ଼ ଖାଇବା ଉଚିତ।

# ମନ୍ଦିରରେ ପ୍ରସାଦ ରୂପରେ ପାଠ୍ୟପୁସ୍ତକ, ଡିଭିଡି,ସିଡି ଓ ଲେଖିବା ସାମଗ୍ରୀ ରହିଥାଏ





ହିନ୍ଦୁ ଧର୍ମରେ ପ୍ରସାଦ ହେଉଛି, ଭଗବାନଙ୍କ ନିକଟରେ ସମର୍ପଣ କରାଯାଉଥିବା ପବିତ୍ର ଭୋଗ। ଅଧିକାଂଶ ମନ୍ଦିରର ସ୍ୱତନ୍ତ୍ର ପ୍ରସାଦ ରହିଛି। ଯାହା ଖୁବ ପ୍ରସିଦ୍ଧ ମଧ୍ୟ। ତେବେ ଏପରି କେତେକ ମନ୍ଦିର ରହିଛି, ଯେଉଁଠାରେ କିଛି ନିଆରା ପ୍ରସାଦ ମିଳିଥାଏ। ଜାଣନ୍ତୁ ଭାରତର ସେଭଳି କିଛି ସ୍ୱତନ୍ତ୍ର ମନ୍ଦିର ବିଷୟରେ..

ତ୍ରୀଶୁରର ମଞ୍ଜୁବନଚେରୀରେ ଥିବା ମହାଦେବ ମନ୍ଦିରରେ ପ୍ରସାଦ ରୂପରେ ପାଠ୍ୟପୁସ୍ତକ, ଡିଭିଡି,ସିଡି ଓ ଲେଖିବା ସାମଗ୍ରୀ ରହିଥାଏ। ମନ୍ଦିରର ଟ୍ରଷ୍ଟ ଅନୁଯାୟୀ, ଏପରି ପ୍ରସାଦ ହେବାର କାରଣ, ଜ୍ଞାନ ବଣ୍ଟନ କରିବା ସବୁଠାରୁ ଉତ୍ତମ। ପଲାନି ପାହାଡରେ ଅବସ୍ଥିତ ପ୍ରଭୁ ମୁରୁଗନଙ୍କ ଏହି ମନ୍ଦିର ଏହାର ବିଶେଷ ପ୍ରସାଦ ପାଇଁ ବହୁତ ଲୋକପ୍ରିୟ। ପାଞ୍ଚଟି ଫଳ, ଗୁଡ ଏବଂ ମିଶ୍ରି ଏଠାରେ ଭୋଗ ଲଗାଯାଏ। ଏହା ପଞ୍ଚାମୃତ ନାମରେ ମଧ୍ୟ ଜଣାଶୁଣା। ତିରୁଅନନ୍ତପୁରମ୍ ନିକଟ ଅମ୍ବାଲାପୁଝାରେ ସ୍ଥିତ ଶ୍ରୀକୃଷ୍ଣଙ୍କ ମନ୍ଦିରରେ କ୍ଷୀରୀ ପ୍ରସାଦ ବଣ୍ଟାଯାଏ। ଏହା କ୍ଷୀର, ଚିନି ଏବଂ ଚାଉଳରୁ ତିଆରି। ଏହା ଏକ ସାଧାରଣ ମିଠା। ଅଲାଗର ମନ୍ଦିର ନାମରେ ଲୋକପ୍ରିୟ ଏହି ମନ୍ଦିର ମଦୁରାଇ ଠାରୁ ୨୧ କିଲୋମିଟର ଦୂରରେ ସ୍ଥିତ। ଏହି ମନ୍ଦିର ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ଏଠାରେ ଭକ୍ତଙ୍କୁ ପ୍ରସାଦ ରୂପେରେ ଦୋସା ବଣ୍ଟନ କରାଯାଏ। ଏହାର କାରଣ ହେଉଛି, ଏଠାରେ ଭକ୍ତଙ୍କ ଦ୍ୱାରା ଭଗବାନଙ୍କ ନିକଟରେ ପ୍ରସାଦ ଭାବେ ବିଭିନ୍ନ ପ୍ରକାର ଶସ୍ୟ ଅର୍ପଣ କରାଯାଏ। ଏହି ଶସ୍ୟକୁ ବ୍ୟବହାର କରି ସତେଜ ସ୍ୱାଦିଷ୍ଟ ଦୋସା ପ୍ରସ୍ତୁତ କରାଯାଇ ପ୍ରସାଦ ରୂପେ ବଣ୍ଟାଯାଏ।

# ଡାଳିମ୍ବ ରସ ରକ୍ତହୀନତା ରୋଗର ବ୍ୟକ୍ତିଙ୍କ ପାଇଁ ରାମବାଣ ସଦୃଶ୍ୟ

ଅନେକ ଲୋକ ଜୁସ୍ ଦୋକାନକୁ ଗଲେ ମିକ୍ସ ଜୁସ୍ ପିଇବାକୁ ପସନ୍ଦ କରିଥାନ୍ତି। ଆମକୁ ଏପରି ଲାଗିଥାଏ ଯେ ମିକ୍ସ ଜୁସ୍‌ରେ ସବୁ ପ୍ରକାର ଫଳ ମିଶୁଥିବାରୁ ବିଭିନ୍ନ ଭିଟାମିନ୍ ମିଳିଥାଏ।ମାତ୍ର ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ମିକ୍ସ ଜୁସ୍ ଅପେକ୍ଷା କୌଣସି ଗୋଟାଏ ଫଳର ଜୁସ୍ ପିଇବା ଆପଣଙ୍କ ପାଇଁ ବେଶି ଲାଭପ୍ରଦ ପ୍ରମାଣିତ ହୋଇପାରେ। ତେବେ ଚାଲନ୍ତୁ ଜାଣିବା କେଉଁ ଜୁସ୍ ପିଇଲେ କେଉଁ ସବୁ ଲାଭ ମିଳେ। **ସେଓ ରସ:** ଆପଣ ତ ଏକଥା ନିଶ୍ଚୟ ଜାଣିଥିବେ ଯେ ଦୈନିକ ଗୋଟାଏ ସେଓ ଖାଇବା ଦ୍ୱାରା ଡାକ୍ତରଙ୍କ ଠାରୁ ଦୂରେଇ ରଖି ହେବ ବୋଲି ଏକ କଥା ରହିଛି। ତେଣୁ ଆପଣ ଯଦି ସେଓ ରସ ପିଇଲେ ତେବେ ନିରୋଗ ରହିବେ।ଏଥିରେ ସନ୍ଦେହ ନାହିଁ। ଏହାଛଡ଼ା ଆପଣ ଏଥିରେ ଖିର ମିଶାଇ ଆପେଲ୍ ସେକ୍ ମଧ୍ୟ କରିପାରନ୍ତି। **ମୌସୁମି ରସ:** ମୌସୁମି ଜୁସ୍ ପିଇଲେ ଚେହେରାରେ ବୟସ୍କପଣ ସହଜରେ ଦିଶେନାହିଁ। ଡାଏଟ୍ ଥିବା ଲୋକମାନେ ବିଶେଷ କରି ମୌସୁମି ଜୁସ୍ ପିଇଥାନ୍ତି। ଏହା ଦ୍ୱାରା କେଶ ଝଡ଼ିବା ସମସ୍ୟା ବି ଦୂର ହୋଇଥାଏ। **ଡାଳିମ୍ବ ରସ:** ଯଦି ଆପଣ କୌଣସି ପ୍ରକାରର ରକ୍ତହୀନତା ରୋଗର ଶିକାର ହୋଇଛନ୍ତି ତେବେ ଆପଣଙ୍କ ପାଇଁ ଡାଳିମ୍ବ ରସ ଭଲ। ଦୈନିକ ଗୋଟିଏ ଗ୍ଲାସ ଡାଳିମ୍ବ ରସ ପିଇବା ଦ୍ୱାରା ଆପଣ ନିଜର ସମସ୍ୟା ଦୂରେଇ ଦେଇପାରିବେ। **ସପୁରୀ ରସ:** ସପୁରୀ ରସ ଆଖି ଓ ପୂରା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହୋଇଥାଏ। ଆପଣ ଏହି ଜୁସ୍ ପିଇଲେ ହଜମ ଭଲ ହେବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣର ଭିଟାମିନ୍ ସି ମିଳିଥାଏ।



# ରୋଗ ସମସ୍ୟା ବଢାଇଥାଏ ବାସି ଭାତ



ଆପଣ ରାତିରେ ଦିନର ବଳକା ଭାତ ଏବଂ ରାତିରେ ରାତିର ବଳକା ଚାଉଳ ମଧ୍ୟ ଖାଉଛନ୍ତି କି। ଯଦି ହଁ, ତେବେ ସାବଧାନ ରୁହନ୍ତୁ, କାରଣ ଏହା ଏକାସାଙ୍ଗରେ ଅନେକ ରୋଗକୁ ନିମନ୍ତ୍ରଣ କରିବା ପରି ଏବଂ ହାର୍ଟ ପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ। ତେଣୁ ଏହି ଖାଇବା ଅଭ୍ୟାସକୁ ତୁରନ୍ତ ତ୍ୟାଗ କରିବା ଉଚିତ।

ବାସି ଖାଇବା ଦ୍ୱାରା ପେଟ ଏବଂ ହଜମ ସମସ୍ୟା ହୋଇପାରେ। ବାସ୍ତବରେ, ଜୀବାଣୁ ବାସି ଭାତରେ ବହୁତ ବୃଦ୍ଧି କରନ୍ତି, ଯାହା ପେଟ ସଂକ୍ରମଣର କାରଣ ହୋଇପାରେ। ଏହା ବ୍ୟତୀତ ପେଟ ଯନ୍ତ୍ରଣା, ଝାଡ଼ା, ବାନ୍ତି ଭଳି ସମସ୍ୟା ମଧ୍ୟ ହୋଇପାରେ। ଏହା ହୃଦଘାତର କାରଣ ହୋଇଥାଏ । ଇଣ୍ଡିପେଣ୍ଡେନ୍ସର ରିପୋର୍ଟ ଅନୁଯାୟୀ, ଏହାକୁ ଖାଇବା ଦ୍ୱାରା ଖାଦ୍ୟ ବିଷାକ୍ତ ସମସ୍ୟା ବା ଫୁଡ ପଏଜନିଂ ହୋଇପାରେ। ରିପୋର୍ଟରେ କୁହାଯାଇଛି ଯେ କଞ୍ଚା ଚାଉଳରେ ସ୍ପୋରସ ମିଳିଥାଏ, ଯାହା ରାନ୍ଧିବା ସମୟରେ ମଧ୍ୟ ରହିଥାଏ, କିନ୍ତୁ ଚାଉଳ ଗରମ ହେଲେ ଏହି ଜୀବାଣୁ ଶରୀରକୁ କ୍ଷତି ପହଞ୍ଚାଇବାରେ ଅସମର୍ଥ ହୁଅନ୍ତି। ଯେତେବେଳେ ଚାଉଳକୁ କୋଠରୀ ତାପମାତ୍ରାରେ ଅନେକ ଘଣ୍ଟା ରଖାଯାଏ, ସ୍ପୋରସ ଜୀବାଣୁରେ ପରିଣତ ହୁଏ ଏବଂ ଯେତେବେଳେ ଏହି ଜୀବାଣୁ ଶରୀରରେ ପହଞ୍ଚନ୍ତି, ସେତେବେଳେ ଏହା ଜଣଙ୍କୁ ଅସୁସ୍ଥ କରିପାରେ।

ଯେତେବେଳେ ଚାଉଳକୁ ଦୀର୍ଘ ସମୟ ଧରି ରଖାଯାଏ, ଏହା ଦୂଷିତ ହୋଇଯାଏ, ଯାହାକୁ ଭଜା ଚାଉଳ ସିଣ୍ଡ୍ରୋମ କୁହାଯାଏ। ଏହା ପେଟଠାରୁ ଆରମ୍ଭ କରି ଅନେକ ରୋଗର କାରଣ ହୋଇଯାଏ। ଏହା ବ୍ୟତୀତ, ବାସିଭାତ ମଧ୍ୟ ହୃଦୟ ସମ୍ବନ୍ଧୀୟ ରୋଗ କରିଥାଏ । ମଞ୍ଚେଷ୍ଟର ଏବଂ ସାଲଫୋର୍ଡ ୟୁନିଭରସିଟି ଦ୍ୱାରା କରାଯାଇଥିବା ଅନୁସନ୍ଧାନରୁ ଜଣାପଡିଛି ଯେ ଯେଉଁ ମାଟିରେ ଚାଉଳ ଚାଷ କରାଯାଏ, ସେଥିରେ ଆର୍ସେନିକ ଅଧିକ ଥାଏ। ଯେହେତୁ ଚାଉଳ ଚାଷ ପାଇଁ ପ୍ରଚୁର ଜଳ ଆବଶ୍ୟକ। କ୍ଷେତରେ ଥିବା ଧାନ ଫସଲ ସଂପୂର୍ଣ୍ଣ ପାଣିରେ ବୁଡ଼ି ରହିଥାଏ। ଯେଉଁଥିପାଇଁ ଆର୍ସେନିକର ପରିମାଣ ବଢିଥାଏ। ଯେତେବେଳେ ଆର୍ସେନିକ ଅନ୍ୟ ବିଷାକ୍ତ ପଦାର୍ଥ ସହିତ ମିଶ୍ରିତ ହୁଏ ଏହା ହୃଦଘାତର କାରଣ ହୋଇଥାଏ। ତେଣୁ ବାସି ଭାତ ଖାଇ ଏହି ସମସ୍ୟା ଆହୁରି ବଢିଯାଏ।

# ଡବ୍ଲ୍ୟୁଟିସି ଫାଇନାଲ : ୧୫ ଜଣିଆ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

**ମେଲବୋର୍ଣ୍ଣ**




ଆସନ୍ତା ଜୁନ୍ ୧୧ରେ ଇଂଲଣ୍ଡର ଲର୍ଡସଠାରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଖେଳାଯିବ। ଏନେଇ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପକ୍ଷରୁ ମଙ୍ଗଳବାର ସେମାନଙ୍କ ଦଳ ଘୋଷଣା କରାଯାଇଛି।

ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ୧୫ ଜଣିଆ ଅଷ୍ଟ୍ରେଲିଆ ଦଳରେ ବିସ୍ଫୋରକ ଓପନର ସାମ୍ କନଷ୍ଟାସ୍ ଓ ଆହତ ସମସ୍ୟାରୁ ଫେରିଥିବା ଅଲ୍‌ରାଉଣ୍ଡର କାମରନ ଗ୍ରୀନ୍ ସ୍ଥାନ ପାଇଛନ୍ତି। ଏହାଛଡ଼ା ଗତ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଖେଳିଥିବା ପ୍ରାୟ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି। ଗ୍ରୀନ୍ ବ୍ୟାକ୍ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଗତବର୍ଷ ଏଥିଲାଗି ତାଙ୍କୁ ସର୍ଜରୀର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସ୍ପିନର ମ୍ୟାଟ କୁହ୍ନେମ୍ୟାନଙ୍କୁ ରେଗୁଲାର ସ୍ପିନର ନାଥନ ଲାୟନଙ୍କ ବ୍ୟାକ୍‌ଅପ୍ ଭାବେ ଏବଂ ବ୍ରେଣ୍ଡନ ଡଗେଟଙ୍କୁ ଟ୍ରାଭେଲିଂ ରିଜର୍ଭ ଭାବେ ଦଳରେ ସାମିଲ କରାଯାଇଛି।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳରେ ଲୁଙ୍ଗି ଏନ୍‌ଗିଡି, କାଗିସୋ ରାବାଡ଼ା ଓ ଅଲରାଉଣ୍ଡର କର୍ବିନ ବୋଶ୍ଚ ସ୍ଥାନ ପାଇଛନ୍ତି। ଦକ୍ଷିଣ ଦଳ ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ଜୁନ ୩ରୁ ୬ ପର୍ଯ୍ୟନ୍ତ ଜିମ୍ବାୱେ ବିପକ୍ଷରେ ଏକ ୱାର୍ମଅପ ମ୍ୟାଚ୍ ଖେଳିବ। ହେଲେ ଆଇପିଏଲରେ ଭାଗ ନେବାକୁ ଯାଉଥିବା ୮ ଖେଳାଳି ଯଥା ଏନ୍‌ଗିଡି, ବୋଶ୍ଚ, ରାବାଡା, ମାର୍କୋ ଜାନସେନ, ଏଡେନ ମାରକ୍ରାମ, ୱିଆନ ମୁଲ୍ଡର, ଟ୍ରିଷ୍ଟାନ ଷ୍ଟବ୍ସ ଓ ରିୟାନ ରିକଲଟନ ଏଥିଲାଗି ଉପଲବ୍ଧ ରହିବେ ନାହିଁ।

ଅଷ୍ଟ୍ରେଲିଆ ଦଳ : ପ୍ୟାଟ କମିନ୍ସ (ଅଧିନାୟକ), ସ୍କଟ ବୋଲାଣ୍ଡ, ଆଲେକ୍ସ କ୍ୟାରି, କ୍ୟାମରନ ଗ୍ରୀନ, ଜୋଶ ହାଜେଲଉଡ, ଟ୍ରାଭିସ ହେଡ୍, ଜୋଶ ଇଙ୍ଗଲିସ, ଉସ୍ମାନ ଖ୍ୱାଜା, ସାମ କନଷ୍ଟାସ, ମ୍ୟାଟ କୁହ୍ନେମ୍ୟାନ, ମାର୍ନସ ଲାବୁସେନ, ନାଥନ ଲାୟନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ବେଉ ୱେବଷ୍ଟର। ଟ୍ରାଭେଲିଂ ରିଜର୍ଭ: ବ୍ରେଣ୍ଡନ ଡଗେଟ।

ଦକ୍ଷିଣ ଆଫ୍ରିକା ଦଳ: ଟେମ୍ବା ବଭୁମା (ଅଧିନାୟକ), ଡେଭିଡ ବେଡିଂହାମ, କର୍ବିନ ବୋଶ୍ଚ, ଟୋନି ଡି ଜର୍ଜି, ମାର୍କୋ ଜାନସେନ, କେଶଭ ମହାରାଜ, ଏଡେନ ମାରକ୍ରାମ, ୱିଆନ ମୁଲ୍ଡର, ସେନୁରାନ ମୁଥୁସାମୀ, ଲୁଙ୍ଗି ଏନ୍‌ଗିଡି, ଡେନ ପାଟରସନ, କାଗିସୋ ରାବାଡା, ରିୟାନ ରିକଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଇଲ ଭେରେନେ।

# ଆଇସିସି ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗ : ୨ନଂକୁ ଉଠିଲେ ସ୍ମୃତି ମନ୍ଧାନା

**ଦୁବାଇ**




ଭାରତର ଷ୍ଟାଇଲିସ ଓପନର ସ୍ମୃତି ମନ୍ଧାନା ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ବିଶ୍ୱର ନମ୍ବର-୧ ସ୍ଥାନ ନିକଟତର ହୋଇଛନ୍ତି। ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଭାରତର ସଫଳତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ସେ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି।

ମନ୍ଧାନା ଏହା ପୂର୍ବରୁ ଗତଥର ୨୦୧୯ରେ ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ନିକଟରେ ସେ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିବା ମୋଟ ୫ଟି ଇନିଂସରେ ୨୬୪ରନ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଅଗ୍ରଣୀ ରନ ସ୍କୋରର ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ବିପକ୍ଷ ଫାଇନାଲରେ ୧୦୧ ବଲ୍‌ରୁ ୧୧୬ ରନ କରିଥିବା ମନ୍ଧାନା ବର୍ତ୍ତମାନ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲାଉରା ଓଲ୍‌ଭାର୍ଡଟଙ୍କ ଠାରୁ ୧୧ ରେଟିଂ ପଏଣ୍ଟ ପଛରେ ରହିଛନ୍ତି, ଯିଏକି ତ୍ରିରାଷ୍ଟ୍ରୀୟ ସିରିଜରେ ମାତ୍ର ୮୬ରନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୩୯ ରନ କରିଥିବା ଶ୍ରୀଲଙ୍କା ଅଧିନାୟକ ଚାମରୀ ଆଥାପାଥୁଙ୍କର ଟପ୍-୧୦ରେ ପଦୋନ୍ନତି ଘଟିଛି। ସେ ୨ ସ୍ଥାନ ପଦୋନ୍ନତି ପାଇ ୭ମକୁ ଉନ୍ନୀତ ହୋଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗୁଏଜ୍ (୫ ପଦୋନ୍ନତି ସହ ୧୫ତମ ସ୍ଥାନ) ଓ ଦକ୍ଷିଣ ଆଫ୍ରିକାର କ୍ଲୋ ଟ୍ରାୟନ (୧୮ତମ ସ୍ଥାନରୁ ୯ମ)ଙ୍କ ମଧ୍ୟ ପଦୋନ୍ନତି ଘଟିଛି। ବୋଲର ତାଲିକାରେ ପଦୋନ୍ନତି ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ପ୍ଲେୟର ଅଫ୍ ଦି ମ୍ୟାଚ ଭାରତୀୟ ସ୍ପିନର ସ୍ନେହ ରାଣା ରହିଛନ୍ତି। ସେ ୪ ସ୍ଥାନ ଉପରକୁ ଉଠି ୩୪ତମ ସ୍ଥାନରେ ଅଛନ୍ତି। ଇଂଲଣ୍ଡର ସୋଫି ଏକ୍କ୍ଲେଷ୍ଟୋନ ନମ୍ବର ୧ ସ୍ଥାନରେ ରହିଛନ୍ତି। ଟପ୍-୧୦ରେ ଭାରତର ଜଣେ ମାତ୍ର ଖେଳାଳି ଦୀପ୍ତି ଶର୍ମା ୪ର୍ଥ ସ୍ଥାନରେ ଅଛନ୍ତି।

## ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ପଦକ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ୨୦୨୫ରେ କାଂସ୍ୟ ପଦକ ବିଜେତା ଓଡ଼ିଶାର ପାରା ଖେଳାଳି ଦୀପ ରଞ୍ଜନ ବିଶୋଇ ଏବଂ ଶୁଭ୍ରଜିତ ମହାରଣାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଦୁବାଇରେ ଆୟୋଜିତ ହେଉଥିବା ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ୨୦୨୫ରେ କାଂସ୍ୟ ପଦକ ବିଜେତା ଓଡ଼ିଶାର ପାରା ଖେଳାଳି ଦୀପ ରଞ୍ଜନ ବିଶୋଇ ଏବଂ ଶୁଭ୍ରଜିତ ମହାରଣାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟ ଗର୍ବିତ। ଉତରୋତ୍ତର ଉନ୍ନତି ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

# ୟୁଡ଼ୋ କରାଟେ ସ୍କୁଲର ରାଜ୍ୟ ସ୍ତରୀୟ ସଫଳତା



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଗତ ୯ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ରାୟଗଡ଼ାର ଗୋପବନ୍ଧୁ ସ୍କୁଲ ଠାରେ ଓଡ଼ିଶା ରାଜ୍ୟ ବ୍ୟାୟାମ ସଂଘ ଓ ଥାଙ୍ଗ-ଟା ମାର୍ଶଲ ଆର୍ଟସ ଏବଂ ମୁଆଥାଇ (ଥାଇବକ୍ସିଂ) ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮ଟି ଜିଲ୍ଲାରୁ ୧୮୦ ପ୍ରତିଯୋଗୀ ଏବଂ ୪୦ ଜଣ ପରିଚାଳନା ଅଧିକାରୀ ଯୋଗ ଦେଇଥିଲେ।

ପ୍ରତିଯୋଗିତାରେ ସୋନପୁର କରାଟେ କୋଚ୍ ସୁଶାନ୍ତ କୁମ୍ଭାରଙ୍କ ନେତୃତ୍ୱରେ ୪ ଜଣ ଖେଳାଳି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବେଳେ ଉକ୍ତ ୪ ଜଣ ପଦକ ହାସଲ କରି ଜିଲ୍ଲାର ଗୌରବ ବୃଦ୍ଧି ସହାୟକ ହୋଇଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ସୁହାନା ଜଗଦଲା ଥାଙ୍ଗ-ଟା ମାର୍ଶଲ ଆର୍ଟସରେ ସ୍ୱର୍ଣ୍ଣ ପଦକ, ବ୍ୟାୟାମରେ ରୌପ୍ୟ ପଦକ ଓ ମୁଆଥାଇରେ ରୌପ୍ୟ ପଦକ ପାଇଥିବା ବେଳେ ସାହୁଲ ଖୁରା ଥାଙ୍ଗ-ଟା ମାର୍ଶଲ ଆର୍ଟସରେ ସ୍ୱର୍ଣ୍ଣ ପଦକ ମୁଆଥାଇରେ ସ୍ୱର୍ଣ୍ଣ ପଦକ ଓ ବ୍ୟାୟାମରେ ବ୍ରୋଞ୍ଜ ପଦକ ପାଇଥିଲେ। ସେହିପରି ଶୃତି କୁମ୍ଭାର ଥାଙ୍ଗ-ଟା ମାର୍ଶଲ ଆର୍ଟସରେ ସ୍ୱର୍ଣ୍ଣ ପଦକ, ମୁଆଥାଇରେ ସ୍ୱର୍ଣ୍ଣ ପଦକ ଓ ବ୍ୟାୟାମରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି କାବ୍ୟା ମେହେର ଥାଙ୍ଗ-ଟା ମାର୍ଶଲ ଆର୍ଟସରେ ରୌପ୍ୟ ପଦକ, ବ୍ୟାୟାମରେ ସ୍ୱର୍ଣ୍ଣ ପଦକ ଓ ମୁଆଥାଇରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଅନୁଷ୍ଠାନ ସଭାପତି ସୁକାନ୍ତ ସାହୁ ଓ ସୁରଜ ପୂଜାରୀଙ୍କ ସହିତ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଥିବା ବେଳେ ସମସ୍ତ ଖେଳାଳିଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବାସହ ସମସ୍ତ ଖେଳାଳିଙ୍କୁ ଜିଲ୍ଲାର ଜନସାଧାରଣ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ୧୭ରୁ ଆଇପିଏଲ୍ ପୁନଃ ଆରମ୍ଭ ଫେରିବେ ବିଦେଶୀ ଖେଳାଳି




**ନୂଆଦିଲ୍ଲୀ**

ଆସନ୍ତା ୧୭ ତାରିଖରୁ ପୁଣି ଆରମ୍ଭ ହେବ ଆଇପିଏଲ୍। ବିଦେଶୀ ଖେଳାଳିଙ୍କ ଉପଲବ୍ଧତା ଲାଗି ବିସିସିଆଇ ଓ ଆଇପିଏଲ୍ ଫ୍ରାଞ୍ଚାଇଜ ପକ୍ଷରୁ ବିଦେଶୀ ବୋର୍ଡ ଉପରେ ଚାପ ପକାଯାଉଛି। ବିସିସିଆଇ ପକ୍ଷରୁ ଆଇପିଏଲ୍ ସିଓଓ ହେମଙ୍ଗ ଆମିନଙ୍କୁ ବ୍ୟକ୍ତିଗତ ଭାବେ କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସହ କଥା ହେବାକୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସୁରକ୍ଷା ଅନୁମତି ମିଳିବା ପରେ ବିସିସିଆଇ ପକ୍ଷରୁ ଆଇପିଏଲ୍‌ର ପରିବର୍ତ୍ତିତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏଥିଯୋଗୁ ସମସ୍ତ ୧୦ ଦଳ ସେମାନଙ୍କ ଖେଳାଳିଙ୍କୁ ଏକତ୍ରିତ କରାଇବାକୁ ଉଦ୍ୟମ ଚଳାଇଛନ୍ତି। ବିଶ୍ୱର ସର୍ବବୃହତ୍ ଟି୨୦ ଲିଗ୍‌କୁ ଗତ ୯ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ବିବାଦ କାରଣରୁ ସ୍ଥଗିତ ରଖାଯାଇଥିଲା। ସ୍ଥଗିତ ହେବାର ଦିନକ ପରେ ଦୁଇ ଦେଶ ମଧ୍ୟରେ ସିଜଫାୟାର ଘୋଷଣା ହୋଇଥିଲା। ପରେ ଆଇପିଏଲ୍ ପୁନଃ ଆରମ୍ଭ ଲାଗି ବାଟ ଫିଟିଥିଲା।

# ଅବସର ନେବାର ଦିନକ ପରେ ବୃନ୍ଦାବନରେ ବିରାଟ-ଅନୁଷ୍କା

**ବୃନ୍ଦାବନ**

ଟିମ୍ ଇଣ୍ଡିଆର ଷ୍ଟାର କ୍ରିକେଟର ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେବାର ଦିନକ ପରେ ମଙ୍ଗଳବାର ବୃନ୍ଦାବନରେ ପହଞ୍ଚିଛନ୍ତି। ସ୍ତ୍ରୀ ଅନୁଷ୍କାଙ୍କ ସହିତ ବିରାଟ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରୟ ସ୍ଥଳରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଛନ୍ତି। ଏହାର ଭିଡିଓ ଏବଂ ଫଟୋ ବର୍ତ୍ତମାନ ଭାଇରାଲ ହେଉଛି।



ସୂଚନା ଯୋଗ୍ୟ, କିଛି ଦିନ ପୂର୍ବରୁ କୋହଲି ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମ ପରିଦର୍ଶନ କରିଥିଲେ ଏବଂ ସେଠାରୁ ଆଶୀର୍ବାଦ ନେବା ପରେ, କୋହଲି ଚାମ୍ପିୟନ୍ସ ଟ୍ରଫିରେ ଚମତ୍କାର ବ୍ୟାଟିଂ କରି ଭାରତକୁ ବିଜୟୀ କରାଇଥିଲେ। ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ କୋହଲି ଶତକ ମାରିଥିଲେ। ଏବେ ପୁଣି ଥରେ କୋହଲି ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମରେ ପହଞ୍ଚିଛନ୍ତି। ଏଥର ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ। କୋହଲି ଏବଂ ତାଙ୍କ ସ୍ତ୍ରୀ ପ୍ରେମାନନ୍ଦ ମହାରାଜଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି।

କିଙ୍ଗ କୋହଲି ସୋମବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ବିରାଟ ଟେଷ୍ଟ ଜର୍ସି ପିନ୍ଧିଥିବା ଏକ ଫଟୋ ଶେୟାର କରି ଲେଖିଥିଲେ, ସତ କହିବାକୁ ଗଲେ, ଏହି ଫର୍ମାଟ ମୋତେ ଏତେ ଦୂରକୁ ନେଇଯିବ ତାହା ମୁଁ କେବେ କଳ୍ପନା କରି ନ ଥିଲି। ଏହା ମୋର ପରୀକ୍ଷା ନେଇଛି, ମୋତେ ଗଠନ କରିଛି ଏବଂ ମୋତେ ଏପରି ଶିକ୍ଷା ଦେଇଛି ଯାହାକୁ ମୁଁ ଜୀବନ ସାରା ବହନ କରିବି।'

କୋହଲି ଆହୁରି ଲେଖିଥିଲେ, ହ୍ୱାଇଟ ଜର୍ସି ପିନ୍ଧି ଖେଳିବା ଏକ ବ୍ୟକ୍ତିଗତ ଅଭିଜ୍ଞତା। ନୀରବ କଠିନ ପରିଶ୍ରମ, ଲମ୍ବା ଦିନ, ଛୋଟ ଛୋଟ ମୁହୂର୍ତ୍ତକୁ କେହି ଦେଖନ୍ତି ନାହିଁ କିନ୍ତୁ ଏହା ସବୁଦିନ ପାଇଁ ଆପଣଙ୍କ ସହିତ ରହିଥାଏ। ଯେତେବେଳେ ମୁଁ ଏହି ଫର୍ମାଟରୁ ଦୂରେଇ ଯାଉଛି, ଏହା ସହଜ ନୁହେଁ, କିନ୍ତୁ ଏହା ଠିକ ଅନୁଭବ ହୁଏ। ମୁଁ ଏଥିରେ ମୋର ସର୍ବସ୍ୱ ଦେଇଛି ଏବଂ ଏହା ମୋତେ ଆଶାଠାରୁ ଅଧିକ ଦେଇଛି ବୋଲି ଉଲ୍ଲେଖ କରିଥିଲେ।

ବିରାଟ କୋହଲି ୨୦ ଜୁନ ୨୦୧୧ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ତାଙ୍କର ଟେଷ୍ଟ ଡେବ୍ୟୁ ମ୍ୟାଚ୍ ଖେଳିଥିଲେ। ସେ ତାଙ୍କର ଡେବ୍ୟୁ ଟେଷ୍ଟର ପ୍ରଥମ ଇନିଂସରେ ୪ ରନ ଏବଂ ଦ୍ୱିତୀୟ ଇନିଂସରେ ୧୫ ରନ୍ କରିଥିଲେ।

# କୋହଲିଙ୍କ ସାଙ୍ଗଙ୍କୁ କୋଚ୍ ଭାବେ ନିଯୁକ୍ତ କଲା ପାକିସ୍ତାନ

**ନୂଆଦିଲ୍ଲୀ**

ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହାର ଦିନିକିଆ ଏବଂ ଟି୨୦ ଦଳ ପାଇଁ ନୂତନ ପ୍ରଶିକ୍ଷକ ଘୋଷଣା କରିଛି। ଏହି କାମ ପାଇଁ, ପିସିବି ଜଣେ ବ୍ୟକ୍ତିଙ୍କୁ ଚୟନ କରିଛି ଯିଏ ବିରାଟ କୋହଲିଙ୍କ ସହ ଦୀର୍ଘ ସମୟ ଧରି କାମ କରିଛନ୍ତି। ବର୍ତ୍ତମାନ, ଏହି ଅଭିଜ୍ଞ ଖେଳାଳି ପାକିସ୍ତାନ ସୁପର ଲିଗ୍ (ପିଏସଏଲ) ଦଳରେ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ବ୍ୟକ୍ତିଙ୍କ ନାମ ମାଇକ ହେସନ, ଯିଏ ଦୀର୍ଘ ସମୟ ଧରି ନ୍ୟୁଜିଲ୍ୟାଣ୍ଡ କ୍ରିକେଟ ଦଳର ପ୍ରଶିକ୍ଷକ ମଧ୍ୟ ଥିଲେ। ପିସିବି କହିଛି ଯେ ହେସନ ମେ ୨୬ରେ ପିଏସଏଲ ଶେଷ ହେବା ପରେ ଦଳରେ ଯୋଗଦେବେ। ସେ ବର୍ତ୍ତମାନ ଇସଲାମାବାଦ ୟୁନାଇଟେଡର ପ୍ରଶିକ୍ଷକ ଅଛନ୍ତି।

ହେସନଙ୍କର ପ୍ରଶିକ୍ଷକ ଭାବରେ ବହୁତ ଅଭିଜ୍ଞତା ଅଛି। ନ୍ୟୁଜିଲାଣ୍ଡ ଦଳର ପ୍ରଶିକ୍ଷକ ହେବା ବ୍ୟତୀତ ସେ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ପ୍ରଶିକ୍ଷକ ମଧ୍ୟ ରହିସାରିଛନ୍ତି। ସେବେଠାରୁ, ତାଙ୍କର ଏବଂ କୋହଲିଙ୍କ ବନ୍ଧୁତାକୁ ବହୁତ ଘନିଷ୍ଠ ବୋଲି ବିବେଚନା କରାଯାଏ। ପିସିବି ଅଧ୍ୟକ୍ଷ ମୋହସିନ ନକ୍‌ଭି କହିଛନ୍ତି ଯେ ହେସନ ତାଙ୍କ ସହିତ ଅନ୍ତର୍ଜାତୀୟ ପ୍ରଶିକ୍ଷକ ଅଭିଜ୍ଞତାର ଏକ ଭଣ୍ଡାର ଆଣିଛନ୍ତି ଏବଂ ତାଙ୍କର ଟ୍ରାକ୍ ରେକର୍ଡ ବହୁତ ଭଲ। ହେସନଙ୍କ ଅଭିଜ୍ଞତା ଏବଂ ନେତୃତ୍ୱ ଆମକୁ ପାକିସ୍ତାନ କ୍ରିକେଟର ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରିବ, ବୋଲି ନକ୍‌ଭି କହିଛନ୍ତି।

# ଦିନିକିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ : ଦୌଲତପୁର ବିଜୟୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ହାଇସ୍କୁଲ ପଡ଼ିଆ ଠାରେ ୟୁଥ୍ ଭଲିବଲ ଏକାଡ଼େମୀ ତରଫରୁ ଦିନିକିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଚାରିଗୋଟି ଭଲି ଟିମ୍ ଅଂଶ ଗ୍ରହଣ କରିଥିଲେ। ଚାଲି ନଙ୍ଗଳର ଦୌଲତପୁର, ପାରାଦ୍ୱୀପ, କେନ୍ଦ୍ରାପଡ଼ା ଓ କଟକର ମଧୁପୁର ଟିମ୍ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ମ୍ୟାଚ୍ କେନ୍ଦ୍ରାପଡ଼ା ଓ ଦୌଲତପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ାକୁ ହରାଇ ଦୌଲତପୁର ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମାଜସେବୀ ରଂଜିତ ସାହୁ, ବିଜେପି ନେତା ସମିଲ ଖାନ, କାଉନସିଲର ସେକ୍ ଅସଲମ୍, ସେକ ଅତୋ, କ୍ରୀଡ଼ା ଶିକ୍ଷକ ଜ୍ୟାତିର୍ମୟୀ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ଆଥ୍‌ଲେଟିକ୍ ସଂପାଦକ ସୟଦ ଆକମଲ ଅଲ୍ଲୀ ଓ ସେକ୍ ନିଜାମ ପ୍ରମୁଖ ଯୋଗ ଦେଇ ବିଜେତା ହୋଇଥିବା ଦୌଲତପୁର ଟିମ୍‌କୁ କପ୍ ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ।

# ପ୍ରଶାସନିକ ଅନାଗ୍ରହ ଯୋଗୁଁ ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ ସମସ୍ୟା ସମାଧାନ ହେଉନି

**କେନ୍ଦୁଝର, ନ୍ୟୁଜ୍**

ବିଭିନ୍ନ ସମୟରେ ଶାସନାଧୀନ ସରକାର ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରୁଥିବାବେଳେ ରାତି ପାହିଲେ ଭଳିକି ଭଳି ଯୋଜନା ପ୍ରଣୟନ କରୁଥିବା ବେଳେ କାର୍ଯ୍ୟରତ ଓ ଅବସର ନେଉଥିବା ସାମ୍ବାଦିକ ମାନଙ୍କ ମୁଖ୍ୟ ଜୀବନ ଓ ଜୀବିକା ଭଳି ସମସ୍ୟାର ସମାଧାନ ଉପରେ ସମାନ୍ୟତମ ଦୃଷ୍ଟି ଦେଉନାହାନ୍ତି, ଯାହାଫଳରେ ବହୁ ସାମ୍ବାଦିକ ବାର୍ଦ୍ଧକ୍ୟ ଅବସ୍ଥାରେ ଆର୍ଥିକ ଅନାଟନରେ ଜୀବନ ବିତାଉଛନ୍ତି। ସାମ୍ବାଦିକ ମାନଙ୍କର ଏଭଳି ସମସ୍ୟାକୁ ଉପଲବ୍ଧି କରି ଆଧିକାଂଶ ରାଜ୍ୟରେ ସାମ୍ବାଦିକମାନଙ୍କୁ ମାସିକ ପେନସନ ପ୍ରଦାନର ବ୍ୟବସ୍ଥା କରି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିବାବେଳେ ଆମ ରାଜ୍ୟରେ ବର୍ଷ ବର୍ଷ ଧରି ସାମ୍ବାଦିକ ଚିହ୍ନଟ ପକ୍ରିୟା ଭାଷଣବାଜିରେ ଚାଲିଛି। ସମସ୍ୟା ସମାଧାନ ପାଇଁ ନା ଶାସନାଧୀନ ସରକାର ଦୃଷ୍ଟି ଦେଉଛନ୍ତି ନା ବିରୋଧୀ ଦଳ ପ୍ରସ୍ତାବ ମାଧ୍ୟମରେ ଉଦ୍ୟମ କରୁଛନ୍ତି, କେହିହେଲେ ସାମ୍ବାଦିକମାନଙ୍କ ଜୀବନ ଜୀବିକା ସାମ୍ବାଦିକମାନଙ୍କୁ ପେନସନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଆଇନ ପ୍ରଣୟନ କରୁଥିବା ମନ୍ତ୍ରୀ, ବିଧାୟକମାନେ ନିଜ ଦରମା, ଭତ୍ତା ବୃଦ୍ଧି କଥା ଉଠିଲେ ଦଳ ବଳ ନିର୍ବିଶେଷରେ ସମସ୍ତେ ଏକଜୁଟ୍ ହୋଇ ପ୍ରସ୍ତାବକୁ ଅନୁମୋଦନ କରି ନିଜ କାର୍ଯ୍ୟ ହାସଲ କରୁଛନ୍ତି, ହେଲେ ସାମ୍ବାଦିକମାନଙ୍କ ସମସ୍ୟା କଥା ଉଠିଲେ କେବଳ ଚିହ୍ନଟ ଚାଲିଛି କହି ବର୍ଷ ବର୍ଷ ଗଡ଼ାଇ ପରମୁହୂର୍ତ୍ତରେ ଭୁଲିଯାଉଛନ୍ତି। ମନ୍ତ୍ରୀ ବିଧାୟକମାନେ ମାତ୍ର ୫ ବର୍ଷ ମାସିକ ଲକ୍ଷ ଟଙ୍କା ବେତନ ପାଇ କାର୍ଯ୍ୟକରୀ ପର ମୁହୂର୍ତ୍ତରେ ମାସିକ ହଜାର ହଜାର ଟଙ୍କା ପେନସନ ପାଇବାକୁ ଯୋଗ୍ୟ ହେଉଥିବା ବେଳେ ସାମ୍ବାଦିକମାନେ ବିନା ପାରିଶ୍ରମିକରେ ସମାଜ ସେବାରେ ଲିପ୍ତ ରହି ଯୁବକ ଅବସ୍ଥାରୁ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇ ଆର୍ଥିକ ଅନାଟନରେ କାଳାତିପାତ କରୁଥିଲେ ହେଁ ସାମ୍ବାଦିକମାନଙ୍କ ପ୍ରତି କୌଣସି ଦଳର ସମବେଦନା ନାହିଁ। ବିଜେଡି ସରକାର ସମୟରେ ଯଦିଓ ସାମ୍ବାଦିକମାନଙ୍କୁ ସାଧାରଣ ନାଗରିକଙ୍କ ଭଳି ସ୍ୱାସ୍ଥ୍ୟ ବୀମା, କାର୍ଡ ବ୍ୟବସ୍ଥା କରିଥିଲେ। ହେଲେ ସେ ବୀମା, କାର୍ଡ ସୁବିଧା ସାମ୍ବାଦିକ ମାନଙ୍କର ଦୈନନ୍ଦିନ ଜୀବନ ଜାପନରେ ସହାୟକ ହେବନାହିଁ। କାରଣ ସାମ୍ବାଦିକ ଜଣକ ମୃତ୍ୟୁ ହେଲେ ତାଙ୍କର ପରିବାର ବର୍ଗ ଓ ସ୍ୱାସ୍ଥ୍ୟ କାର୍ଡର ଅର୍ଥ ସ୍ୱସ୍ଥ୍ୟ କେନ୍ଦ୍ର କର୍ତ୍ତୃପକ୍ଷ ପାଇବେ, ମାତ୍ର ସାମ୍ବାଦିକ ଜଣକ କ'ଣ ପାଇଲେ କିଛି ନାହିଁ, ତେଣୁ ଏଭଳି ଯୋଜନା କରିବା ଅପେକ୍ଷା ସାମ୍ବାଦିକମାନଙ୍କୁ ଅନ୍ୟ ରାଜ୍ୟ ଭଳି ମାସିକ ପେନସନ ପ୍ରଦାନର ବ୍ୟବସ୍ଥା କରାଗଲେ ସାମ୍ବାଦିକମାନେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପକୃତ ହୋଇପାରନ୍ତେ ବୋଲି ଜଣେ ସରକାରୀ ଅଧିସ୍ୱୀକୃତି ପ୍ରାପ୍ତ ବରିଷ୍ଠ ସାମ୍ବାଦିକ ସୁରଜିତ ତ୍ରିପାଠୀ ମତପ୍ରକାଶ କରିଛନ୍ତି।

# ୧୪ ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**



ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଦିଗପହଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ତହସିଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ସୋମବାର ପୂର୍ବାହ୍ନରୁ ସା ମଧ୍ୟରେ ଭୀଷ୍ମଗିରି, ବାଙ୍ଗରଡ଼ା, ଭ୍ରମରପୁର ରାଜସ୍ୱ ସର୍କଲର ବିଭିନ୍ନ ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରେ ବେଆଇନଭାବେ ଗଢି ଉଠିଥିବା ପ୍ରାୟ ୧୨ ଇଟାଭାଟିକୁ ହିଟାଚି ମେଶିନ ସହାୟତାରେ ଭଙ୍ଗାଯାଇଛି।

ସୋମବାର ପୂର୍ବାହ୍ନରେ ଭୀଷ୍ମଗିରି ରାଜସ୍ୱ ସର୍କଲର ବାବୁଲିବନ୍ଧ, ବାଲିପାଟ ମୌଜାର ୨ଟି ବେଆଇନ ଇଟାଭାଟି ଉପରେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଚଢ଼ଉ କରି ଭାଙ୍ଗିଥିବା ବେଳେ ଅପରାହ୍ନରେ ଭ୍ରମରପୁର ସର୍କଲର ସମାସିଙ୍ଗି ମୌଜାର ୭, ଚୌଧୁରୀ ଟିକରପଡ଼ା ମୌଜାର ୩ଟି ବେଆଇନ ଇଟାଭାଟି ଭଙ୍ଗାଯାଇଛି।

ସେହିପରି ଗତ ରବିବାର ବାଙ୍ଗରଡ଼ା ରାଜସ୍ୱ ସର୍କଲର ଧେରେଣ୍ଡି, ଜଲମେରୀ ପଲ୍ଲୀ ମୌଜାର ନିରଞ୍ଜନ ପାଣିଗ୍ରାହୀ ଏବଂ ରମେଶ ବେହେରାଙ୍କ ୨ଟି ବେଆଇନ ଇଟାଭାଟି ଭଙ୍ଗା ଯାଇଥିଲା। ଦିଗପହଣ୍ଡି ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ, ରାଜସ୍ୱ ସୁପରଭାଇଜର ବାବୁ ସେଠୀ, ରାଜସ୍ୱ ନୀରିକ୍ଷକ ସୁଶାନ୍ତ କୁମାର ବେହେରା, ମନୋଜ କୁମାର ବେହେରା, ସୁନୀଲ କୁମାର ବେହେରା, ସହକାରୀ ରାଜସ୍ୱ ନିରୀକ୍ଷକ କେଶବ ଶବର, ଶିବାଶିଷ ପଟ୍ଟନାୟକଙ୍କ ସମେତ ଅଗ୍ନିଶମ ଅଧିକାରୀ ବିକାଶ ଚନ୍ଦ୍ର ମୁଦୁଲି ଓ ପୋଲିସ ଟିମ୍ ଏହି ଚଢ଼ଉ ଧରପଗଡ଼ରେ ସାମିଲ ଥିଲେ। ବେଆଇନ ଇଟାଭାଟି କରି ବ୍ୟବସାୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରାଯାଇ ରାଜସ୍ୱ ବିଭାଗ ପକ୍ଷରୁ ପୂର୍ବରୁ ସେମାନଙ୍କ ଠାରୁ ୧୯ ଲକ୍ଷ ୬୫ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଚଢ଼ଉରେ ପ୍ରାୟ ୨୫ ଲକ୍ଷ ଇଟା ନଷ୍ଟ କରାଯାଇଥିବା ଆକଳନ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଏହି ଚଢ଼ଉ ଧରପଗଡ଼ ଜାରିରହିଛି।

## ଗଞ୍ଜାମ ପୋଲିସ ଜିଲ୍ଲାର ସ୍ୱତନ୍ତ୍ର ଡ୍ରାଇଭ

# ୨୦ ଗିରଫ : ୮ ବନ୍ଧୁକ, ୧୨ ମେଗାଜିନ, ୩୧ ଗୁଳି ଓ ୨୩ ମୋବାଇଲ ଜବତ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ପୋଲିସ ଜିଲ୍ଲାରେ ଅପରାଧୀ ବଢ଼ି ଯାଇଥିବା ବେଳେ ଗଞ୍ଜାମ ପୋଲିସ ଆରମ୍ଭ କରିଛି ଅପରାଧ ସଫେଇ ଅଭିଯାନ। ଶେଷରେ ୧୦ ଦିନ ମଧ୍ୟରେ ସ୍ପେଶାଲ ଡ୍ରାଇଭ୍‌ରେ ପୋଲିସକୁ ମିଳିଛି ଦୁଇଟି ବଡ଼ ସଫଳତା। ଗଞ୍ଜାମ ପୋଲିସ ଜିଲ୍ଲାର ପୋଲସରା, ଆସିକା, ହିଞ୍ଜିଳିକାଟୁ ଓ କୋଟିନଡ଼ା ଥାନା ପୋଲିସକୁ ସଫଳତା ମିଳିଛି। ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୮ ବନ୍ଧୁକ ୨୩ ମୋବାଇଲ ଫୋନ ୩୧ ଗୁଳି, ୧୨ ମେଗାଜିନ ଓ ୨୦ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ପୂର୍ବରୁ ଚଳିତ ମାସ ୪ ତାରିଖରେ ୧୮ ଜଣକୁ ଗିରଫ କରିଥିବାବେଳେ ସେମାନଙ୍କ ଠାରୁ ୧୭ ବନ୍ଧୁକ, ୬୬ ଗୁଳି ୧୬ଟି ମୋବାଇଲ ଫୋନ ଜବତ କରିଥିଲା ପୋଲିସ। ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଅପରାଧୀ ମାନେ ସକ୍ରିୟ ହୋଇ ବିଭିନ୍ନ ଅପରାଧିକ କାଣ୍ଡ ଘଟାଉଥିବା ବେଳେ ଗଞ୍ଜାମ ପୋଲିସ ଜିଲ୍ଲା ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନେତୃତରେ ଏକ ସ୍ୱତନ୍ତ୍ର ଡ୍ରାଇଭ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କ ଠାରୁ ବିଭିନ୍ନ ମରଣାସ୍ତ୍ର ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି ଗଞ୍ଜାମ ପୋଲିସ। ଜିଲ୍ଲାର ୪ଟି ଥାନା ପୋଲସରା, କୋଟିନାଡ଼ା, ହିଞ୍ଜିଳି ଓ ଆସିକା ଥାନା ଅଞ୍ଚଳରୁ ବିଭିନ୍ନ ଅପରାଧିକ ମାମଲାରେ ଲିପ୍ତ ଥିବା ୨୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ଆଗରୁ ମଧ୍ୟ ବହୁ ଅପରାଧରେ ଜଡ଼ିତ ଅଛନ୍ତି। ଏବେବି ପୁଲିସର ସ୍ୱତନ୍ତ୍ର ଡ୍ରାଇଭ ଜାରି ରହିଛି। ପିତଳ ଛକ ଏଟିଏମ୍ ଲୁଟ୍ ଯୋଜନା କରୁଥିବା ନେଇ ହିଞ୍ଜିଳି ଥାନା ପୋଲିସ ୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨ଟି ପିସ୍ତଲ, ୩ଟି ଗୁଳି, ୨ଟି ମାଗାଜିନ ଓ ୪ଟି ମୋବାଇଲ ଜବତ କରିଛି। ଏମାନେ ହେଲେ ହିଞ୍ଜିଳି କେନାଲ ସାହିର ବିଷ୍ଣୁ ଦାସ, ବେଲଗାଁ ପଳାସି ବଡ଼ସାହିର ରାଜା ଗୌଡ଼, ହିଞ୍ଜିଳି ଥାନା ସିକିରି ନୂଆ ସାହିର ହିନ ସାମଲ, ଗାଙ୍ଗପୁର ଥାନା ନିମିନା ଗାଁର ରାକେଶ ମହାପାତ୍ର, ଧରାକୋଟ ଥାନା ଢଉଗାଁର ଗୋବିନ୍ଦ ବେହେରା। ପୋଲସରା ଥାନା ପୋଲିସ ମଧ୍ୟ ୨ ଜଣଙ୍କୁ ଗିରଫ କରିବା ସହ ଗୋଟିଏ ପିସ୍ତଲ, ୩ଟି ଗୁଳି ଜବତ କରିଛି। ଏମାନେ ହେଲେ ପୋଲସରା ନିଗମ ନଗର ସାହିର କୃଷ୍ଣ ଚନ୍ଦ୍ର ବେହେରା ଓ ଧୋବା ସାହିର ରାଜେ ସେଠୀ କୋଟିନଡ଼ା ଥାନା ପୋଲିସ ୮ ଜଣ ଦୁର୍ଦ୍ଦାନ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୪ଟି ପିସ୍ତଲ, ୧୮ଟି ଜୀବନ୍ତ ଗୁଳି, ୮ଟି ମାଗାଜିନ୍, ଗୋଟିଏ ଲେଖାଏଁ କାର୍ ଓ ବାଇକ୍ ଏବଂ ୯ଟି ମୋବାଇଲ ଫୋନ ଜବତ ହୋଇଛି। ଗିରଫ ମାନେ ହେଲେ ଗୋଳନ୍ଥରା ଥାନା ଜୁଗୁଡି ଗାଁର ରାମ ଓରଫ ରାମଚନ୍ଦ୍ର ଗୌଡ଼, ବ୍ରହ୍ମପୁର ସଦର ଥାନା ଲାଠି ଗାଁର ପଣ୍ଡା ଓରଫ ପିଣ୍ଟୁ ଗୌଡ଼, କୋଦଳା ଥାନା ଛଚିନା ଗାଁର ରାଜୁ ଜେନା, ରମ୍ଭା ଥାନା ଖଣ୍ଡଦେଉଳି ଗାଁର ସନ୍ତୋଷ ବେହେରା, ପୋଲସରା ଥାନା ସୋଡକ ଗାଁର ଗଣେଶ ନାହାକ, କୋଟିନଡ଼ା ଥାନା ଭେଟନଇ ଗାଁର ପିଣ୍ଟୁ ବେହେରା, ଛତ୍ରପୁର ଥାନା ଅପରବସ୍‌ଷ୍ଟାଣ୍ଡ ରାଜେଶ ମହାରଣା ଓ ପଟ୍ଟନାୟକ କଲୋନୀର ପପୁ ଓରଫ ପ୍ରତାପ କୁମାର ଜେନା ରହିଛନ୍ତି। ସେହିପରି ସୁନା ଦୋକାନ ଡକାୟତି ଯୋଜନା କରୁଥିବାବେଳେ ଆସିକା ଥାନା ପୋଲିସ ପକ୍ଷରୁ ୫ ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ଠାରୁ ଗୋଟିଏ ପିସ୍ତଲ, ୭ ଜୀବନ୍ତ ଗୁଳି, ୨ଟି ମାଗାଜିନ୍, ୨ଟି ବାଇକ୍ ଓ ୭ଟି ମୋବାଇଲ ପୋଲିସ ଜବତ କରିଛି। ଗିରଫ ମାନେ ହେଲେ ପୁରୁଷୋତ୍ତମପୁରର କାଳିଆ ଓରଫ ଘନଶ୍ୟାମ ବେହେରା, କୋଦଳାର ଦୀପକ ପୃଷ୍ଟି, କବିସୂର୍ଯ୍ୟ ନଗର ଥାନା ଆଠଗଡ଼ପାଟଣାର ଅଜିତ ପଲେଇ, ଆସିକା ଥାନା ପୁଡୁଗେଶ୍ୱରପଲୀର ଟୁକୁନା ବାରିକ ଓ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ହୁଞ୍ଜନର ଶିବ ପ୍ରସାଦ ଦାସ ରହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଏସ୍‌ପ ଶୁଭେନ୍ଦୁ ପାତ୍ର, ଅତିରିକ୍ତ ଏସ୍‌ପି ରଞ୍ଜିତ କୁମାର ପୃଷ୍ଟିଙ୍କ ସମେତ ଆସିକା ଥାନା ଅଧିକାରୀ କୁଳମଣି ସେଠୀ, ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ, ପୋଲସରାଥାନା ଅଧିକାରୀ କୌଶକି ମାଝି, କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।









## ରାଜ୍ୟରେ ଗରମ ଓ ଗୁଳୁଗୁଳିରେ ଅସୁସ୍ଥ ହେଲେଣି ୨୮୨ ଜଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଗରମ ଓ ଗୁଳୁଗୁଳିରେ ଏପର୍ଯ୍ୟନ୍ତ ୨୮୨ ଜଣ ଅସୁସ୍ଥ ହେଲେଣି। ତେବେ ଜଣେ ବି ମେଡିକାଲରେ ଭର୍ତ୍ତି ହୋଇ ନାହାନ୍ତି ବୋଲି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ ବଲାଙ୍ଗୀରରେ ଜଣେ ରୋଗୀଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଛି। ହେଲେ ସମ୍ପୂର୍ଣ୍ଣ ରିପୋର୍ଟ ଏ ପର୍ଯ୍ୟନ୍ତ ଆସିନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସମ୍ବଲପୁରରେ ସର୍ବାଧିକ ୮୩ ଜଣ ଅସୁସ୍ଥ ହୋଇଛନ୍ତି। ସେହିପରି ଝାରସୁଗୁଡ଼ାରେ ୭୨, ମୟୂରଭଞ୍ଜରେ ୪୨, ଦେଓଗଡ଼ରେ ୧୫, ବାଲେଶ୍ୱରରେ ୨୪, ସୋନପୁରରେ ୧୭ ଜଣ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅସୁସ୍ଥ ହୋଇଛନ୍ତି। ଖଣି ଅଞ୍ଚଳରେ ଟ୍ରକ୍ ଭିତରେ ଡ୍ରାଇଭରଙ୍କୁ ନ ରହିବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ୧୦ଟା ପରେ ଖରାକୁ ନ ବାହାରିବା, ବାହାରକୁ ଗଲେ ଛତା ଓ ମୁଣ୍ଡରେ ଗାମୁଛା ଦେଇ ଯିବା ଏବଂ ଓଆରଏସ୍ କିମ୍ବା ତୋରାଣି ଭଳି ପାନୀୟ ପିଇବାକୁ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ବିଦ୍ୟୁତ ଆଘାତରେ ମା' ପୁଅଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଶୋକ, ସହାୟତା ଘୋଷଣା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ବାଂଶପାଳ ବ୍ଲକରେ ବିଦ୍ୟୁତ ଆଘାତରେ ୨୨ ବର୍ଷୀୟ ମହିଳା ଏବଂ ତାଙ୍କ ୨ ବର୍ଷର ପୁଅର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ଟପ୍ ପରଫର୍ମର...

ସ୍ତର ଠାରୁ ଉନ୍ନତ । ରାଜ୍ୟ ସରକାର ଓଡ଼ିଶାକୁ ନିବେଶର ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ି ତୋଳିବାକୁ ନିରନ୍ତର ଉଦ୍ୟମ କରୁଛନ୍ତି । ମେକ୍ ଇନ୍ ଓଡିଶା ଭଳି ନିବେଶକ ସମ୍ମିଳନୀ ଏବଂ ଶିଳ୍ପ ବାତାବରଣକୁ ଉନ୍ନତ କରିବା ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ନିରନ୍ତର ଶିଳ୍ପ ଅଭିବୃଦ୍ଧି କେବଳ ରାଜ୍ୟର ରୂପାନ୍ତରଣରେ ସହାୟକ ହେଉନି । ଏହା ରାଜ୍ୟବାସୀଙ୍କ ଲାଗି ସମୃଦ୍ଧି ଏବଂ ନୂଆ ସମ୍ଭାବନା ଆଣିବାରେ ସହାୟକ ହେଉଛି । ୨୦୧୪-୧୫ରୁ ୨୦୨୪-୨୫ ଡାଟାକୁ ଦେଖିଲେ କର୍ଣ୍ଣାଟକର ମୋଟ ରାଜ୍ୟ ମୂଲ୍ୟ ସଂଯୋଗ (ଜିଏସ୍‌ଭିଏ) ବାର୍ଷିକ ସର୍ବାଧିକ ୭.୫% ହାରରେ ବଢ଼ିଛି । ୧୯ ରାଜ୍ୟ ମଧ୍ୟରେ ଏହା ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭା ହୋଇଛି । ସେବା କ୍ଷେତ୍ରର ଆଖିଦୃଶିଆ ଅଭିବୃଦ୍ଧି ଯୋଗୁ କର୍ଣ୍ଣାଟକ ଏହି ସଫଳତା ପାଇଛି । ଏହି ଅବଧିରେ କର୍ଣ୍ଣାଟକର ସେବା କ୍ଷେତ୍ର ୮.୩% ବଢ଼ିଛି । ରିୟଲ ଇଷ୍ଟେଟ, ବ୍ୟକ୍ତିଗତ ସେବା ଭଳି କ୍ଷେତ୍ରର ଅଭିବୃଦ୍ଧି ଯୋଗୁ ରାଜ୍ୟ ଏଭଳି ସଫଳତା ପାଇଛି । ଆର୍ଥିକ ବର୍ଷ ୨୦୨୩-୨୪ରେ ଦେଶର ଅର୍ଥନୀତିରେ ସେବା କ୍ଷେତ୍ରରେ ଅଂଶ ୫୫% ଥିବା ବେଳେ ଶିଳ୍ପ ୩୧% ଏବଂ କୃଷିର ଅଂଶ ୧୫% ରହିଥିଲା । ରାଜ୍ୟ ଗୁଡ଼ିକୁ ଦେଖିଲେ ବିଭିନ୍ନ କ୍ଷେତ୍ରରେ ଏହି ତାରତମ୍ୟ ଭିନ୍ନ ରହିଛି । ମଧ୍ୟପ୍ରଦେଶର ରାଜ୍ୟ ଅର୍ଥନୀତିକୁ କୃଷି କ୍ଷେତ୍ରର ଅଂଶ ୩୩% ରହିଛି । ଯାହା ରାଜ୍ୟ ଗୁଡ଼ିକ ମଧ୍ୟରେ ସର୍ବାଧିକ। ସେହିଭଳି କର୍ଣ୍ଣାଟକର ରାଜ୍ୟ ଜିଡିପିରେ ସେବା କ୍ଷେତ୍ରର ଅଂଶ ୬୬% । ଏହା ଅନ୍ୟ କୌଣସି ରାଜ୍ୟ ତୁଳନାରେ ସର୍ବାଧିକ । ଆନ୍ଧ୍ରପ୍ରଦେଶର କୃଷି ଉତ୍ପାଦନ ସର୍ବାଧିକ ୭.୨% ରହିଛି । ମାଛ ଏବଂ ଜଳ ସମ୍ପଦ କ୍ଷେତ୍ରରେ ଦୃଢ଼ ପରଫର୍ମାନ୍ସ ଏହି ରାଜ୍ୟରେ ରହିଛି । ୨୦୨୩-୨୪ରେ ମୁଣ୍ଡପିଛା ଆୟ କ୍ଷେତ୍ରରେ ରାଜ୍ୟ ଗୁଡ଼ିକ ମଧ୍ୟରେ ତେଲଙ୍ଗାନା, କର୍ଣ୍ଣାଟକ ଏବଂ ତାମିଲନାଡୁ ଆଗରେ ରହିଛନ୍ତି । ପୂର୍ବରୁ ଶୀର୍ଷ ତାଲିକାରେ ଥିବା ହରିଆଣା, ଉତ୍ତରାଖଣ୍ଡ ଏବଂ କେରଳକୁ ଏମାନେ ପଛରେ ପକାଇ ଦେଇଛନ୍ତି ।

### ସଶସ୍ତ୍ରବାହିନୀର ଅଦମ୍ୟ ନିଷ୍ଠା...

ଯେ ସିରସା ଏବଂ ଆଦମପୁର ବାୟୁସେନା ଘାଟିକୁ କ୍ଷତି ପହଞ୍ଚାଇବାର ପାକିସ୍ତାନର ଦାବି ସମ୍ପୂର୍ଣ୍ଣ ମିଥ୍ୟା। ଏହି ଏୟାରବେସର ଫଟୋ ମଧ୍ୟ ଦେଖାଯାଇଥିଲା, ଯାହା ଦର୍ଶାଉଥିଲା ଯେ ସେଠାରେ ସବୁକିଛି ସ୍ୱାଭାବିକ ଥିଲା। 'ଅପରେସନ ସିନ୍ଦୂର' ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଏବେ ହ୍ରାସ ପାଇଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରାଯାଇଛି। ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ପରିସ୍ଥିତି ଟିକେ ଶାନ୍ତ ପଡିଛି । ଏହି ସମୟରେ ପାକିସ୍ତାନର ଗୋଟିଏ ମିଛର ପର୍ଦ୍ଦାଫାସ ହୋଇଛି। ପ୍ରକୃତରେ ଯେତେବେଳେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆକ୍ରମଣ ଚାଲିଥିଲା ପାକିସ୍ତାନ ଦାବି କରିଥିଲା ଯେ ସେ ଭାରତର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏସ୍-୪୦୦କୁ ନଷ୍ଟ କରିଦେଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମାନ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସହିତ ନିଜର ଫଟୋ ଉଠାଇ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ଏହି ଫଟୋରେ, ଏସ୍-୪୦୦ ପ୍ରଧାନମନ୍ତ୍ରୀଙ୍କ ପଛରେ ଠିଆ ହୋଇଥିବାର ଦେଖାଯାଉଛି। ଏପରି ପରିସ୍ଥିତିରେ ପାକିସ୍ତାନର ମିଛ ସାମ୍ନାକୁ ଆସିଛି ବୋଲି କୁହାଯାଉଛି। ପାକିସ୍ତାନ ଦାବି କରିଥିଲା ଯେ, ସେ ଭାରତର ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ନଷ୍ଟ କରିଦେଇଛି। କିନ୍ତୁ ଭାରତୀୟ ସେନା ଏହାକୁ ଅସ୍ୱୀକାର କରିଥିଲା। ପାକିସ୍ତାନ ଦାବି କରିଥିଲା ଯେ, ଏହାର ଜେଏଫ୍-୧୭ ଯୁଦ୍ଧ ବିମାନ ଗୁଡ଼ିକ ଆଦମପୁରରେ ଭାରତର ଏସ୍-୪୦୦କୁ ଧ୍ୱଂସ କରିଦେଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ପୋଷ୍ଟ କରିଥିବା ଫଟୋରେ ଏସ୍-୪୦୦ ସମ୍ପୂର୍ଣ୍ଣ ଠିକ୍ ଦେଖାଯାଉଛି। ଏହାର ଅର୍ଥ ସ୍ପଷ୍ଟ ଯେ ଆତଙ୍କିତ ପାକିସ୍ତାନ ଏସ୍-୪୦୦ ସମ୍ପର୍କରେ ଭାରତ ବିରୁଦ୍ଧରେ ମିଥ୍ୟା ପ୍ରଚାର କରିଛି। ପାକିସ୍ତାନରେ ଏଭଳି କୌଣସି ସ୍ଥାନ ନାହିଁ ଯେଉଁଠି ଆତଙ୍କବାଦୀମାନେ ଶାନ୍ତିରେ ନିଶ୍ୱାସ ନେଇପାରିବେ। ଆତଙ୍କବାଦୀଙ୍କ ଘର ଭିତରେ ପ୍ରବେଶ କରି ସେମାନଙ୍କୁ ନିପାତ କରିବାର ସାମର୍ଥ୍ୟ ଭାରତର ରହିଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପଞ୍ଜାବସ୍ଥିତ ଆଦମପୁର ବାୟୁସେନା ଘାଟି ପରିଦର୍ଶନ ସମୟରେ 'ଅପରେସନ ସିନ୍ଦୂର'ର ସଫଳତା ନିମନ୍ତେ ବୀର ସୈନିକମାନଙ୍କୁ ପ୍ରଶଂସା କରି ଏହା କହିଛନ୍ତି ପ୍ରଧାନମନ୍ତ୍ରୀ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେଉଁମାନେ ଦୃଢ଼ ଲକ୍ଷ୍ୟ, ଅଦମ୍ୟ ସାହସ ଏବଂ ନିର୍ଭୀକତାର ପରିଚୟ ଦେଇଛନ୍ତି ସେମାନଙ୍କ ସହ କଥା ହେବା ସ୍ୱତନ୍ତ୍ର ଥିଲା। ସେ କହିଛନ୍ତି ଦେଶପାଇଁ ଆମ ସଶସ୍ତ୍ରବାହିନୀ ଯେଉଁ ସମର୍ପଣ ଭାବ ପ୍ରଦର୍ଶନ କରିଛନ୍ତି ସେଥିଲାଗି ସେ କୃତଜ୍ଞତା ପ୍ରକାଶ କରୁଛନ୍ତି। 'ଅପରେସନ ସିନ୍ଦୂର'ରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରର ଅନେକଗୁଡ଼ିଏ ଆତଙ୍କବାଦୀ ଶିବିରକୁ ନଷ୍ଟ କରିବା ସହ ଭାରତୀୟ ସେନା ଏହି ଅଭିଯାନରେ ଏକଶହରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଥିଲା। ସେ କହିଛନ୍ତି, ଆତଙ୍କୀମାନଙ୍କ ଆକ୍କା ଏବେ ଚିନ୍ତା କରୁଥିବେ ଯେ ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରିବାର ପରିଣାମ କିଭଳି ଭୟଙ୍କର ହୋଇପାରେ।

'ଅପରେସନ ସିନ୍ଦୂର' ଭାରତୀୟଙ୍କ ମନୋବଳ ବୃଦ୍ଧି କରିଛି ଓ ଦେଶବାସୀଙ୍କୁ ଏକ କରିଛି। ସେ କହିଛନ୍ତି, ଭାରତୀୟ ବାୟୁସେନା ମାତ୍ର ୨୦ରୁ ୨୫ ମିନିଟ ମଧ୍ୟରେ ସୀମାପାର ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରିଥିଲା। ଶ୍ରୀ ମୋଦୀ କହିଛନ୍ତି କିଭଳି ଆମ ସେନା ଓ ମେସିନ ସଠିକ ଢଙ୍ଗରେ ବିରୋଧୀଙ୍କୁ ଜବାବ ଦେଇଥିଲା।

ସୂଚନାଥାଉକି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନରେ ଆତଙ୍କବାଦୀ ଏବଂ ପାକିସ୍ତାନ ସରକାରଙ୍କୁ ଯେପରି ଶିକ୍ଷା ଦେଇଥିଲା, ତାହା ପରେ ଭାରତୀୟ ସଶସ୍ତ୍ର ବାହିନୀକୁ ସବୁଠି ପ୍ରଶଂସା କରାଯାଉଛି। ଭାରତର ତିନି ସେନା ପରସ୍ପର ସହିତ ସମନ୍ୱୟ ରକ୍ଷା କରି 'ଅପରେସନ ସିନ୍ଦୂର' ଚଳାଇବା ଏବଂ ପାକିସ୍ତାନକୁ ତାର ସ୍ଥାନ ଦେଖାଇବା ପାଇଁ ସବୁଠାରୁ ପ୍ରଶଂସା ପାଉଛି। 'ଅପରେସନ ସିନ୍ଦୂର'ରେ ସାରା ବିଶ୍ୱ ଭାରତୀୟ ଯବାନଙ୍କ ପରାକ୍ରମ ଦେଖିଲା। ଭାରତୀୟ ସେନାଙ୍କ ଅଦମ୍ୟ ସାହସ ଆଗରେ ପାକିସ୍ତାନୀ ସେନା ମୁଣ୍ଡ ନୁଆଁଇଲେ। ଏହାରି ଭିତରେ ଯବାନଙ୍କୁ ଉତ୍ସାହିତ କରିବାକୁ ମଙ୍ଗଳବାର ସକାଳେ ପଞ୍ଜାବ ସ୍ଥିତ ଆଦମପୁର ଏୟାରବେସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପହଞ୍ଚିଥିଲେ। ବର୍ତ୍ତମାନର ସ୍ଥିତି ନେଇ ବାୟୁସେନାର ବାହାଦୂର ଯବାନଙ୍କ ସହ ଆଲୋଚନା କରିଥିଲେ। ନିଜ ଗହଣରେ ପିଏମଙ୍କୁ ପାଇ ଯବାନମାନେ ଉତ୍ସାହିତ ହୋଇଥିଲେ। ସେପଟେ ଶ୍ରୀ ମୋଦୀ ଆଦମପୁର ଏୟାରବେସ୍‌ରେ ପହଞ୍ଚିବା ପରେ ପାକିସ୍ତାନର ମିଛ ପଦାରେ ପଡିଛି। କାରଣ ଭାରତର ସୈନ୍ୟ ଆଡ୍ଡା ଧ୍ୱଂସ କରିଦେଇଥିବା ପାକିସ୍ତାନ ମିଛ ପ୍ରଚାର କରିଥିଲା। ସେପଟେ ସାଉଥ୍ ବ୍ଲକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ସିଡିଏସ୍‌ଙ୍କ ସମେତ ୩ ସେନା ମୁଖ୍ୟ ଆଲୋଚନାରେ ସାମିଲ ହୋଇଛନ୍ତି। ଅସ୍ତ୍ରବିରତି ପରେ ଶ୍ରୀ ସିଂଙ୍କ ସ୍ଥିତି ସମୀକ୍ଷା କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଳାପ ...

ମୋହନ ଚରଣ ମାଝୀ। ସେ ଆହୁରି ଲେଖିଛନ୍ତି ଯେ ପ୍ରାକୃତିକ ବିପର୍ଯ୍ୟୟ ହେଉ, ସୀମାରେ ଉତ୍ତେଜନା ହେଉ କିମ୍ବା କୌଣସି ଜାତୀୟ ସଙ୍କଟ ହେଉ, ପ୍ରତ୍ୟେକ ସଙ୍କଟାପନ୍ନ ସମୟରେ ମୋଦୀଜୀ ସର୍ବଦା ଦେଶବାସୀଙ୍କ ସାଥିରେ ପର୍ବତ ପରି ଠିଆ ହୋଇଛନ୍ତି। ତାଙ୍କ ନେତୃତ୍ୱ, ସମ୍ବେଦନଶୀଳତା ଓ ଦୃଢ଼ ସଂକଳ୍ପ ଆଜି ଭାରତର ସବୁଠାରୁ ବଡ଼ ଶକ୍ତି। ଏଭଳି ଏକ କର୍ମଯୋଗୀ ପ୍ରଧାନମନ୍ତ୍ରୀଙ୍କ ପାଇଁ ସମଗ୍ର ଦେଶ ଗର୍ବିତ। ଜୟ ହିନ୍ଦ! ଜୟ ଭାରତ!

### ୧୧ ମାସରେ ଲୋକଙ୍କ...

ଖୋଲିବା ହେଉ କିମ୍ବା ମା'ମାନଙ୍କ ପାଇଁ ସୁଭଦ୍ରା ହେଉ, କି ଚାଷୀ ଭାଇମାନଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ହେଉ ମାତ୍ର ୨୪ ମିନିଟରେ ନିର୍ଣ୍ଣୟ ନେଇଥିଲୁ ଯାହା ଗତ ୨୪ ବର୍ଷରେ ହୋଇ ପାରି ନଥିଲା। ସୁଭଦ୍ରା ଓ ଚାଷୀମାନଙ୍କ ପାଇଁ ସହାୟତା ଆଜି ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜଭୁତ୍ କରିଛି । ଆହୁରି ମଧ୍ୟ ଚାଷୀଭାଇ ମାନଙ୍କ ପାଇଁ ଆମେ ସିଏମ୍ କିଷାନ ଯୋଜନା ଆରମ୍ଭ କରିଛୁ। ସୁଭଦ୍ରା ଯୋଜନାରେ ଆଜି ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହୋଇଛନ୍ତି। ରାଜ୍ୟର ୧୭ ଲକ୍ଷ ମହିଳା ଆଜି ଲକ୍ଷପତି ଦିଦି ହୋଇଛନ୍ତି। କେନ୍ଦ୍ରସରକାରଙ୍କ ସହଯୋଗରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବା ପାଇଁ ଯାଉଛି। ଆମ ସରକାର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। 'ଉତ୍କର୍ଷ ଓଡ଼ିଶା'ର ଅପାର ସଫଳତା ଆମ ପାଇଁ ଏହି ନୂଆ ସୁଯୋଗ ଆଣିଛି। ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ । ଜିଲ୍ଲାରେ ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବ। ଏହି ଶିଳ୍ପାୟନ ଜିଲ୍ଲାର ବିକାଶକୁ ଦ୍ୱିଗୁଣିତ କରିବା ସହିତ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମ ସରକାର ହେଉଛି, ଲୋକଙ୍କ ସରକାର। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ । ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ସରକାର ଓ ଜନ ପ୍ରତିନିଧିମାନେ ଶୁଣୁ ନଥିଲେ। ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ସେଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିଧାସଳଖ ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ତା'ର ସମାଧାନର ବ୍ୟବସ୍ଥା କରୁଛନ୍ତି । ଓଡ଼ିଶାର ବିଶେଷ କରି ଗ୍ରାମାଞ୍ଚଳର ମହିଳାମାନେ ଆଜି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ଓ ସ୍ୱାବଲମ୍ବୀ ହୋଇଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ନିଶ୍ଚିତ ରୂପେ ଏକ ଭଲ ସମୟ ଆସିଛି ବୋଲି ସେ କହିଥିଲେ। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ କୁହାଯାଉଛି '୩୬ ପାଇଁ ୩୬' । ଆପଣମାନଙ୍କ ସହଯୋଗରେ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ଉଦ୍ୟମରେ ଆମେ ଗଢ଼ିବୁ ସମୃଦ୍ଧ ଓଡ଼ିଶା। ଏହା ହେବ ଆମ ସମସ୍ତଙ୍କର ସ୍ୱପ୍ନର ଓଡ଼ିଶା। ସମୃଦ୍ଧ ଓଡ଼ିଶାରେ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ରଖିଛୁ । ତା'ସହିତ ସମାଜର ଶେଷ ଧାଡ଼ିରେ ରହୁଥିବା ଭାଇଭଉଣୀ ମାନଙ୍କୁ ଯେପରି ସବୁ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ୍ୟ ଆମର ଉଦ୍ୟମ ରହିଛି। ସମସ୍ତଙ୍କୁ ବିଶୁଦ୍ଧ ପାଣି, ଉନ୍ନତ ସ୍ୱାସ୍ଥ୍ୟ ସେବା, ଗୁଣାତ୍ମକ ବିଜୁଳି, ଗମନାଗମନ ସୁବିଧା ଏ ସବୁ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଶେଷରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ରାଶି, ଶ୍ରମିକ ମାନଙ୍କ କନ୍ୟା ମାନଙ୍କ ପାଇଁ ବିବାହ ପ୍ରୋତ୍ସାହନ ରାଶି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ମମତା ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲି ମୁର୍ମୁ, ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ଭାଦବ ହାଁସଦା ସ୍ୱାଗତଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଦ୍ୱାଦଶରେ ୮୮. ୩୯%, ଦଶମରେ...

ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ରେଜିଷ୍ଟ୍ରେସନ କରିଥିଲେ । ସେଥିମଧ୍ୟରୁ ୧୬ଲକ୍ଷ ୨୧ହଜାର ୨୨୪ରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଯେଉଁଥିରୁ ୧୪ଲକ୍ଷ ୨୬ହଜାର ୪୨୦ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ୧୯,୨୯୯ ସ୍କୁଲରେ ପରୀକ୍ଷା ହୋଇଥିଲା । ସେହିପରି ସିବିଏସଇ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ରେଜଲ୍ଟ ପ୍ରକାଶ ପାଇଛି। ଚଳିତ ବର୍ଷ ଦଶମ ଶ୍ରେଣୀରେ ପାସ୍ ହାର ୯୩. ୬୬ ପ୍ରତିଶତ ରହିଛି। ଓଡ଼ିଶାର ପାସ୍ ହାର ୯୨. ୪୦ ପ୍ରତିଶତ ରହିଥିବା ବେଳେ କେବଳ ଭୁବନେଶ୍ୱର ରିଜିୟନରେ ପାସ୍ ହାର ୯୨. ୬୪ ପ୍ରତିଶତ ରହିଛି। ସମଗ୍ର ଦେଶରେ ଝିଅଙ୍କ ପାସ ହାର ୯୫ ପ୍ରତିଶତ ରହିଥିବା ବେଳେ ପୁଅଙ୍କ ପାସ ହାର ୯୨. ୬୩ ପ୍ରତିଶତ ରହିଛି। ରିଜିଓନ୍ ଅନୁଯାୟୀ ସମଗ୍ର ଦେଶରେ ତ୍ରିଭେନ୍ଦ୍ରମ ଓ ବିଜୟୱାଡ଼ା ଉଭୟରେ ପାସ ହାର ୯୯.୭୯ ପ୍ରତିଶତ ରହିଛି । ଗତ ବର୍ଷ ପାସ୍ ହାର ୯୩. ୬୦ ପ୍ରତିଶତ ରହିଥିଲା। ଗତ ବର୍ଷ ତୁଳନାରେ ଚଳିତ ଥର ୦.୦୬ ପ୍ରତିଶତ ଅଧିକ ରହିଛି।

### ପିଓକେ ଭାରତର...

କଲ ଆସିଥିଲା। ଅସ୍ତ୍ରବିରତି ପାଇଁ ପାକିସ୍ତାନ ପ୍ରଥମେ ଅନୁରୋଧ କରିଥିଲା। ଭାରତର ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ନିଷ୍ପତ୍ତି ବଳବତ୍ତର ରହିଛି। ସିନ୍ଧୁ ଜଳ ଚୁକ୍ତି ସମ୍ପର୍କରେ ଭାରତର ନିଷ୍ପତ୍ତି ଅପରିବର୍ତ୍ତିତ ରହିଛି। ଯେ ପର୍ଯ୍ୟନ୍ତ ପାକିସ୍ତାନ ଅବିଶ୍ୱସନୀୟ କାର୍ଯ୍ୟ କରୁଥିବ ସେ ପର୍ଯ୍ୟନ୍ତ ସିନ୍ଧୁ ଜଳ ନିଷ୍ପତ୍ତି ସ୍ଥଗିତ ରହିବ ବୋଲି ସେ କହିଛନ୍ତି। ସୀମାପାର ଆତଙ୍କବାଦୀଙ୍କୁ ସମର୍ଥନ ବନ୍ଦ ନ କରିବା ଯାଏଁ ନିଷ୍ପତ୍ତି ବଳବତ୍ତର ରହିବ। ଦ୍ୱିପାକ୍ଷିକ ଆଲୋଚନାରେ ନିଷ୍ପତ୍ତି ନିଆଯିବ। ଅସ୍ତ୍ରବିରତି ସହିତ ଆମେରିକାକୁ ଯୋଡ଼ିବା ପ୍ରସଙ୍ଗରେ ବୈଦେଶିକ ମୁଖପାତ୍ର ଶ୍ରୀ ଜୟସ୍ୱାଲ କହିଥିଲେ ଯେ ଭାରତ-ପାକିସ୍ତାନ ଉତ୍ତେଜନାବେଳେ ଆମେରିକା ସହ ଆଲୋଚନା ହୋଇନାହିଁ। ସେହି ସମୟରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନା ହୋଇନାହିଁ। ଅସ୍ତ୍ରବିରତି ପାଇଁ ଭାରତୀୟ ସେନାର ପରାକ୍ରମ ବାଧ୍ୟ କରିଥିଲା। ପାକିସ୍ତାନ ଅନ୍ୟ ଉପାୟ ନ ପାଇ ଅସ୍ତ୍ରବିରତି ପ୍ରସ୍ତାବ ଦେଇଥିଲା ବୋଲି ସମ୍ବାଦିକ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ପ୍ରକାଶ କରିଛନ୍ତି।

### ଋଣ ନେବାରେ ...

ମହାରାଷ୍ଟ୍ର, ଯିଏକି ୪.୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛି। ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟ ପ୍ରମୁଖ ଋଣଗ୍ରହୀତା ଥିଲେ। ଏହି ଛଅଟି ରାଜ୍ୟ ମିଶିକି ଏହି ଅବଧିରେ ମୋଟ ଋଣର ଅଧାରୁ ଅଧିକ ଅଂଶ ହାସଲ କରିଛନ୍ତି। ତାମିଲନାଡୁ ଏବଂ ମହାରାଷ୍ଟ୍ର ଆର୍ଥିକ ବର୍ଷ ୨୦୨୧ ଏବଂ ଆର୍ଥିକ ବର୍ଷ ୨୦୨୫ ବେଳେ ଲଗାତାର ଶୀର୍ଷରେ ରହିଥିଲେ। ତାମିଲନାଡୁ ପ୍ରତିବର୍ଷ ଆଗରେ ରହିଛି, ଆର୍ଥିକ ବର୍ଷ ୨୦୨୧ ରେ ୮୭,୯୦୦ କୋଟି ଟଙ୍କାରୁ ଆରମ୍ଭ ହୋଇ ଆର୍ଥିକ ବର୍ଷ ୨୦୨୫ ରେ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆର୍ଥିକ ବର୍ଷ ୨୫ ଏପ୍ରିଲରୁ ଫେବୃୟାରୀ ମଧ୍ୟରେ, କର୍ଣ୍ଣାଟକ ୭୨,୦୨୫ କୋଟି ଟଙ୍କା ସହିତ ତୃତୀୟ ସର୍ବାଧିକ ଋଣଗ୍ରହୀତା ଥିଲା, ତା'ପରେ ଆନ୍ଧ୍ର ପ୍ରଦେଶ ୭୦,୦୫୭ କୋଟି ଟଙ୍କା ସହିତ ଦ୍ୱିତୀୟ ଏବଂ ରାଜସ୍ଥାନ ୬୩,୫୬୫ କୋଟି ଟଙ୍କା ସହିତ ତୃତୀୟ ସ୍ଥାନରେ ଥିଲା। ଆର୍ଥିକ ବର୍ଷ ୨୦୨୧ ଏବଂ ଆର୍ଥିକ ବର୍ଷ ୨୦୨୫ ଅପ୍ରେଲ-ସେପ୍ଟେମ୍ବର ମଧ୍ୟରେ ମହାରାଷ୍ଟ୍ର ଲୋନ୍‌ରେ ୧.୨ ଲକ୍ଷ କୋଟି ଟଙ୍କା ପରିଶୋଧ କରିଛି, ଯାହାକି ମୋଟ ଋଣ ମାମଲାରେ ସବୁଠାରୁ ଅଧିକ। ସେଭଳି ଏହି ସମୟ ମଧ୍ୟରେ ମୋଟ ଋଣ, ୩.୮ ଲକ୍ଷ କୋଟି ଥିଲା।

### ପୁଣି ହାତ ପତେଇବ ...

ସିଷ୍ଟମ ଗୁଡ଼ିକ ପାକିସ୍ତାନର ଆକ୍ରମଣକୁ ପ୍ରତିହତ କରିଥିଲେ । ଆମେରିକା ଆନାଲିଷ୍ଟ ସହର ଖାନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ଶେୟାର କରିଛନ୍ତି । ଏହି ସଂଘର୍ଷରେ ପାକିସ୍ତାନକୁ ପ୍ରାୟ ୪ ବିଲିୟନ ଡଲାରର କ୍ଷତି ହୋଇଥିବା ସେ କହିଛନ୍ତି । ମିଲିଟାରୀ ଅପରେସନରେ ପାକିସ୍ତାନ ପ୍ରତିଦିନ ୨୫ ନିୟୁତ ଡଲାର ଖର୍ଚ୍ଚ କରିଛି । ସେହିଭଳି ଡ୍ରୋନ ଏବଂ ମିଶାଇଲ ଅପରେସନ ଲାଗି ୩୦୦ ନିୟୁତ ଡଲାର, ଶେୟାର ବଜାରରେ ହ୍ରାସ ଯୋଗୁ ୨.୫ ବିଲିୟନ ଡଲାର, ପିଏସ୍‌ଏଲ୍ ନିଲମ୍ବନ ଯୋଗୁ ୧୦ ନିୟୁତ ଡଲାର ଏବଂ ଏୟାରସ୍ପେଶ ବନ୍ଦ ହେବା ଯୋଗୁ ୨୦ ନିୟୁତ ଡଲାର କ୍ଷତି ସହିଛି । ପାକିସ୍ତାନର ସ୍ଥିତି ଏବେ ଖରାପ ରହିଛି । ମୁଡିସ ରିପୋର୍ଟ ମୁତାବକ, ପାକିସ୍ତାନର ବିଦେଶୀ ମୁଦ୍ରା ଭଣ୍ଡାର ଦୁର୍ବଳ। ପାକିସ୍ତାନ ନିକଟରେ ୧୫ ବିଲିୟନ ଡଲାରର ବିଦେଶୀ ମୁଦ୍ରା ଭଣ୍ଡାର ରହିଛି । ଭାରତ ନିକଟରେ ୬୮୮ ବିଲିୟନ ଡଲାରର ବିଦେଶୀ ମୁଦ୍ରା ଭଣ୍ଡାର ରହିଛି । ୧୯୪୮ ପରଠୁ ପାକିସ୍ତାନ ଆମେରିକା ଠାରୁ ୪୦ ବିଲିୟନ ଡଲାରର ସହାୟତା ପାଇଛି । ସେହିଭଳି କାନାଡା, ବ୍ରିଟେନ, ୟୁରୋପ ଭଳି ଦେଶ ଗୁଡ଼ିକରୁ ପାକିସ୍ତାନ ୫୫ ବିଲିୟନ ଡଲାରର ସହାୟତା ପାଇଛି ବୋଲି ସୂଚନା ମିଳିଛି।

## ସାଆନ୍ତେ ଆସିବେ ବୋଲି... ସିଙ୍ଗଡ଼ା ବାଡ଼ିଆ ଅନୁକୂଳ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**



ରଥ ନିର୍ମାଣର ମଙ୍ଗଳବାର ଥିଲା ଦ୍ୱାଦଶ ଦିବସ। ଶ୍ରୀ ନୃସିଂହ ଦେବଙ୍କ ଜନ୍ମ ତିଥିରେ ବିଧି ମତେ ଗୁଜ କାଠ, ଅର, ତଥା ତୁମ୍ବରେ ଅର ସଂଯୋଗ ଏବଂ ଚଉପଟ ସାଲ ଗୁଜରେ ରୂପକାର ସେବକଙ୍କ ଦ୍ୱାରା ଶ୍ରୀନୃସିଂହ ଦେବଙ୍କ ରୂପ ଖୋଦେଇ ଅନୁକୂଳ ପର୍ବ କରାଯାଇ ଥିଲା। ରଥ ନିର୍ମାଣର ଦ୍ୱାଦଶ ଦିନରେ ରଥ ଖଳା ଯନ୍ତା ଗାଡ଼ଠାରେ ତିନି ରଥର ଗୋଟିଏ ଗୋଟିଏ ନାହାକା ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡ଼ିଆ ଅନୁକୂଳ ପୂଜା କରାଯାଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନି ରଥର ଭୋଇ ସେବକଙ୍କ ସହଯୋଗରେ ସିଙ୍ଗଡ଼ା ବାଡ଼ିଆ ଅନୁକୂଳ ସମ୍ପନ୍ନ ହୋଇଅଛି। ମଙ୍ଗଳବାର ତିନି ରଥର ଦୁଇ ଦୁଇଟି ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡ଼ିଆ ପରେ ତୁମ୍ବରେ ଅଖ ବିନ୍ଧ ପାଇଁ ଭୋଇ ସେବକମାନେ ତିନିରଥ ମହାରଣା ସେବକମାନଙ୍କୁ ଯୋଗାଇ ଦେଇଥିଲେ। ତିନିରଥ ମହାରଣା ସେବକ ସିଙ୍ଗଡ଼ାରେ ପଇ ରଖି ମାପ ଚିହ୍ନ ପକାଇବା ସହ ମାପ ପ୍ରକାରେ ବଳକା ଅରକୁ କାଟି ସାଲ କରିଥିଲେ। ତୁମ୍ବରେ ଅଖ ବିନ୍ଧ ପାଇଁ ଭୋଇ ସେବକ ମାନଙ୍କ ସହଯୋଗରେ ତୁମ୍ବ ବିନ୍ଧ କାରିଗରଙ୍କୁ ଯୋଗାଇ ଥିଲେ। ତୁମ୍ବ ବିନ୍ଧ କାରିଗର ତିନି ରଥର ଗୋଟିଏ ଗୋଟିଏ ତୁମ୍ବର ଅଖ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି। ବୁଧବାର ତିନି ରଥର ପଇ ବିନ୍ଧ ଅନୁକୂଳ ପୂଜା ତିନି ରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ତିନିରଥର ପଇ ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ଏଥିସହ ମଙ୍ଗଳବାର ତିନି ରଥର ୧୧ଟି ଲେଖାଏଁ ଗୁଜ, ୯ଟି ଲେଖାଏଁ ଜଳଯନ୍ତ୍ର ନିର୍ମାଣ ଶେଷ ହୋଇ ପାଞ୍ଚ ଦଣ୍ଡାକୁ ବାନ୍ଧି ରଖିବାକୁ ତିନି ରଥର କୁଡୁକା ଚଉପଟ କାର୍ଯ୍ୟ ଜାରି ରହିଛି। ଏଥିସହ ତିନି ରଥର ରୂପକାର ସେବକମାନେ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକ ମାନେ ଚକାଡେରା ନୀତି ପାଇଁ ଆବଶ୍ୟକ ତିନି ରଥର ୧୨ଟି ଅନୁକୂଳ ତୁମ୍ବ ପାଇଁ ଆବଶ୍ୟକ ପନ୍ଦାରିର ମଠା କାର୍ଯ୍ୟ ଶେଷ କରିଛନ୍ତି। ତିନି ରଥର ୮ଟି ଲେଖାଏଁ ୨୪ଟି ପନ୍ଦାରି ଚାବି ଶେଷ କରି ଅରକଣ୍ଟା ନିର୍ମାଣ ଜାରି ରଖିଛନ୍ତି। ମଙ୍ଗଳବାର ରଥ କାମରେ ମୋଟ ୧୮୩ ଜଣ ସେବକ ଅଂଶଗ୍ରହଣ କରିଥିଲେ। କୁମ୍ଭପଟିର ଦୁଇ ପାର୍ଶ୍ୱରେ ଥାଏ ମକରଦଣ୍ଡା। ଏହା ଉପରେ ଦୁଇ ପାର୍ଶ୍ୱରେ ଦୁଇଟି ଡେଣା ଲଗା ପରି ଦଣ୍ଡାୟମାନ ହୋଇଥାଏ। ରଥରେ ମକର ଦଣ୍ଡାର ସଂଯୁକ୍ତି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ସାଧାରଣତଃ ରଥର ପୂର୍ବ ସମ୍ମୁଖ ଦ୍ୱାର ଘୋଡ଼ାର ଠିକ୍ ତଳକୁ ଏହା ଥାଏ। ନାଟ ଖମ୍ବର ସଂଯୁକ୍ତି ସ୍ଥାନ ତଥା ସିଂହାସନର ଚାଳି, କନକ ମୁଣ୍ଡି ଓ କୁମ୍ଭପଟି ଦ୍ୱାରା ଶୋଭିତ ଷୋଳ ନାହାକା ସ୍ତମ୍ଭ ଉପରେ ଥାଏ। ରାଶି ମଣ୍ଡଳରେ ଥିବା ଦ୍ୱାଦଶ ରାଶିମାନଙ୍କ ମଧ୍ୟରେ ଦଶମ ରାଶି ହେଉଛି ମକର। ଡ.ତୁଳସୀ ଓଝାଙ୍କ ରଥ ସଂହିତା ମୁତାବକ, ମକର ଦଣ୍ଡାର ପ୍ରତୀକାତ୍ମକ ସଂଯୋଜନା ହେଉଛି କୁମ୍ଭୀର ଓ ଗଜରାଜଙ୍କ ମଧ୍ୟରେ ଘଟିଥିବା ଆକ୍ରମଣ ଘଟଣା। ଗଜ-କୁମ୍ଭୀର ମଧ୍ୟରେ ସଂଗ୍ରାମ ଚାଲିଥିବା ବେଳେ ବିଷ୍ଣୁ ଚକ୍ର ପେଶି ନକ୍ରକୁ ବିନାଶ କଲେ ଓ ଗଜକୁ ମୁକ୍ତ କଲେ। ପଦ୍ମବନ ଆସକ୍ତି ଚିତ୍ତର ଅଧୀନ ହେଲେ ମୋହମାୟା ଜାଲରେ ପଡ଼ି ଯନ୍ତ୍ରଣା ପାଏ। କୁମ୍ଭୀର ତାର ପ୍ରତୀକ। ବୁଦ୍ଧିମାନ ହୋଇ ମଧ୍ୟ ଆସକ୍ତ ହୋଇ ଯନ୍ତ୍ରଣା ଭୋଗ କରୁଥିବା ପ୍ରାଣୀ ଗଜ। ଏହି ସଂଗ୍ରାମ ଅହରହ ଚାଲିଥାଏ। କିନ୍ତୁ ଯେବେ ଚିତ୍ତ ମୋହମାୟାକୁ ବୁଝି ଶୁଦ୍ଧ ଚିତ୍ତ ହୋଇ ମୁକ୍ତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ ତାର କଷ୍ଟ ମୋଚନ ହୁଏ। ଶୁଦ୍ଧ ଜ୍ଞାନ ଲାଭ କରେ ଓ ସେ ନିସ୍ତାର ପାଏ। ମକର ଦଣ୍ଡା ଏହାର ପ୍ରତୀକାତ୍ମକ ସଂଯୋଜନା ଭାବେ ପ୍ରତୀୟମାନ।

## ବଜ୍ରପାତରେ ବାପ-ପୁଅଙ୍କ ସମେତ ୪ଜଣଙ୍କ ମୃତ୍ୟୁ : ଦୁଇ ଗୁରୁତର

**କିଶୋରନଗର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ବଜ୍ରପାତଜନିତ ଘଟଣାରେ ମଙ୍ଗଳବାର ୩ ଜଣଙ୍କର ମୃତ୍ୟୁ ଘଟିଛି। ଧାନ କ୍ଷେତରେ କାମ ଚାଲିଥିବା ବେଳେ ବଜ୍ରପାତ ଘଟିଛି। ଏଥିରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଅଛନ୍ତି। ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ୍ ନାକ୍‌ଚି ପଞ୍ଚାୟତ ଟକ୍‌ବା ଅଞ୍ଚଳରେ ମଙ୍ଗଳବାର ଅପରାହ୍ଣରେ ଏହି ଘଟଣା ଘଟିଛି। ମୃତ ବାପ-ପୁଅ ହେଲେ ପ୍ରଫୁଲ୍ଲ ମାଝୀ (୫୩) ଓ ପୁଅ ପ୍ରବୀଣ ମାଝୀ (୨୨)। ଆହତମାନେ ହେଲେ ବିରଞ୍ଚି ସେଠୀ(୩୧) ଓ ଅରୁଣ ବେହେରା(୫୮)।

ସୂଚନା ପ୍ରକାରେ ହଣ୍ଡପା ପଞ୍ଚାୟତ ବାଲିଖମଣ ଗ୍ରାମର ପ୍ରଫୁଲ୍ଲ ମାଝୀ, ପୁଅ ପ୍ରବୀଣ ମାଝୀ, ଟକ୍‌ବା ଗ୍ରାମର ବିରଞ୍ଚି ସେଠୀ(୩୧) ଓ ରାଣୀଭୂଇଁ ଗ୍ରାମର ଅରୁଣ ବେହେରା(୫୮)ଙ୍କ ସମେତ ମୋଟ ୭ ଜଣ ଶ୍ରମିକ ଡାଲୁଅ ଧାନ ସଂଗ୍ରହ କରିବା ପାଇଁ ଟକ୍‌ବା ଯାଇଥିଲେ। ଧାନ ବିଲରେ ୪ ଜଣ ପୁରୁଷ ଶ୍ରମିକ ଧାନବିଡ଼ା ବାନ୍ଧୁଥିବା ବେଳେ ୩ ଜଣ ମହିଳା ଶ୍ରମିକ ଖଳାକୁ ବୋହୁଥିଲେ। ଅପରାହ୍ଣରେ ହଠାତ୍ ଘଡ଼ଘଡ଼ି ମାରିବାରୁ ୩ ମହିଳା ଶ୍ରମିକ ଧାନବୋହି ଘରକୁ ପଳାଇ ଯାଇଥିଲେ। ବାକି ୪ ପୁରୁଷ ଧାନ ବିଲରେ ରହିଥିଲେ। ଏହି ସମୟରେ ଜୋର୍‌ରେ ବର୍ଷା ଓ ଘଡ଼ଘଡ଼ି ହେବାରୁ ଧାନବିଲ ନିକଟରେ ଥିବା ଏକ ଆମ୍ବଗଛ ପାଖକୁ ୪ ଜଣଯାକ ଦୌଡ଼ିଯାଇ ଆଶ୍ରୟ ନେଇଥିଲେ।

ଗଛତଳେ ଆଶ୍ରୟ ନେଇଥିବା ସମୟରେ ବଜ୍ରପାତ ହୋଇଥିଲା। ଏହାର ପ୍ରଭାବରେ ସମସ୍ତେ ଅଚେତ ହୋଇ ପଡ଼ିଯାଇଥିଲେ। କିଛି ସମୟ ପରେ ସେମାନଙ୍କ ମଧ୍ୟରୁ ଅରୁଣ ବେହେରାଙ୍କ ଚେତା ଫେରିଥିଲା। ସେ ଡାକ ପକାଇବାରୁ ଗାଁ ଲୋକ ସେଠାରେ ପହଞ୍ଚିଥିଲେ।

ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଚିକିତ୍ସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରଫୁଲ୍ଲ ମାଝୀ ଓ ପ୍ରବୀଣ ମାଝୀଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମୃତ ଘୋଷଣା କରିଥିଲେ। ବିରଞ୍ଚି ସେଠୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କିଶୋରନଗରରୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ରାଣୀଭୂଇଁ ଗ୍ରାମର ଅରୁଣ ବେହେରା କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବଜ୍ରପାତରେ ଆହତଙ୍କ ଚିକିତ୍ସା ସହାୟତା ଓ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ସେହିପରି ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଠରକସ ପୁରରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

## ଛତିଆରେ ବୋମା ମାଡ଼ : ୨ମୃତ ଜଣେ ଗୁରୁତର

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ମଙ୍ଗଳବାର ଅପରାହ୍ଣରେ ୧୬ନଂ ଜାତୀୟ ରାଜପଥର ଛତିଆ ନିକଟରେ ବୋମା ବିସ୍ଫୋରଣରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତରେ ଭାବେ ଆହତ ହୋଇଛି। ଗୁରୁତରକୁ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇ ବୈରୀ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ମୃତକଙ୍କ ପରିଚୟ ଜଣାପଡ଼ି ନାହିଁ। ଘଟଣାସ୍ଥଳରେ ଗୋଟିଏ ପଲସର ବାଇକ୍ ଓ ଗୋଟିଏ ସ୍କୁଟି ପଡ଼ିରହିଥିଲା। ବୋମାମାଡ଼ ଏତେ ତୀବ୍ର ଥିଲା ଯେ ଯୁବକଙ୍କ ଶରୀରର ଅଙ୍ଗ ଛିନ୍ନବିଚ୍ଛିନ୍ନ ହୋଇ ପଡ଼ିଥିଲା। ଛତିଆ ବାଇପାସ୍‌ର କୁଞ୍ଜିଆ ଛକ ନିକଟରେ ଏହି ବିସ୍ଫୋରଣ ଘଟିଛି।

## ବଙ୍ଗୋପସାଗରରେ ଉଡ଼ିଲା ଡ୍ରୋନ୍ : ଜଳପଥ ଦେଇ ଆସୁଥିବା ସନ୍ଦିଗ୍ଧଙ୍କ ଉପରେ ନଜର

**ଭୋଗରାଇ, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରେ ବୁଧବାର ସକାଳ ୧୦ଟାରେ ପ୍ରତିରକ୍ଷା ବିଭାଗ ଓ ତାଳସାରୀ ମେରାଇନ ଥାନା ସହଯୋଗରେ ଏକ ବଡ଼ ଡ୍ରୋନ୍ ଆକାଶମାର୍ଗକୁ ଛଡ଼ାଯାଇଛି । ଏହି ସାମରିକ ଡ୍ରୋନ୍ ବଙ୍ଗୋପସାଗରରେ ଜଳଯାନରେ ଆସୁଥିବା ସମସ୍ତ ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କ ଗତିବିଧି ଉପରେ ନଜର ରଖିବ ବୋଲି ଡ୍ରୋନ୍‌ର ଅପରେଟର କହିଛନ୍ତି।

ସୂଚନାନୁଯାୟୀ, ପାକିସ୍ତାନ ବିରୋଧରେ ଲାଗି ରହିଥିବା ଉତ୍ତେଜନାରେ ବିରାମ ଲାଗିଥିଲେ ହେଁ ଅପରେସନ ସିନ୍ଦୂର ଏବେବି ଜାରି ରହିଥିବାରୁ ସତର୍କ ଓ ସଜାଗ ରହିବା ପାଇଁ ପ୍ରତିରକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ପଡ଼ୋଶୀ ବାଂଲାଦେଶରେ ଅନ୍ତରିଣ ସରକାର ପାକିସ୍ତାନର ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବାର ଭାରତୀୟ ଗୋଇନ୍ଦା ସଂସ୍ଥା ଜାଣିବାପରେ ପଶ୍ଚିମବଙ୍ଗ ସଂଲଗ୍ନ ସୀମାନ୍ତ ଏବଂ ବଙ୍ଗୋପସାଗରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଓଡ଼ିଶା ଉପକୂଳରୁ ବାଂଲାଦେଶକୁ ଜଳପଥ ଆଧୁନିକ ଜଳଯାନରେ ଦୂରତ୍ୱ ୪ ରୁ ୫ ଘଣ୍ଟା ଲାଗୁଥିବାବେଳେ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ବଢ଼ିଛି। ଏଭଳି ସ୍ଥିତିରେ ବଙ୍ଗୋପସାଗରରେ ସମସ୍ତ ସନ୍ଦିଗ୍ଧ ଅନୁପ୍ରବେଶକୁ ନଜର ରଖିବା ନିମନ୍ତେ ପାରାଦୀପ ଓ ହଳଦିଆ ତଟରକ୍ଷୀ ବାହିନୀ ମିଳିତ ଭାବେ ସାମରିକ ଅଭିଯାନ ଜାରି ରଖିଥିବା ବେଳେ ଆକାଶ ମାର୍ଗକୁ ଛଡ଼ାଯାଇ ଥିବା ଡ୍ରୋନ ବିଶେଷ ଭାବେ ନଜରଦାରୀ ବଢ଼ାଯାଇଛି। ତାଳସାରୀ ମେରାଇନ ଥାନାକୁ ଆସିଥିବା ଏହି ଡ୍ରୋନକୁ ପରିଚାଳିତ କରିବାପାଇଁ ୩ ଜଣ ପ୍ରଶିକ୍ଷକ କେନ୍ଦ୍ରରୁ ଆସିଥିବା ବେଳେ ମେରାଇନ ଥାନାର ପୋଲିସ ମିଳିତଭାବେ ୨୪ ଘଣ୍ଟିଆ ତଲାସୀ ଅଭିଯାନ ଜାରିରହିଛି ବୋଲି ମେରାଇନଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ସୂଚନା ଦେଇଛନ୍ତି।

## ସ୍କୁଲ ପାଚେରି ଭାଙ୍ଗିଲେ ହାତୀପଲ

**ରାଇକିଆ, ନ୍ୟୁଜ୍‌ବ୍ୟୁରୋ**

ରାଇକିଆ ବ୍ଲକ୍ ରଣବା ପଞ୍ଚାୟତରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ସୋମବାର ମଧ୍ୟ ରାତିରେ ହାତୀପଲ ଡିମିରିପଲି ଗ୍ରାମରେ ଥିବା ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ଗୋଟିଏ ପାଖ ପାଚେରି ଓ ଫାଟକ ଭାଙ୍ଗିଛନ୍ତି। ବିଦ୍ୟାଳୟ ଭିତରେ ପଶି ଗୋପବନ୍ଧୁ କକ୍ଷର ଲୁହା କବାଟକୁ ମଧ୍ୟ ଧକ୍କା ମାରି ନଷ୍ଟ କରିଛନ୍ତି। କିଛିଦିନ ହେବ କରଡ଼ା ବନ୍ୟାଞ୍ଚଳର ଏହି ସବୁ ଅପହଞ୍ଚ, ଘଞ୍ଚ ଜଙ୍ଗଲ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ଅନେକ ଲୋକଙ୍କ ଫସଲ, ଘର ଭାଙ୍ଗି ନଷ୍ଟ ହୋଇଛି। ଏନେଇ ଲୋକେ ଭୟଭୀତ ହୋଇ ରହୁଛନ୍ତି। ଗତ ସପ୍ତାହରେ ୪ଜଣଙ୍କ ଘର ନଷ୍ଟ ହୋଇଛି।



## ପୁଣି ବାଘ ଆତଙ୍କ : ଗାଈକୁ ମାରି ଖାଇଲା କଲରାପତରିଆ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**



ନୂଆପଡ଼ା ଜିଲ୍ଲାରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ନୂଆପଡ଼ା ବନାଞ୍ଚଳ ଅଧୀନ ଧରମବନ୍ଧା ବିଟ୍ ଚୁଲାଭାଟ ପଞ୍ଚାୟତ ପଣ୍ଡରିପାଣି ଗାଁରେ ସୋମବାର ବିଳମ୍ବିତ ରାତିରେ ଏକ ଗାଈକୁ ମାରି ଖାଇଛି କଲରାପତରିଆ ବାଘ।

ମିଳିଥିବା ସୂଚନା ମୁତାବକ, ସୋମବାର ସନ୍ଧ୍ୟାରେ ପଣ୍ଡରିପାଣି ଗାଁର ମୁଞ୍ଜୁ ରାଉତ ନିଜ ଗାଈ ଏବଂ ବାଛୁରୀକୁ ବାନ୍ଧି ରାତିରେ ଖାଇ ଶୋଇଥିଲେ। ବିଳମ୍ବିତ ରାତ୍ରରେ ଏକ କଲରାପତରିଆ ବାଘ ଗୁହାଳରେ ପଶି ଗାଈକୁ ଆକ୍ରମଣ କରିଥିଲା। ସେହି ସମୟରେ ଗାଈମାନେ ହମ୍ବା ରଡ଼ି ଛାଡ଼ିଥିଲେ। ଗାଈ ମାଲିକ ଟର୍ଚ୍ଚ ଲାଇଟ୍ ଧରି ଆସି ଦେଖିଲା ବେଳକୁ ବାଘ ଗୁହାଳ ଡେଇଁ ପଳାଇ ଯାଇଥିଲା। ହେଲେ ସେତେବେଳକୁ ଏକ ଗାଈର ମୃତ୍ୟୁ ହୋଇସାରିଥିଲା। ଏନେଇ ନୂଆପଡ଼ା ବନ ବିଭାଗକୁ ଖବର ଦିଆଯାଇଥିଲା। ହେଲେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗତ ଦୁଇ ମାସ ହେଲା ବାଘ ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଗୃହପାଳିତ ପଶୁଙ୍କୁ ମାରି ଖାଉଛି। ଏନେଇ ଅଞ୍ଚଳରେ ଭୟର ବାତାବରଣ ଲାଗି ରହୁଛି। ସନ୍ଧ୍ୟା ହେଲେ ଲୋକେ ଭୟରେ ତାଟିକବାଟ ବନ୍ଦ କରି ରହୁଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH
WORKS DEPARTMENT
Tender call Notice
E-mail: pwdoffngd34@gmail.com
B-114

Bid Identification No. S.E-Nayagarh (R&B) Division- Online 01/2025-26

The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in double cover system in ONLINE MODE form eligible contractors for construction of Building work as detailed in the table below:

1. Nature of Work : Building & El Works.
2. No of Work : 6 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.14.05.2025 11.00 AM to Dt.23.05.2025 Up to 5.00 pm .
6. Date of opening of Bid : Dt.26.05.2025 at 11.00 AM
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer,
Nayagarh (R&B) Division, Nayagarh
OIPR-34138/11/0013/2526

ଭୁବନେଶ୍ୱର
୧୪ ମଇ,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ

# କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା

**ଭୁବନେଶ୍ୱର, ୧୩।୫ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶିତ ହୋଇଛି। ଏଥିରେ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଦ୍ୱାଦଶରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତ୍ରିଶା ରଥ କଳାରେ ସର୍ବାଧିକ ୯୯.୪ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହେବା ସହ ଆଞ୍ଚଳିକ ଟପ୍ପର ହୋଇଛନ୍ତି। ସେହିପରି ହଂସ ଦାରୁକା ବିଜ୍ଞାନରେ ସର୍ବାଧିକ ୯୮.୮ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଥିବା ବେଳେ ବାଣିଜ୍ୟରେ ଦୀପ୍ତି ସାହୁ ସର୍ବାଧିକ ୯୮.୬ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ଚଳିତବର୍ଷ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ୪୦ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଉତ୍କର୍ଷ ବଜାୟ ରଖିଛନ୍ତି। ଦଶମରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସ୍କୁଲ୍ର ଉଶ୍ୱସ୍ତି ଉବିକା ପାଟଶାଣୀ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ସେନ୍ ଗ୍ଲୋବ୍ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ: କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ରେ ସ୍ପେଶିଆଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବ୍ରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ମଧ୍ୟ ଏକ ପ୍ରଭାବଶାଳୀ ଫଳାଫଳ ରେକର୍ଡ କରିଛନ୍ତି। ସେନ୍ ଗ୍ଲୋବର ଚାରି ଜଣ ଛାତ୍ର ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଜଣେ ଛାତ୍ର ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀ ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ ସ୍କୁଲ୍ ପାଇଁ ଗୌରବ ଆଣିପାରିଛନ୍ତି। ଏଥିରେ ୭ଜଣ ଛାତ୍ରଛାତ୍ରୀ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ଜଣେ ୮୭ ପ୍ରତିଶତ ନମ୍ବର ରଖିବାରେ ସମର୍ଥ ହୋଇଛନ୍ତି। ସ୍କୁଲ୍ର ଏହି ସଫଳତାରେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୭ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି। ଏଥିପାଇଁ ସେ ସ୍କୁଲ୍ର ଚେୟାରପର୍ସନ ଡ. ମୋନାଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଇପାରୁଥିବାରୁ ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି। ମାନସିକସ୍ତରରେ ସେମାନେ ଦୁର୍ବଳ ଥିଲେ ମଧ୍ୟ ବହୁ କଷ୍ଟକରି ସେମାନେ ସଫଳତା ପାଇବା ସ୍କୁଲ୍ ପାଇଁ ଗର୍ବର ବିଷୟ ବୋଲି ଡ. ସାମନ୍ତ କହିଛନ୍ତି।




# ରଥ ଖଳାକୁ ଗଲା ଆଉ ୩୬ ଖଣ୍ଡ କାଠ

**ଭଞ୍ଜନଗର, ୧୩।୫ ନ୍ୟୁଜ ବ୍ୟୁରୋ**



ବିଶ୍ୱପ୍ରସିଦ୍ଧ ପୁରୀ ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ମଧ୍ୟରୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରୁ ୧୭୪ ଖଣ୍ଡ କାଠ ରଥ ଖଳାକୁ ଯାଇଛି। ପ୍ରଥମ ପର୍ଯ୍ୟାୟରେ ୬ ତାରିଖରେ ତାରସିଂ ରେଞ୍ଜରୁ ୨୩ ଖଣ୍ଡ କାଠ ରଥଖଳାକୁ ଯାଇଥିବା ବେଳେ ସୋମବାର ଆଉ ୩୬ ଖଣ୍ଡ ଧଉରା କାଠ ଗଣ୍ଡି ମୁଜାଗଡ଼ ରେଞ୍ଜ ବାଇବାଲି ନିକଟ ତଡମାରୁ ଯାଇଛି। ଏନେଇ ରଥକାଠ ବୋଝେଇ ଗାଡ଼ି ପୂଜାର୍ଚ୍ଚନା ପରେ ପୁରୀ ଅଭିମୁଖେ ଯାଇଛି। ଏହି ସମୟରେ ବାଟରେ ବାଇବାଲି, ବିରିକୋଟ, ଗୁଣ୍ଡିରିବାଡ଼ି, ମୁଜାଗଡ଼ ପ୍ରମୁଖ ଗ୍ରାମରେ ରଥ କାଠ ଗାଡ଼ିକୁ ଲୋକେ ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ସମ୍ପୃକ୍ତ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଜକୁ ୫ ବର୍ଷ ହେବ ପୁରୀ ରଥଯାତ୍ରା ପାଇଁ ଏହି ଦୁଇ ବନଖଣ୍ଡରୁ କାଠ ପଠାଯାଉଛି। କାଠ ଯିବା ସମୟରେ ଉତ୍ତର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଏସିଏଫ୍ ବିବେକ ଦାସ, ଡା. ରଶ୍ମି ରଞ୍ଜନ ସ୍ୱାଇଁ, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀ ରାଜ ପ୍ରଧାନ, ବନପାଳ ଅନୁପ ବିଷୋୟୀ, ବବୁଲ ସେଠୀ, ବ୍ଲକ୍ ଅଧ୍ୟକ୍ଷ ନରିସଭା ନାୟକ, ଏମ୍ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ସୁବାସ ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଗନ୍ଧମାର୍ଦ୍ଧନ ଲୋଡିଂ ଏଜେନ୍ସି ଏବଂ ପରିବହନ ସମବାୟ ସମିତି ଆର୍ଥିକ ଅନିୟମିତତା ମାମଲା

# ଜାମିନ ଆବେଦନ ଉପରେ ଶୁଣାଣି ଶେଷ : ରାୟ ସଂରକ୍ଷିତ

**କଟକ, ୧୩/୦୫ ନ୍ୟୁଜ ବ୍ୟୁରୋ**

ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ପରିବହନ ସମବାୟ ସମିତି ଆର୍ଥିକ ଅନିୟମିତତା ଅଭିଯୋଗରେ କ୍ରାଇମବ୍ରାଞ୍ଚ୍ ଇଓଡବ୍ଲୁ ଦ୍ୱାରା ଗିରଫ ହୋଇଥିବା ବିଜେଡି ଯୁବନେତା ରାଜା ଚକ୍ର ଓରଫ ସୌମ୍ୟଶଙ୍କର ଚକ୍ର, ସମିତିର ତତ୍କାଳୀନ ସଭାପତି ମାନସ ବାରିକ୍, ସମ୍ପାଦକ ଉତ୍କଳ ଦାସ, ସହଯୋଗୀ ସୁଶାନ୍ତ କୁମାର ସାମଲ ଓ ସୁଧାଂଶୁ ଶେଖର ନାୟକଙ୍କ ଜାମିନ ମାମଲାର ଶୁଣାଣି ଶେଷ ହୋଇଛି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି । ମାମଲାରୁ ଜଣାଯାଇଛି ଯେ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ପରିବହନ ସମବାୟ ସମିତିରେ ୩୫ କୋଟି ଟଙ୍କା ହେରଫେର ନେଇ ଅଭିଯୋଗ ହୋଇଥିଲା। ଏନେଇ ଇଓଡବ୍ଲୁ ପକ୍ଷରୁ ଚଢ଼ଉ କରାଯାଇ ଯାଞ୍ଚ କରାଯାଇଥିଲା। ଏହି ଏଜେନ୍ସି ଜରିଆରେ କେନ୍ଦୁଝରରେ ବିଭିନ୍ନ ଖଣିରୁ ଲୁହାପଥର ପରିବହନ କରାଯାଉଥିଲା। ଏଥିରେ କୋଟିକୋଟି ଟଙ୍କା ଜାଲିଆତି ହୋଇଥିବା ନେଇ ପ୍ରାଥମିକ ପ୍ରମାଣ ମିଳିଥିଲା। ଗିରଫଦାରୀ ଆଶଙ୍କା ଏଡାଇବା ପାଇଁ ଅଭିଯୁକ୍ତମାନେ ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତମାନଙ୍କ ଆଗୁଆ ଜାମିନ୍ ଆବେଦନକୁ ଖାରଜ କରି ଦେଇଥିଲେ। ଫଳରେ ଇଓଡବ୍ଲୁ ପକ୍ଷରୁ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପରେ ଏହି ଘଟଣାରେ ନିୟମିତ ଜାମିନ ପାଇଁ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଅଭିଯୁକ୍ତମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ବରିଷ୍ଠ ଆଇନଜୀବୀ ଅଶୋକ ମହାନ୍ତି, ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ପାର୍ଥସାରଥୀ ନାୟକ ମାମଲା ପରିଚାଳନା କରିଥିଲେ।



# ଅବସର ନେଲେ ସିଜେଆଇ ସଞ୍ଜୀବ ଖାନ୍ନା

**ନୂଆଦିଲ୍ଲୀ, ୧୩।୫**

ମୁଖ୍ୟ ବିଚାରପତି (ସିଜେଆଇ) ସଞ୍ଜିବ ଖାନ୍ନା ମଙ୍ଗଳବାର ଅବସର ନେଇଛନ୍ତି। ସୁପ୍ରିମକୋର୍ଟର ସମସ୍ତ ବିଚାରପତି ଏବଂ ବରିଷ୍ଠ ଓକିଲମାନେ ସିଜେଆଇଙ୍କ ଅବସର ଉପରେ ଭାଷଣ ଦେଇଥିଲେ। ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣ, ବରିଷ୍ଠ ଓକିଲ କପିଲ ସିବଲ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟା ମଧ୍ୟ ସିଜେଆଇଙ୍କ ସହିତ ବିତାଇଥିବା ଦିନଗୁଡ଼ିକ ଏବଂ ତାଙ୍କ ନିଷ୍ପତ୍ତିଗୁଡ଼ିକୁ ମନେ ପକାଇଥିଲେ। ଆଟର୍ଣ୍ଣି ଜେନେରାଲ ଭେଙ୍କଟରମଣ ସିଜେଆଇ ସଞ୍ଜିବ ଖାନ୍ନାଙ୍କ ପାଇଁ ବହୁତ ଭାବପ୍ରବଣ ହୋଇଗଲେ ଏବଂ କହିଲେ ଯେ ଏହା ମନେ ହେଉଛି ଯେ ତାଙ୍କ ଶିରାପ୍ରଶିରାରେ ସ୍ୱଷ୍ଟତା ଏବଂ ନ୍ୟାୟର ଆତ୍ମା ପ୍ରବାହିତ ହେଉଛି। ସେ ସିଜେଆଇ ଖାନ୍ନାଙ୍କୁ କହିଥିଲେ ଯେ ଆଜି ସମଗ୍ର କୋର୍ଟ ଆପଣଙ୍କ ପାଇଁ ଏଠାରେ ଏକତ୍ରିତ ହୋଇଛି, ଯାହା ଦର୍ଶାଉଛି ଯେ ଶହ ଶହ ଲୋକ ଆପଣଙ୍କ ମଙ୍ଗଳ କାମନା କରିବାକୁ ଚାହୁଁଛନ୍ତି। ଏଜି ଭେଙ୍କଟରମଣ କହିଥିଲେ ଯେ ସିଜେଆଇ ଜଣେ ଶାନ୍ତ ପ୍ରବାହିତ ନଦୀ ଯିଏ ଅନେକ ନ୍ୟାୟିକ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟା ମଧ୍ୟ ସେଠାରେ ଉପସ୍ଥିତ ଥିଲେ ଏବଂ କହିଥିଲେ ଯେ ସିଜେଆଇ ସଞ୍ଜିବ ଖାନ୍ନାଙ୍କ ରାୟ ସ୍ପଷ୍ଟ ଏବଂ ସଂକ୍ଷିପ୍ତ, ସେ ଥିସିସ ଏବଂ ନିଷ୍ପତ୍ତି ମଧ୍ୟରେ ପାର୍ଥକ୍ୟ ବଜାୟ ରଖିଛନ୍ତି। ଜଷ୍ଟିସ ହଂସରାଜ ଖାନ୍ନା ମଧ୍ୟ ତାଙ୍କ ଉପରେ ଗର୍ବ କରିବେ। ଜଷ୍ଟିସ ହଂସରାଜ ଖାନ୍ନା ସିଜେଆଇଙ୍କ କାକା ଥିଲେ। ଏସ ଜି ମେହେଟା ଜଷ୍ଟିସ ସଞ୍ଜିବ ଖାନ୍ନାଙ୍କୁ କହିଥିଲେ, 'ସିଜେଆଇ ସବୁବେଳେ ଧୈର୍ଯ୍ୟର ସହିତ ମାମଲା ଶୁଣିଛନ୍ତି ଏବଂ ମୁଁ ଗୋଟିଏ କଥା କହିପାରିବି ଯେ ଯେତେବେଳେ ମୁଁ ଆପଣଙ୍କ ଖଣ୍ଡପୀଠ ସମ୍ମୁଖରେ ଯୁକ୍ତି କରିଥିଲି, ମୋତେ ସବୁବେଳେ କିଛି ନୂଆ ଶିଖିବାକୁ ମିଳିଥିଲା। ବାଦୀମାନେ ମାମଲା ଜିତିପାରନ୍ତି କିମ୍ବା ହାରିପାରନ୍ତି, ଆମେ ଓକିଲ ଏବଂ ଆମେ କେବେ ହାରିବୁ ନାହିଁ।' ସୁପ୍ରିମକୋର୍ଟ ବାର୍ ଆସୋସିଏସନ ସଭାପତି ଏବଂ ବରିଷ୍ଠ ଓକିଲ କପିଲ ସିବଲ ସିଜେଆଇ ସଞ୍ଜିବ ଖାନ୍ନାଙ୍କ ଅବସର ସମ୍ପର୍କରେ କହିଛନ୍ତି ଯେ ମୁଖ୍ୟ ବିଚାରପତି ସର୍ବଦା ଯୁବକମାନଙ୍କୁ ମାମଲା ଯୁକ୍ତି କରିବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ ସିଜେଆଇ ହେଉଛନ୍ତି ସର୍ବୋତ୍ତମ ବିଚାରପତିମାନେ କିପରି ହେବା ଉଚିତ ତାହାର ପ୍ରତୀକ ଏବଂ ଜଣେ ବିଚାରପତିଙ୍କ ପାଖରେ ଯାହା ରହିବା ଉଚିତ ତାହା ଆପଣଙ୍କଠାରେ ଦୃଶ୍ୟମାନ। କପିଲ ସିବଲ କହିଛନ୍ତି ଯେ ଜଷ୍ଟିସ ସଞ୍ଜିବ ଖାନ୍ନା ଅବସର ନେଉଥିବାରୁ ସେ ଖୁସି ନୁହଁନ୍ତି। ତା'ପରେ ସେ ମଜାରେ ସିଜେଆଇ ସଞ୍ଜିବ ଖାନ୍ନାଙ୍କୁ ପଚାରିଲେ, 'କିନ୍ତୁ କାଲି ସକାଳେ ଉଠିଲେ, ତୁମର ଏହି ୨୦ବର୍ଷର ପୁରୁଣା ଅଭ୍ୟାସ ବିଷୟରେ ତୁମେ କ'ଣ କରିବ' କପିଲ ସିବଲଙ୍କ ଏହି ବୟାନରେ କୋର୍ଟରେ ସମସ୍ତେ ହସିଥିଲେ। କପିଲ ସିବଲଙ୍କ ଭାଷଣ ଉପରେ, ସିଜେଆଇ କହିଥିଲେ ଯେ ଆପଣ ଅତ୍ୟଧିକ ଉଦାରବାଦୀ ହେଉଛନ୍ତି।



# 'ଅପରେସନ ସିନ୍ଦୂର'ରେ ସହିଦ ହୋଇଥିବା ଭାରତୀୟ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ନୂଆଦିଲ୍ଲୀ, ୧୩/୫**

ଭାରତର ଅପରେସନ ସିନ୍ଦୂର ପାକିସ୍ତାନରେ ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲା। ଏହି ଅପରେସନରେ ଦେଶର ୩ ସେନା ଅଂଶଗ୍ରହଣ କରିଥିଲେ। ତେବେ ପାକିସ୍ତାନ ଜବାବୀ ଗୁଳିମାଡ଼ କରିଥିଲା। ଏହି ଆକ୍ରମଣରେ ୮ ଜଣ ଭାରତୀୟ ଯବାନ ମଧ୍ୟ ସହିଦ ହୋଇଥିଲେ। ସହିଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ସିଆଇଏସଏଫ। ସେମାନଙ୍କ ସାହସ ଏବଂ ବଳିଦାନକୁ ସମ୍ମାନିତ କରିଛି। ସିଆଇଏସଏଫ ଏହାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସହିଦ ସୈନିକଙ୍କ ଫଟୋ ସେୟାର କରିଛି। ଲେଖିଛନ୍ତି ଯେ ସିଆଇଏସଏଫ ଏବଂ ସମସ୍ତ ପଦାଧିକାରୀମାନେ ଅପରେସନ ସିନ୍ଦୂର ସମୟରେ କର୍ତ୍ତବ୍ୟ ସ୍ଥଳରେ ନିଜ ଜୀବନ ବଳିଦାନ ଦେଇଛନ୍ତି। ସାହସୀ ସୈନିକମାନଙ୍କୁ ହୃଦୟର ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତାଙ୍କ ସାହସ, ସାହସିକତା ଏବଂ ସର୍ବୋଚ୍ଚ ବଳିଦାନ ପାଇଁ ଦେଶ ସର୍ବଦା ଋଣୀ ରହିବ। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଆମର ଗଭୀର ସମବେଦନା। ଭାରତୀୟ ସେନା ଏହାର ପ୍ରେସ ବ୍ରିଫିଂରେ ଏହା ମଧ୍ୟ କହିଛି ଯେ ପାକିସ୍ତାନ ସେନା ମେ ୭ ରୁ ମେ ୧୦ ମଧ୍ୟରେ ନିୟନ୍ତ୍ରଣ ରେଖାରେ ତୋପ ଏବଂ ଗୁଳିଚାଳନା ଯୋଗୁଁ ପ୍ରାୟ ୩୫ ରୁ ୪୦ ଜଣ ଯବାନଙ୍କୁ ହରାଇଛି। ସେନା ସ୍ପଷ୍ଟ କରିଛି ଯେ ଆମର ଲଢ଼େଇ କେବଳ ଆତଙ୍କବାଦୀଙ୍କ ବିରୁଦ୍ଧରେ। ଆମେ କେବଳ ଆତଙ୍କବାଦୀମାନଙ୍କୁ ଟାର୍ଗେଟ କରିଥିଲୁ। ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ମେ ୬ ରାତି ଏବଂ ମେ ୭ ସକାଳେ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିର ଉପରେ ବିମାନ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରାଯାଇଥିଲା। ଏହା ସହିତ, ଏହି ଅପରେସନରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ। ଏହି ଅପରେସନ ପରେ ହୋଇଥିବା ଗୁଳିମାଡ଼ ଏବଂ ଆକ୍ରମଣରେ ୮ ଜଣ ଭାରତୀୟ ସେନା ସହିଦ ହୋଇଥିଲେ। ଦେଶ ସେବା କରିବା ସମୟରେ ଇମତିଆଜ ସହିଦ, ଦୀନେଶ ଶର୍ମା, ସଚିନ ଯାଦବ, କମଲ କାମ୍ବୋଜ, ଅମିତ ଚୌଧୁରୀ, ସୁରେନ୍ଦ୍ର ମୋଗ୍ରା ଏବଂ ସୁରଜ ଯାଦବ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି।




# ଭାରତ ସହ ଯୁଦ୍ଧ କରିବାକୁ ଚାହୁଁନାହାଁନ୍ତି ପାକିସ୍ତାନର ୨ କୋଟି ଲୋକ

**ନୂଆଦିଲ୍ଲୀ, ୧୩/୫**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ପରିସ୍ଥିତି ଏବେ ଉତ୍ତେଜନାପୂର୍ଣ୍ଣ ରହିଛି। ମେ ୭ରେ ଭାରତର ମିଶନ୍ ଅପରେସନ୍ ସିନ୍ଦୂର ଅଧୀନରେ ଆତଙ୍କବାଦୀ ଆଡ୍ଡା ଉପରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା, ଯେଉଁଥିରେ ପାକିସ୍ତାନକୁ ବହୁତ କ୍ଷତି ସହିବାକୁ ପଡିଛି। ଆଉ ଏହା ପରେ ଏବେ ପାକିସ୍ତାନୀ ଜନସାଧାରଣଙ୍କ ମତ ପଦାକୁ ଆସିଛି। ଗ୍ୟାଲପ୍ ପାକିସ୍ତାନର ସଦ୍ୟତମ ସର୍ଭେ ଅନୁଯାୟୀ, ପ୍ରାୟ ୨ କୋଟି ଲୋକ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯଦି ଭାରତ ସହିତ ଯୁଦ୍ଧ ହୁଏ, ତେବେ ସେମାନେ ପାକିସ୍ତାନୀ ସେନାକୁ ସମର୍ଥନ କରିବେ ନାହିଁ। ମେ ୭ ତାରିଖରେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ଏବଂ ପଞ୍ଜାବର କିଛି ଅଞ୍ଚଳରେ ଭାରତର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ପରେ ଏହି ସର୍ଭେ କରାଯାଇଥିଲା। ପାକିସ୍ତାନ ଉପରେ ପ୍ରତିଶୋଧ ନେବାକୁ ଯାଇ, ଭାରତୀୟ ସେନା ପାକିସ୍ତାନରେ ୧୦୦ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲା। କେବଳ ଏତିକି ନୁହେଁ, ୯ଟି ସ୍ଥାନରେ ଆକ୍ରମଣ କରି ପାକିସ୍ତାନର ଘୃଣ୍ୟ ଉଦ୍ଦେଶ୍ୟକୁ ଚେତାବନୀ ଦିଆଯାଇଥିଲା। ଭାରତୀୟ ସେନା କହିଥିଲା ଯେ, ଭାରତରେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ। ଏପରି କାର୍ଯ୍ୟାନୁଷ୍ଠାନ ପରେ, ପାକିସ୍ତାନ ସରକାର ମଧ୍ୟ ଭାରତ ବିରୁଦ୍ଧରେ ଅନେକ ମିଥ୍ୟା ଅଭିଯୋଗ ଆଣିଥିଲେ। ତଥାପି, ଏହା ସତ୍ତ୍ୱେ, ପାକିସ୍ତାନର ୨ କୋଟି ଲୋକ ଏହାର ସେନାକୁ ସମର୍ଥନ କରିବାକୁ ପ୍ରସ୍ତୁତ ନୁହଁନ୍ତି। ପ୍ରକୃତରେ ଏମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ପାକିସ୍ତାନର ବାସ୍ତବତା ଜାଣନ୍ତି। ଏହି ୨ କୋଟି ଲୋକ ବିଶ୍ୱାସ କରନ୍ତି ଯେ, ପାକିସ୍ତାନ ଯୁଦ୍ଧ କରିବା ଉଚିତ୍ ନୁହେଁ। ପାକିସ୍ତାନ ପାଇଁ ଭାରତ ଭଳି ଦେଶ ସହିତ ଯୁଦ୍ଧ କରିବା ନିଜ ଗୋଡରେ ନିଜେ ଗୁଳି ମାରିବା ଭଳି। ସାରା ବିଶ୍ୱ ଜାଣିଛି ଯେ, ପାକିସ୍ତାନ ଆଜିକାଲି କେଉଁ ପରିସ୍ଥିତି ଦେଇ ଗତି କରୁଛି। ଜିଡିପିଠାରୁ ଆରମ୍ଭ କରି ପାକିସ୍ତାନର ଅର୍ଥନୀତି ପର୍ଯ୍ୟନ୍ତ ସବୁକିଛି ଖରାପ ଅବସ୍ଥାରେ ଅଛି। ଏହି ସମସ୍ତ ଜିନିଷ ସ୍ପଷ୍ଟ କରୁଛି ଯେ, ଜନସାଧାରଣ ଯୁଦ୍ଧରୁ କ୍ଲାନ୍ତ ହୋଇସାରିଛନ୍ତି ଏବଂ ଏବେ ଆର୍ଥିକ ସ୍ଥିରତା ଏବଂ ଶାନ୍ତି ଚାହୁଁଛନ୍ତି। ଏହା ସହିତ ଅନେକ ଅଞ୍ଚଳରେ ପାକିସ୍ତାନୀ ସେନା ଦ୍ୱାରା କରା ଯାଇଥିବା ଅତ୍ୟାଚାର ଯୋଗୁଁ, ଲୋକମାନେ ସେନାକୁ ସମର୍ଥନ କରିବାକୁ ଚାହୁଁନାହାଁନ୍ତି। ଏହି ଗାଲପ୍ ସର୍ଭେରେ ପାକିସ୍ତାନୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ ୯୩ ପ୍ରତିଶତ ଲୋକ ବିଶ୍ୱାସ କରନ୍ତି ଯେ ସେମାନେ ଭାରତ ସହିତ ଯୁଦ୍ଧ ଚାହୁଁଛନ୍ତି। ସେହିପରି ସର୍ଭେରେ, ୭% ଅର୍ଥାତ୍ ପ୍ରାୟ ୨ କୋଟି ଲୋକ ବିଶ୍ୱାସ କରନ୍ତି ଯେ ଯଦି ଭାରତ ସହିତ ଯୁଦ୍ଧ ହୁଏ, ତେବେ ସେମାନେ ସେନାକୁ ସମର୍ଥନ କରିବେ ନାହିଁ। ଏହି ସର୍ଭେ କେବଳ ଏକ ପରିସଂଖ୍ୟାନ ନୁହେଁ ବରଂ ପାକିସ୍ତାନର ଆଭ୍ୟନ୍ତରୀଣ ରାଜନୈତିକ ଏବଂ ସାମାଜିକ ପରିସ୍ଥିତିର ଏକ ଛବି ।




# ବେଙ୍ଗାଲୁରୁକୁ ଚାଲାଣ ବେଳେ ଖୋର୍ଦ୍ଧା ରୋଡ଼ ରେଲୱେ ଷ୍ଟେସନରୁ ୧୨ ନାବାଳକ ଉଦ୍ଧାର

**ଖୋର୍ଦ୍ଧ ୧୩/୦୫ ନ୍ୟୁଜ ବ୍ୟୁରୋ**

୧୨ ନାବାଳକଙ୍କୁ ଖୋର୍ଦ୍ଧା ରୋଡ଼ ରେଲୱେ ଷ୍ଟେସନରୁ ଉଦ୍ଧାର କରାଯାଇଛି। ବେଙ୍ଗାଲୁରୁକୁ ପିଲା ଚାଲାଣ ବେଳେ ଉଦ୍ଧାର କଲା ଶିଶୁ ସୁରକ୍ଷା ଏବଂ ରେଲୱେ ପୋଲିସ ମିଳିତ ଟିମ୍। ଏନେଇ ରଚିକା ସମାଜ ମଙ୍ଗଳ ସଂଗଠନର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ମୁତାବିକ, ମଙ୍ଗଳବାର ଓଡ଼ିଶାର ବିଭିନ୍ନ ଜିଲ୍ଲାର ୧୨ ଜଣ ପିଲାଙ୍କୁ ବେଙ୍ଗାଲୁରୁକୁ କାମ କରିବା ପାଇଁ ଚାଲାଣ କରାଯାଉଥିଲା। ଏନେଇ ସୂଚନା ମିଳିବା ପରେ ରଚିକା ସମାଜ ମଙ୍ଗଳର ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ କର୍ମକର୍ତ୍ତା ଏକ ଟିମ୍ ଚାଇଲ୍ଡ ହେଲ୍ପ ଲାଇନ ଓ ରେଲୱେ ପୋଲିସ ମିଳିତ ଭାବେ ସକାଳ ୯ଟା ବେଳେ ଖୋର୍ଦ୍ଧା ରୋଡ଼ ରେଲୱେ ଷ୍ଟେସନରେ ଚଢ଼ଉ କରିଥିଲେ। ସେଠାର ସମସ୍ତ ୧୨ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଛି।

# 'ଅପରେସନ ସିନ୍ଦୂର'ର ସଫଳତା ପାଇଁ ବିଜେପିର ତ୍ରିରଙ୍ଗା ଯାତ୍ରା

**ନୂଆଦିଲ୍ଲୀ, ୧୩/୫**

ଭାରତୀୟ ଜନତା ପାର୍ଟି ମଙ୍ଗଳବାରଠାରୁ ସାରା ଦେଶରେ ତ୍ରିରଙ୍ଗା ଯାତ୍ରା ଆୟୋଜନ କରିଛି। ମଙ୍ଗଳବାରଠାରୁ ମେ' ୨୩ ପର୍ଯ୍ୟନ୍ତ ସାରା ଦେଶରେ ୧୦ ଦିନିଆ ତ୍ରିରଙ୍ଗା ଯାତ୍ରା କରାଯିବ। ଏହି ଯାତ୍ରାର ଉଦ୍ଦେଶ୍ୟ 'ଅପରେସନ ସିନ୍ଦୂର'ର ସଫଳତାକୁ ପାଳନ କରିବା ଏବଂ ଆତଙ୍କବାଦ ବିରୋଧରେ ଦେଶର ପ୍ରତିବଦ୍ଧତା ପ୍ରଦର୍ଶନ କରିବା। ସମ୍ବିତ ପାତ୍ର, ବିନୋଦ ତାୱଡେ ଓ ତରୁଣ ଚୁଘଙ୍କ ସମେତ ବରିଷ୍ଠ ବିଜେପି ନେତାମାନଙ୍କୁ ଯାତ୍ରାର ସମନ୍ୱୟ ଦାୟିତ୍ୱ ଦିଆ ଯାଇଛି। ଦଳର ଶୀର୍ଷ ନେତା, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀମାନେ ରାଜ୍ୟଗୁଡ଼ିକରେ ରାଲିର ନେତୃତ୍ୱ ନେବେ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଏହି ପଦକ୍ଷେପର ଲକ୍ଷ୍ୟ ସଶସ୍ତ୍ର ବାହିନୀକୁ ସମ୍ମାନିତ କରିବା। ତ୍ରିରଙ୍ଗା ଯାତ୍ରା ମାଧ୍ୟମରେ ବିଜେପି କେବଳ ଲୋକମାନଙ୍କୁ ଅପରେସନର ସଫଳତା ଜଣାଇବାକୁ ଚାହୁଁନାହିଁ ବରଂ ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମ ଏବଂ ଏକତାର ଭାବନା ଜାଗ୍ରତ କରିବାକୁ ଚାହୁଁଛି। ଦଳ ପକ୍ଷରୁ ସମସ୍ତ କର୍ମୀ ଏବଂ ନାଗରିକଙ୍କୁ ଏହି ଯାତ୍ରାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ନିବେଦନ କରାଯାଇଛି। ଏହି ଯାତ୍ରା ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବଡ଼ ସ୍ତରରେ ଆୟୋଜିତ ହେବ, ଯେଉଁଥିରେ ସଶସ୍ତ୍ର ବାହିନୀଙ୍କ ସମ୍ମାନାର୍ଥେ ବିଭିନ୍ନ ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ।



# ଡ୍ରାଇଭର ଓ କଣ୍ଡକ୍ଟରଙ୍କ ଆନ୍ଦୋଳନ
## ରାଜଧାନୀରେ 'ଆମ ବସ୍' ସେବା ଠପ୍

**ଭୁବନେଶ୍ୱର, ୧୩।୫ ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ସକାଳୁ 'ଆମ ବସ୍' ସେବା ଠପ୍ ହୋଇଯାଇଛି। ସୁରକ୍ଷା ଦାବିରେ ବସ୍ ଡ୍ରାଇଭର ଓ କଣ୍ଡକ୍ଟର ଆନ୍ଦୋଳନକୁ ଓହ୍ଲାଇଥିବାରୁ ଏହି ସେବା ଏକ ପ୍ରକାର ବନ୍ଦ ହୋଇଯାଇଥିଲା, ଫଳରେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନାଯୋଗ୍ୟ, ବିନା କାରଣରେ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ମାଡ଼ ଅଭିଯୋଗରେ ଏମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। 'ଆମ ବସ୍' ଡିପୋରେ ବସ୍ ରଖି ଏମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୂଚନାଯୋଗ୍ୟ, କିଛିଦିନ ତଳେ 'ଆମ ବସ୍' ବାରମ୍ବାର ଦୁର୍ଘଟଣା ଘଟାଉଥିବାରୁ ସାଧାରଣ ଜନତାଙ୍କ ଧନଜୀବନ ହାନି ହୋଇଥିଲା। ଦୁର୍ଘଟଣା ପରେ ଡ୍ରାଇଭରଙ୍କୁ ମାଡ଼ ମାରିବା, ବସ୍ ଭାଙ୍ଗିଦେବା ଆଦି ଘଟଣା ବି ଘଟିଥିଲା। ଏସବୁ ପରେ ମଙ୍ଗଳବାର 'ଆମ ବସ୍'ର ଡ୍ରାଇଭର ଓ କଣ୍ଡକ୍ଟର ଏହାକୁ ପ୍ରତିବାଦ କରି ଆନ୍ଦୋଳନକୁ ଓହ୍ଲାଇଥିଲେ।

# ଆଇଏମ୍ଏଫ୍ ପାଣ୍ଠି ଅପେକ୍ଷା ଦଶ ଗୁଣରୁ ଅଧିକ ପ୍ରତିରକ୍ଷା ବାବଦରେ ଖର୍ଚ୍ଚ କରୁଛି ପାକିସ୍ତାନ

**ନୂଆଦିଲ୍ଲୀ, ୧୩/୫**

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପାକିସ୍ତାନ ପାଇଁ ୨.୩ ବିଲିୟନ ଡଲାରର ଏକ ନୂତନ ପ୍ୟାକେଜକୁ ଅନୁମୋଦନ କରିଛି। ଏଥିମଧ୍ୟରୁ, ବିସ୍ତାରିତ ପାଣ୍ଠି ସୁବିଧା (ଇଏଫ୍ଏଫ୍) ଅଧୀନରେ ତୁରନ୍ତ ୧ ବିଲିୟନ ଡଲାର ଦିଆଯିବ ଏବଂ ୧.୩ ବିଲିୟନ ଡଲାର ଆରଏସ୍ଏଫ୍ ମାଧ୍ୟମରେ ଆସିବ । ସୀମାପାର ଆତଙ୍କବାଦ ପାଇଁ ପାକିସ୍ତାନର ନିରନ୍ତର ସମର୍ଥନକୁ ଭିତ୍ତି କରି ଭାରତ ପ୍ୟାକେଜରେ ଭୋଟ୍ ନ ଦେବାକୁ ସ୍ଥିର କରିଛି । ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଥିବା ପାକିସ୍ତାନ ବିଭିନ୍ନ ସମୟରେ ଆଇଏମଏଫ୍ ପାଖରୁ ଭିକ୍ଷା ମାଗୁଥିବା ଦେଖିବାକୁ ମିଳେ । ଆର୍ଥିକ ଦୁର୍ଦ୍ଦଶା, କମଜୋର ବୈଦେଶିକ ମୁଦ୍ରା ଭଣ୍ଡାର ଏବଂ ଦାୟିତ୍ୱ ପୂରଣ କରିବାରେ ଅକ୍ଷମତା ଦର୍ଶାଇ ଋଣ ମାଗେ ପାକିସ୍ତାନ।

ସେପଟେ ପାକିସ୍ତାନର ଆର୍ଥିକ ଅବସ୍ଥା କିମ୍ବା ବୈଦେଶିକ ସହାୟତା ଯାହା ହେଉ ନା କାହିଁକି, ତାହାର ପ୍ରତିରକ୍ଷା ବଜେଟ୍ କିନ୍ତୁ ସବୁବେଳେ ଊର୍ଦ୍ଧ୍ୱରେ ରହିଆସିଛି। ୧୯୯୯ରୁ ୨୦୨୩ ପର୍ଯ୍ୟନ୍ତ ପାକିସ୍ତାନ ଆଇଏମଏଫ୍ ପାଖରୁ ୨୨ ବିଲିୟନ ଡଲାରରୁ ଅଧିକ ଋଣ ପାଇଛି। ଏହି ପାଣ୍ଠି ଦେଶର ସଂଘର୍ଷପୂର୍ଣ୍ଣ ଅର୍ଥନୀତିକୁ ସ୍ଥିର କରିବା ପାଇଁ ଦିଏ ଆଇଏମଏଫ। କିନ୍ତୁ ଏହି ସମୟ ମଧ୍ୟରେ ପାକିସ୍ତାନ ଏହାର ପ୍ରତିରକ୍ଷା ଶକ୍ତି ବଢ଼ାଇବା ପାଇଁ ୧୮୦ ବିଲିୟନ୍ ଡଲାରରୁ ଅଧିକ ଖର୍ଚ୍ଚ କରିଛି। ପ୍ରତିବର୍ଷ ଆଇଏମ୍ଏଫ୍ ପାଣ୍ଠି ଅପେକ୍ଷା ପାଞ୍ଚରୁ ଦଶ ଗୁଣ ଅଧିକ ପ୍ରତିରକ୍ଷା ବଜେଟ୍ ଲାଗି ଖର୍ଚ୍ଚ କରୁଛି ପାକିସ୍ତାନ। ଉଦାହରଣ ସ୍ୱରୂପ, ୧୯୯୯ ମସିହାରେ ପାକିସ୍ତାନ ଆଇଏମ୍ଏଫ୍ ଠାରୁ ପ୍ରାୟ ୬୧୧ ନିୟୁତ ଡଲାର ପାଇଥିଲା। କିନ୍ତୁ ପ୍ରତିରକ୍ଷା ପାଇଁ ୩.୦୮ ବିଲିୟନ ଡଲାର ଖର୍ଚ୍ଚ କରିଥିଲା। ବର୍ଷ ପରେ ବର୍ଷ ଏହି ଧାରା ଜାରି ରହିଛି । ଯେତେ ଅଧିକ ସହାୟତା ଆସେ, ସେତେ ଅଧିକ ସାମରିକ ଶକ୍ତି ପାଇଁ ଖର୍ଚ୍ଚ କରେ ପାକିସ୍ତାନ । ୨୦୨୩ରେ ପାକିସ୍ତାନକୁ ଆଇଏମଏଫ ୧.୨ ବିଲିୟନ ଡଲାର ଦେଇଥିଲା। କିନ୍ତୁ ସେହି ବର୍ଷ ପାକିସ୍ତାନର ପ୍ରତିରକ୍ଷା ବଜେଟ ୮.୫୨ ବିଲିୟନ ଡଲାର ଥିଲା । ଯାହା ଆଇଏମଏଫ ସହାୟତାର ପ୍ରାୟ ସାତ ଗୁଣ ଅଧିକ ଥିଲା ।

୨୦୨୧ରେ, ଆଇଏମଏଫ ପାକିସ୍ତାନକୁ ଟିକସ ବୃଦ୍ଧି ଏବଂ ଶକ୍ତି ସବସିଡି ହ୍ରାସ କରିବାକୁ କହିଥିଲା। ଏହା ବଦଳରେ ଦେଶ ଏହାର ପ୍ରତିରକ୍ଷା ବଜେଟ ୧୧.୮୪ ବିଲିୟନ ଡଲାରକୁ ବୃଦ୍ଧି କରିଥିଲା । ଅର୍ଥାଭାବରୁ ଲୋକେ ଡହଳ ବିକଳ ହେଉଥିବା ବେଳେ ଦେଶର ପ୍ରତିରକ୍ଷା ବଜେଟ୍ରେ ହାତ ମାରିନାହାନ୍ତି ପାକିସ୍ତାନ ସରକାର। ଯେକୌଣସି ପରିସ୍ଥିତିରେ ପାକିସ୍ତାନ ସରକାର ଦେଶର ପ୍ରତିରକ୍ଷା ବଜେଟ୍କୁ ବଢ଼ାଇଛନ୍ତି । ୧୫ ବର୍ଷର ପ୍ୟାଟର୍ଣ୍ଣକୁ ଦେଖିଲେ ଆଇଏମଏଫ ସହାୟତା ମିଳୁ ବା ନମିଳୁ ପାକିସ୍ତାନ କିନ୍ତୁ ନିଜ ରକ୍ଷା ବଜେଟ୍ରେ କୌଣସି ସାଲିସ କରିନାହିଁ। ଉଦାହରଣ ସ୍ୱରୂପ, ୨୦୦୫-୦୬ ଏବଂ ୨୦୦୭ରେ ପାକିସ୍ତାନକୁ ଆଇଏମଏଫ୍ ପାଖରୁ କିଛି ଅର୍ଥ ମିଳିନଥିଲା । ଏହା ସତ୍ତ୍ୱେ ପାକିସ୍ତାନର ପ୍ରତିରକ୍ଷା ବଜେଟ୍ ଯଥାକ୍ରମେ ୪.୫୯ ବିଲିୟନ୍ ଡଲାର, ୪.୯୭ ବିଲିୟନ ଡଲାର ଏବଂ ୫.୩୪ ବିଲିୟନ୍ ଡଲାର ଥିଲା ।




## ଦେଶପ୍ରେମର ଅନନ୍ୟ ଉଦାହରଣ

# ୧୭ ନବଜାତ କନ୍ୟାଙ୍କ ନାମ ରଖାଗଲା 'ସିନ୍ଦୂର'



**ଲକ୍ଷ୍ନୌ, ୧୩।୫**

୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ, ଭାରତୀୟ ସେନା ଦ୍ୱାରା ଆରମ୍ଭ ହୋଇଥିବା ଅପରେସନ ସିନ୍ଦୂର ନାମକୁ ଲୋକମାନେ ପସନ୍ଦ କରୁଛନ୍ତି। ସେମାନେ ସେମାନଙ୍କ ଝିଅଙ୍କ ନାମ ସିନ୍ଦୂର ରଖିଛନ୍ତି।

କୁଶୀନଗର ଜିଲ୍ଲାରେ, ମେ ୭ ପରେ ଏକ ମେଡିକାଲ କଲେଜରେ ଦୁଇ ଦିନ ମଧ୍ୟରେ ଜନ୍ମ ହୋଇଥିବା ୧୭ ଜଣ ଝିଅଙ୍କ ନାମ ସେମାନଙ୍କ ମାତାପିତା ସିନ୍ଦୂର ରଖିଛନ୍ତି। ଯେତେବେଳେ ଦେଶର ତିନି ସେନା ଅପରେସନ ସିନ୍ଦୂର କରି ପାକିସ୍ତାନକୁ ଶିକ୍ଷା ଦେଉଥିଲେ, ସେତେବେଳେ ପ୍ରତ୍ୟେକ ନାଗରିକ ଅପରେସନ ସିନ୍ଦୂର ସହିତ ନିଜକୁ ଯୋଡ଼ି ହେଉଥିଲେ।

କୁଶୀନଗରରେ, ଲୋକଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଶୀର୍ଷରେ ଅଛି। ଯେତେବେଳେ ଦେଶର ସେନା ଅପରେସନ ସିନ୍ଦୂର ଚଳାଉଥିଲା, ସେହି ସମୟ ମଧ୍ୟରେ ସନ୍ତାନ ଜନ୍ମ କରିଥିବା ମହିଳାମାନେ ସେମାନଙ୍କ ଝିଅଙ୍କ ନାମ ସିନ୍ଦୂର ରଖିଥିଲେ। ଯଦିଓ ମହିଳାମାନେ ଦେଶର ସୀମାକୁ ଯୁଦ୍ଧ କରିବାକୁ ଯାଉନାହାଁନ୍ତି, ତଥାପି ସେମାନଙ୍କର ନବଜାତ ଝିଅଙ୍କ ନାମକରଣ ସିନ୍ଦୂର ରଖିବା ସେମାନଙ୍କର ଦେଶପ୍ରେମର ମନୋଭାବକୁ ପ୍ରଦର୍ଶନ କରିବା ପାଇଁ ଯଥେଷ୍ଟ।

ସମ୍ପର୍କୀୟମାନେ କୁହନ୍ତି ଯେ ଅପରେସନ ସିନ୍ଦୂରର ସଫଳତା ପରେ, ସିନ୍ଦୂର ଆଉ ଏକ ଶବ୍ଦ ନୁହେଁ ବରଂ ଏକ ଭାବନା। ସେଥିପାଇଁ ଆମେ ଆମ ଝିଅର ନାମ ସିନ୍ଦୂର ରଖିବାକୁ ନିଷ୍ପତ୍ତି ନେଇଛୁ।